

୧୦୦ ତମ ଟାଇଟଲ୍ ଜିତିଲେ ଜୋକୋଭିଚ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-327 •BHUBANESWAR •MONDAY •26 MAY 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୨ •ସଂଖ୍ୟା-୩୨୭ •ଭୁବନେଶ୍ୱର •ସୋମବାର •୨୬ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





# ଲାଲୁ ପରିବାରରେ ଝଡ଼

ପାଟନା, ୨୫।୫ (ଏଜେନ୍ସି):

ଆରଜେଡି ସୁପ୍ରିମ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ଝଡ଼ ସୃଷ୍ଟି ହୋଇଛି। ଏହି ଝଡ଼ ଅଚାନକ ଆସି ଲାଲୁ ପରିବାରକୁ ଭାଗ ଭାଗ କରିଦେଇଛି। ଶେଷରେ ବାପା ବାଧ ହୋଇ ବଡ଼ ପୁଅ ତେଜ ପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳ ଏବଂ ପରିବାରରୁ ବିଦା କରି ଦେଇଛନ୍ତି। ପୁଅ ଦାୟିତ୍ୱହୀନ କାମ କରିଛି ବୋଲି କହିଛନ୍ତି। ଫେସ୍‌ବୁକ୍‌ରେ ଲାଲୁ ନିଜେ ଏହି ସୂଚନା ଦେଇ ପୁଅ ନୈତିକ ମୂଲ୍ୟବୋଧ ଏବଂ ସଂସ୍କାରକୁ ଭୁଲି ଯାଇଥିବା ଅଭିଯୋଗ କରିଛନ୍ତି। ପୁଅର ବ୍ୟକ୍ତିଗତ ଜୀବନ ସାମାଜିକ ନ୍ୟାୟ ପାଇଁ ସାମୂହିକ ସଂଘର୍ଷକୁ ଦୁର୍ବଳ କରୁଛି। ଲୋକଲଜ୍ଜା ଦେଖି ପରିବାରରେ ନୀତି ଆଦର୍ଶରେ ପରିଚାଳିତ ହୋଇ ବିବେକର ସହ ନିଷ୍ପତ୍ତି ନେବାକୁ ଲାଲୁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଆଜିଠୁ ଦଳ ଏବଂ ପରିବାରରେ ତେଜପ୍ରତାପଙ୍କ କୌଣସି ଭୂମିକା ରହିବା ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ବିହାର ଏବଂ ଦେଶ ରାଜନୀତିରେ ଚର୍ଚ୍ଚାରେ ଥିବା ଏହି ଘଟଣା ପଛରେ ପୁଅ ତେଜପ୍ରତାପଙ୍କ ପ୍ରେମ କାହାଣୀ ରହିଛି। ଏହି ପ୍ରେମ କାହାଣୀ ଲାଲୁ ପରିବାର ପାଇଁ ଅସହ୍ୟ ହୋଇ ପଡ଼ିଛି।



- ବଡ଼ ପୁଅ ତେଜ ପ୍ରତାପ ଦଳରୁ ବହିଷ୍କୃତ
- ପରିବାରରୁ ମଧ୍ୟ ତଡ଼ା ଖାଇଲେ
- ଭାଇରାଲ ହେଉଛି ମହିଳାଙ୍କ ସହ ତେଜଙ୍କ ଫଟୋ

ଦିନକ ତଳେ ଶନିବାର ସନ୍ଧ୍ୟାରେ ତେଜ ପ୍ରତାପଙ୍କ ସହ ଜଣେ ମହିଳା (ଅନୁଷ୍କା ଯାଦବ) ଙ୍କ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ତେଜପ୍ରତାପଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅପ୍‌ଲୋଡ କରାଯାଇଥିଲା। ଉଭୟେ ୧୨ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିବା କହିଥିଲେ। ସମସ୍ତେ ସ୍ୱୀକାର କରିବେ ବୋଲି ଆଶା କରିଥିଲେ। ମାତ୍ର ଏହାର କିଛି ସମୟ ପରେ ସବୁ କିଛି ବଦଳି ଯାଇଥିଲା। ନିଜ ପରିବାର ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ତୀବ୍ର ବିରୋଧ କରିଥିଲା। ଏଥିପାଇଁ ଲାଲୁଙ୍କ ବଡ଼ ତନୟଙ୍କୁ ସାମ୍ନାକୁ ଆସିବାକୁ ପଡ଼ିଥିଲା। ସେ ଆଇଡି ହ୍ୟାକ ହୋଇଯାଇଥିବା ଏବଂ କେହି ଏଡିଟିଂ କରି ଫଟୋ ଅପଲୋଡ୍ କରିଥିବା କହିଥିଲେ। କିନ୍ତୁ ଏହା ପରେ ପରେ ସେହି ମହିଳାଙ୍କ ସହ ତେଜପ୍ରତାପଙ୍କ ୬ଟି ଫଟୋ ଏବଂ ୨ଟି ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ଉଭୟେ 'କରବା ଚୌଥ' ପାଳୁଥିବା ଫଟୋ ମଧ୍ୟ ସାମିଲ ଥିଲା। ତେଜପ୍ରତାପ ଦ୍ୱିତୀୟ ବିବାହ କରି ସାରିଥିବା ଲୋକେ ଅନୁମାନ କରୁଛନ୍ତି। କିନ୍ତୁ ଲାଲୁ ପରିବାରର ଏହି ଝଡ଼କୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ରାଚେଲ ଗୋଡିହ୍ନୋଙ୍କ ସହ ସାନ ପୁଅ ତେଜସ୍ୱୀର ପ୍ରେମ ବିବାହ କରାଇଥିବା ଲାଲୁ ଏହି ବିବାହରେ କାହିଁକି ରାଜି ନ ଥିଲେ ବୋଲି ପ୍ରଶ୍ନ ଉଠୁଛି।

ଯଦି ତେଜପ୍ରତାପ ୧୨ ବର୍ଷ ହେଲା ଭଲ ପାଉଥିଲେ ତେବେ ୨୦୧୮ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦାରୋଗା ରାୟଙ୍କ ନାତୁଣୀ ଐଶ୍ୱର୍ଯ୍ୟା ରାୟଙ୍କୁ ବିବାହ କରିବାକୁ କାହିଁକି ରାଜି ହୋଇଥିଲେ? ଏହା ପଛରେ ପିତା ଏବଂ ପରିବାରର ଚାପ ନ ଥିଲା ତ? ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବାପାଙ୍କ କଥାରେ ପଡ଼ି ତେଜପ୍ରତାପ ଆଉ ବାହା ହୋଇ ନ ଥିଲେ? ଏଥିପାଇଁ ତାଙ୍କ ବିବାହ ତିଷ୍ଠି ପାରି ନ ଥିଲା ତ? ସୂଚନାଯୋଗ୍ୟ ଯେ ଏବେ ଐଶ୍ୱର୍ଯ୍ୟା ଏବଂ ତେଜପ୍ରତାପଙ୍କ ବିବାହ ବିଚ୍ଛେଦ ମାମଲା କୋର୍ଟରେ ଚାଲିଛି। ଲାଲୁଙ୍କ ବଡ଼ ପୁଅ ମାଡ଼ ମାରି ଡ୍ରଗ୍ସ ଦେଉଥିଲେ ବୋଲି ଐଶ୍ୱର୍ଯ୍ୟା ଅଭିଯୋଗ କରିଥିଲେ। ଏହି ଖବର ଆସିବା ପରେ ଐଶ୍ୱର୍ଯ୍ୟାଙ୍କ ମା ପୁନମ ରାୟ କହିଥିଲେ ଯେ ପୂର୍ବରୁ ଏ ବିଷୟରେ ସେ ଜାଣିଥିଲେ। ସମସ୍ତେ ଏ ବିଷୟରେ ଜାଣିଛନ୍ତି। ଏଥିରେ କିଛି ଲୁଚାଛପା ନାହିଁ। ସେହିପରି ଏହି ପ୍ରସଙ୍ଗକୁ ନେଇ ତେଜସ୍ୱୀ କହିଛନ୍ତି ଯେ ସେ ଏଭଳି ମାମଲାକୁ ବରଦାସ୍ତ କରନ୍ତିନି। ଭାଇଙ୍କ କ୍ଷେତ୍ରରେ ରାଜନୈତିକ ଏବଂ ବ୍ୟକ୍ତିଗତ ଜୀବନ ଅଲଗା ଅଲଗା ହୋଇଥାଏ। ନିଜ ନିଷ୍ପତ୍ତି ନେବାରେ ସେ ସ୍ୱାଧୀନ।

# ତୁଣ୍ଡରେ ଲଗାମ ପାଇଁ ଅମାନିଆଙ୍କୁ ମୋଦୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଏନଡିଏ ନେତାମାନେ ସାଧାରଣରେ ଟିକା ଟିପ୍ପଣୀ ଦେବା ବେଳେ ଶାଳୀନତା ରକ୍ଷା କରନ୍ତୁ ଏବଂ ଅଯଥା କଥା କହି ବିବାଦୀୟ ପରିସ୍ଥିତି ସୃଷ୍ଟି ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ବିଶେଷକରି ଅପରେସନ ସିନ୍ଦୂରକୁ ନେଇ ଏନଡିଏର କିଛି ନେତା ଦେଇଥିବା ଟିପ୍ପଣୀ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ସ୍ଥିତିରୁ ବର୍ତ୍ତିବାକୁ ସେ କହିଛନ୍ତି। ଏନଡିଏ ଶାସିତ ରାଜ୍ୟରେ ସୁଶାସନ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ବିଷୟକୁ ନେଇ ରବିବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏନଡିଏ ନେତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ



ଅଧ୍ୟକ୍ଷତା କରି ଏହା କହିଛନ୍ତି। ଅପରେସନ ସିନ୍ଦୂରରେ ଅସ୍ତ୍ରବିରତି ପ୍ରସଙ୍ଗ ଏବେ ରାଜନୈତିକ ମହଲରେ ସବୁଠୁ ଚର୍ଚ୍ଚିତ ବିଷୟ ହୋଇଥିଲା ବେଳେ ମୋଦୀ ଏ ସମ୍ପର୍କରେ ମଧ୍ୟ ନେତାମାନଙ୍କୁ ସ୍ପଷ୍ଟ କରାଇ ଦେଇଛନ୍ତି। ପାକିସ୍ତାନର ଅନୁରୋଧ ପରେ ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ମୋଦୀ କହିଛନ୍ତି। କିନ୍ତୁ ଏହି ବିଷୟକୁ ନେଇ କୌଣସି ନେତା ଭୁଲ ତଥ୍ୟ ଦେଇ ଅଯଥା ଟିପ୍ପଣୀ ଦେବା ଉଚିତ ନୁହେଁ। ଏହାଦ୍ୱାରା ଦଳୀୟ ଛବି କ୍ଷୁଣ୍ଣ ହେବା ସହିତ କୌଣସି କାରଣ ନଥାଇ ବିବାଦୀୟ ସ୍ଥିତି ଉପୁଜୁଛି ବୋଲି ସେ କହିଛନ୍ତି। ଏହାଛଡ଼ା କୌଣସି ନେତା ସାଧାରଣରେ ଯେକୌଣସି ପ୍ରସଙ୍ଗରେ ଟିପ୍ପଣୀ ଦିଅନ୍ତୁ ନା କାହିଁକି , ତାଙ୍କ ବକ୍ତବ୍ୟ ଶାଳୀନ ଏବଂ ଶୃଙ୍ଖଳିତ ହେବା ଉଚିତ ବୋଲି ମୋଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅପରେସନ ସିନ୍ଦୂରକୁ ନେଇ ବହୁ ବିଜେପି ନେତା ଦେଇଥିବା ବୟାନ ନିକଟରେ ବିବାଦ ସୃଷ୍ଟି କରିଥିଲା। ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଡାଙ୍କ ଭଳି କିଛି ନେତାଙ୍କ ବୟାନ ବିବାଦ ବଢାଇଥିବାରୁ ଏଥିରୁ ନିବୃତ୍ତ ହେବାକୁ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏନଡିଏ ଶାଶିତ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ କିଛି କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ରହିଥିଲେ।

## କାହିଁକି ଛାଡ଼ିଲେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା

ଲଣ୍ଡନ, ୨୫।୫ (ଏଜେନ୍ସି): ହାଇଦରାବାଦରେ ଜାରି ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅତିଥିଙ୍କୁ ଖୁସି କରିବା ପାଇଁ ଚାପ ପକାଯାଉଛି। ଅର୍ଥ ଲଗାଣକାରୀଙ୍କ ସହ ସମ୍ପର୍କ ବଢ଼ାଇବାକୁ କୁହାଯାଉଛି। ବେଶ୍ୟା ଭଳି ବ୍ୟବହାର କରାଯାଉଛି। ଆୟୋଜକମାନେ ଅସମ୍ମାନ କରୁଛନ୍ତି। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ଛାଡ଼ି ଚାଲି ଯାଇଥିବା ମିସ୍ ଇଂଲଣ୍ଡ ମିଲା ମାଗି ଇଂଲଣ୍ଡର ଏକ ଖବରକାଗଜକୁ ସାକ୍ଷାତକାର ଦେଇ ଏଭଳି ଗୁରୁତର ଅଭିଯୋଗ ଲଗାଇଛନ୍ତି। ମିସ୍ ୱାର୍ଲ୍ଡର ସିଇଓ ଜୁଲିଆ ମାର୍ଲେ ବିବୃତ୍ତି ଜାରି କରି ଏହି ଅଭିଯୋଗକୁ ଖାରଜ କରିଦେଇଛନ୍ତି। ମା'ଙ୍କ ଦେହ ଖରାପ ଥିବା କହି ମିଲା ପ୍ରତିଯୋଗିତା ଛାଡ଼ିଥିବା କହିଛନ୍ତି।



**ଅତିଥିଙ୍କୁ ଖୁସି କରିବାକୁ ପକା ଯାଉଥିଲା ଚାପ**

ଗତ ୭ ତାରିଖରେ ହାଇଦରାବାଦରେ ପହଞ୍ଚି ଥିବା ମିଲା ୧୬ରେ ପ୍ରତିଯୋଗିତା ଛାଡ଼ି ବ୍ରିଟେନ ଫେରି ଯାଇଥିଲେ। ମିସ୍ ୱାର୍ଲ୍ଡରେ ପ୍ରଥମ ଥର ପାଇଁ ଇଂଲଣ୍ଡର ପ୍ରତିନିଧିତ୍ୱ କରୁଥିବା ପ୍ରତିଯୋଗୀ ଅଚାନକ ବଦଳି ଯାଇଥିଲେ। ମିଲାଙ୍କ ସ୍ଥାନରେ ମିସ୍ ଇଂଲଣ୍ଡ ରନର୍ସ ଅପ୍ ସାମିଲ ହୋଇଥିଲେ। ତେବେ ମିଲା ଅଭିଯୋଗ କରିଥିଲେ ଯେ ପ୍ରତିଯୋଗିତାରେ ଅଧିକ ବୟସର ପୁରୁଷଙ୍କ ସହ ସମୟ ବିତାଇବାକୁ, ଭାବ ବଢ଼ାଇବାକୁ କୁହାଯାଇଥିଲା। ଏଥିପାଇଁ ସବୁ ପ୍ରତିଯୋଗୀଙ୍କୁ ଦିନ ଯାକ ମେକ୍‌ଅପ୍‌ରେ ରହିବାକୁ ପଡୁଥିଲା। ଜଳଖିଆ କରିବା ସମୟରେ ବି ଗାଉନ ପିନ୍ଧିବାକୁ କୁହାଯାଉଥିଲା। ପ୍ରତି ଟେବୁଲରେ ୬ ଜଣ ଅତିଥି ଏବଂ ୨ ଜଣ ଯୁବତୀଙ୍କୁ ବସା ଯାଉଥିଲା। ଅତିଥିଙ୍କୁ ଖୁସି କରିବାକୁ ଝିଅଙ୍କୁ କୁହାଯାଉଥିଲା। ଏହା ଦେଖି ବହୁତ ଖରାପ ଲାଗିଥିଲା। ଏପରି କରି ତାଙ୍କୁ ବେଶ୍ୟା ଭଳି ଅନୁଭବ ହେଉଥିଲା। ଏଠାରେ ଖରାପ ଲାଗିବା ଭଳି ଆଲୋଚନା ହେଉଥିଲା। ଭାଗ ନେଇଥିବା ୧୦୯ ଯୁବତୀଙ୍କୁ ମାଙ୍କଡ଼ ଭଳି ବ୍ୟବହାର କରାଯାଉଥିଲା। ତେଣୁ ଏହାକୁ ବରଦାସ୍ତ କରିପାରିଲି ନାହିଁ ବୋଲି ମିଲା କହିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନା ସରକାର ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

■ ଚିନ୍ତାରେ ପାକିସ୍ତାନ ସରକାର

## ଅସ୍ତିତ୍ୱ ପାଇଁ ଭାରତ ବିପଦ

ୱାଶିଂଟନ୍,୨୫।୫(ଏଜେନ୍ସି): ଭାରତକୁ ପାକିସ୍ତାନ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସବୁଠୁ ବଡ଼ ବିପଦ ବୋଲି ଚିନ୍ତା କରୁଛି। ଏଥିପାଇଁ ପାକିସ୍ତାନ କ୍ରମାଗତ ଭାବେ ନିଜର ସେନାର ଆଧୁନିକୀକରଣ କରିବା ସହିତ ନୂଆ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ପରମାଣୁ ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରିଆସୁଛି ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ଗୁଇନ୍ଦା ଏଜେନ୍ସି ଦ୍ୱାରା ପ୍ରକାଶ କରାଯାଇଥିବା 'ୱାର୍ଲଡ ଥ୍ରେଟ୍ ଆସେସମେଣ୍ଟ ରିପୋର୍ଟ'ରେ କୁହାଯାଇଛି। ପାକିସ୍ତାନର ଅସ୍ତିତ୍ୱ ପାଇଁ ଭାରତ ବିପଦ ହୋଇ ରହିଆସିଛି। ତେଣୁ ପାକିସ୍ତାନ ନିଜର ପରମାଣୁ ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ, ପରମାଣୁ କମାଣ୍ଡ ସେଣ୍ଟରର ରକ୍ଷଣାବେକ୍ଷଣ ଏବଂ ସାମୂହିକ ବିଧ୍ୱଂସକାରୀ ଅସ୍ତ୍ର ମହଜୁଦ ରଖିବାକୁ ସର୍ବଦା ଗୁରୁତ୍ୱ ଦେଇଆସିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।ଅନ୍ୟପକ୍ଷରେ ପାକିସ୍ତାନ ପାଇଁ ଚୀନ ଭରସାଯୋଗ୍ୟ ହୋଇଛି। ପାକିସ୍ତାନ ଚୀନ୍ ଠାରୁ ମିଲିଟାରୀ ସହାୟତା ହାସଲ କରିବା ସହିତ ଏଠାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରିବା ଏବଂ ଚୀନ୍ ସେନା ସହିତ ମିଳିତ ସମରାଭ୍ୟାସ କରିବାକୁ ଗୁରୁତ୍ୱ ଦେଇଛି ବୋଲି କୁହାଯାଇଛି। ଏପରିକି 'ଡବ୍ଲ୍ୟୁଏମଡି (ୱିପନସ୍ ଅଫ୍ ମାସ୍ ଡିଷ୍ଟ୍ରକ୍ସନ) କ୍ରୟ କରିବାକୁ ମଧ୍ୟ ପାକିସ୍ତାନ ଚୀନ୍‌କୁ ଭରସା କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

## 'ଯୁଦ୍ଧ ଲଗାଇ ଅର୍ଥ ଉପାର୍ଜନ କରୁଛି ଆମେରିକା'

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଆମେରିକା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଆମେରିକା ଅର୍ଥ ଉପାର୍ଜନ କରିବାକୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲଗାଇବାକୁ ପଛାଉ ନାହିଁ। ଦେଶ ଦେଶ ମଧ୍ୟରେ ଶତ୍ରୁତା ବଢାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବାକୁ ରଣନୀତି ପ୍ରସ୍ତୁତ କରିବା ସହିତ ଅର୍ଥ ଉପାର୍ଜନ କରୁଛି ବୋଲି ସେ କହିଛନ୍ତି। ଆମେରିକା ବିରୋଧରେ ଖୱାଜା ଆସିଫଙ୍କ ଏଭଳି ରୋଚକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବାଂଲାଦେଶକୁ ଆମେରିକା ହାତରେ ଟେକିଦେଇଛନ୍ତି ୟୁନୁସ୍ : ହାସିନା

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ନେଇ ଏବେ ରାଜନୈତିକ ଦୃଶ୍ୟପଟ୍ଟରେ ଭିନ୍ନ ସ୍ଥିତି ଦେଖିବାକୁ ମିଳିଛି। ଗୋଟିଏ ପଟେ ବାଂଲାଦେଶ ସେନା ମୁଖ୍ୟ ୱାକର ଜମାନ ୟୁନୁସ୍ ବିରୋଧୀ ହୋଇ ପଡ଼ିଥିଲା ବେଳେ ଅନ୍ୟପଟେ ନିର୍ବାଚନ ହେଉ ନଥିବାରୁ ବହୁ ରାଜନୈତିକ ଦଳ ୟୁନୁସ୍‌ଙ୍କ ଆଭିମୁଖ୍ୟକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୟୁନୁସଙ୍କୁ ନେଇ ବଡ଼ ଅଭିଯୋଗ ଆଣିଛନ୍ତି। ୟୁନୁସ ବାଂଲାଦେଶକୁ ଆମେରିକା ହାତରେ ବିକ୍ରି କରିଦେବାକୁ ଯୋଜନା କରିଛନ୍ତି ବୋଲି ହସିନା କହିଛନ୍ତି। ହସିନା ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ,



'ୟୁନୁସ୍ କଠୋରପନ୍ଥୀ ସଂଗଠନଗୁଡିକୁ ହାତ କରି କ୍ଷମତା ଦଖଲ କରିଛନ୍ତି। ଏପରିକି ଯେଉଁସବୁ ସଂଗଠନଗୁଡିକୁ ଆନ୍ତର୍ଜାତିକ ସ୍ତରରେ ନିଷିଦ୍ଧ କରାଯାଇଛି ସେମାନଙ୍କୁ ହାତ ବାରିସି କରି ୟୁନୁସ୍ ବାଂଲାଦେଶ କ୍ଷମତା ହାସଲ କରିବା ସହିତ ବର୍ତ୍ତମାନ ସେମାନଙ୍କ ଜରିଆରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ବିଦେଶୀ ସହାୟତା ମଧ୍ୟ ପାଉଛନ୍ତି। ଯେଉଁ କଠୋରପନ୍ଥୀ ସଂଗଠନ ଠାରୁ ଆମେ ବାଂଲାଦେଶର ଲୋକଙ୍କୁ ସୁରକ୍ଷା ଦେଇ ଆସିଥିଲୁ ୟୁନୁସ୍ ବର୍ତ୍ତମାନ ସେସବୁ ଗୋଷ୍ଠୀଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏଭଳି ସଂଗଠନର ବହୁ ନେତାଙ୍କୁ ଆମ ସରକାର ଗିରଫ କରିଥିଲା। କିନ୍ତୁ ୟୁନୁସ୍ ସରକାର ସେମାନଙ୍କୁ ପରବର୍ତ୍ତୀ ସମୟରେ ମୁକ୍ତ କରି ସେମାନଙ୍କୁ ହାତ ବାରିସି କରି ଶାସନ ଚଳାଇଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବଙ୍ଗୀୟ ଜାତିର ମୁକ୍ତି ସଂଗ୍ରାମ ଏବଂ ସମ୍ବିଧାନକୁ ନେଇ ବାଂଲାଦେଶ ବହୁତ କିଛି ହାସଲ କରିଥିଲା। ହେଲେ ସେସବୁକୁ କ୍ଷୁଣ୍ଣ କରାଯାଇ ଏବେ କାର୍ଯ୍ୟ କରାଯାଉଛି। ୟୁନୁସ ଦେଶର ମୁଖ୍ୟ ପରାମର୍ଶଦାତା ପଦବୀରେ ରହିବାର କୌଣସି ଆଧାର ନାହିଁ ବୋଲି ହସିନା କହିଛନ୍ତି।

## କଣ୍ଡୋମ୍ ଲଗାଇ ସୁନା ଚାଲାଣ

ମୁରାଦାବାଦ, ୨୫।୫ (ଏଜେନ୍ସି): ଉତ୍ତର ପ୍ରଦେଶ ମୁରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏନ୍‌କାଉଣ୍ଟର ପରେ ଦୁବାଇରୁ ସୁନା ଚୋରା ଚାଲାଣ କରୁଥିବା ଏକ ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ଅପହରଣକାରୀଙ୍କ କବ୍‌ଜାରୁ ମୁକ୍ତ କରି ମୁରାଦାବାଦ ପୁଲିସ ଗିରଫ କରିଛି। ଯଦି ପୁଲିସ ପହଞ୍ଚିବାରେ ସାମାନ୍ୟ ବିଳମ୍ବ କରିଥାଆନ୍ତା ତେବେ ଜାଲ୍ ସୀମାଶୁଳ୍କ ଅଧିକାରୀ ହୋଇ ଆସିଥିବା ଅପହରଣକାରୀ ସୁନା ବାହାର କରିବା ପାଇଁ ଏହି ୬ ଜଣଙ୍କ ପେଟ ଚିରି ଦେଇଥାନ୍ତେ। ପୁଲିସ ୨ ଅପହରଣକାରୀଙ୍କୁ ଗୁଳି କରି ଧରିଥିଲା।

ମୁରାଦାବାଦ ଏସଏସ୍‌ପି ସତପାଲ ଅନ୍ତିଲ କହିଛନ୍ତି ଯେ ୪ ଚୋରା ଚାଲାଣକାରୀଙ୍କ ପେଟ ଏବଂ ଗୁପ୍ତାଙ୍ଗରୁ ୨୯ ଟି ସୁନା କ୍ୟାପସୁଲ ଜବତ କରାଯାଇଛି। ଏମାନେ ଗୁପ୍ତାଙ୍ଗରେ କଣ୍ଡୋମ

**୬ ଜଣଙ୍କୁ ଗିରଫ କଲା ପୁଲିସ**

ଲଗାଇ ସୁନା ଚାଲାଣ କରୁଥିଲେ। ଜବତ ସୁନାର ଓଜନ ପ୍ରାୟ କେଜିଏ ହେବ। ଏହି ଗ୍ୟାଙ୍ଗରେ ସାମିଲ ଅନ୍ୟମାନଙ୍କୁ ମଧ୍ୟ ଟ୍ରେସ କରାଯାଉଛି। ସାଉଦିରୁ ସୁନା ଲୁଚାଇ ଆଣୁଥିବା ଏହି ଗ୍ୟାଙ୍ଗ ଦୀର୍ଘ ଦିନ ହେଲା ରାମପୁରର ଟାଣ୍ଡା ଅଞ୍ଚଳରେ ସକ୍ରିୟ ରହିଛି। ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ଟାଣ୍ଡା ବାଦଲି ଅଞ୍ଚଳର ମହମ୍ମଦ ମୁତଲିବ, ଅଜହରୁଦ୍ଦିନ, ସାନେ ଆଲମ ଏବଂ ଜୁଲଫିକର ଅଲି ଦୁବାଇରୁ ମୁମ୍ବାଇ ବିମାନରେ ଆସିଥିଲେ। ପରେ ଏଠାରୁ ବିମାନରେ ଦିଲ୍ଲୀ ଯାଇଥିଲେ। ସେହିପରି ନାଭେଦ ଏବଂ ଜାହିଦ ଅଲ୍ଲୀ ସିଧା ଦୁବାଇରୁ ଦିଲ୍ଲୀରେ ପହଞ୍ଚି ଥିଲେ। ସମସ୍ତେ ଦିଲ୍ଲୀ ବିମାନବନ୍ଦରରେ ଏକାଠି ହୋଇଥିଲେ। ପୂର୍ବରୁ ଏମାନେ ସୁନା ଚୋରା ଚାଲାଣ କରୁଥିବାର ସୂଚନା କିଛି ଲୋକ ପାଇଥିଲେ। ସେମାନେ ଜାଲ୍ ଶୁଳ୍କ ଅଧିକାରୀ ଭାବେ ଏହି ୬ ଜଣଙ୍କୁ ଧରି ଅପହରଣ କରି ଜଙ୍ଗଲକୁ ନେଇଥିଲେ। ମାତ୍ର ସେଠାରେ ପୁଲିସ ପହଞ୍ଚି ଯାଇଥିଲା।



## ଦିଲ୍ଲୀରେ ପ୍ରବଳ ବର୍ଷା

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଏବଂ ବଜ୍ରପାତ ସାଧାରଣ ଜନଜୀବନକୁ ଭାରୀ ମାତ୍ରାରେ ପ୍ରଭାବିତ କରିଛି। ପ୍ରବଳ ମାତ୍ରାରେ ଲଗାଣ ବର୍ଷା ଯୋଗୁଁ ଦିଲ୍ଲୀ ଏବଂ ଏନସିଆରର ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ଟ୍ରାଫିକ ସମସ୍ୟାକୁ ନେଇ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରର ଟର୍ମିନାଲ-୧ର ଏକ କାନୋପି( ଟେନସାଇଲ ଫାବ୍ରିକ ଛାତ) ଖସି ପଡ଼ିବାରୁ ବିମାନ ବନ୍ଦର ସେବା ମଧ୍ୟ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁଁ ବିମାନ ବନ୍ଦର ବାହାରେ ଲାଗିଥିବା କାନୋପିଗୁଡିକରେ ପାଣି ଜମା ହୋଇଯାଇଥିଲା। ଫଳରେ ଗୋଟିଏ କାନୋପି ଖସି ପଡ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ ବର୍ଷା ଏବଂ ବଜ୍ରପାତ ଯୋଗୁଁ ବହୁ ବିମାନ ଉଡାଣରେ ବିଳମ୍ବ ଘଟିଛି। ଯାହାକୁ ନେଇ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସିରହିବାକୁ ବାଧ୍ୟ ହୋଇଥିଲେ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀର ପ୍ରବାହ ଶୀଘ୍ର ହେବା ସହିତ ମୌସୁମୀ କେରଳ ଉପକୂଳ ଛୁଇଁବା ପରେ ଆଗକୁ ଅଗ୍ରସର ହେବାରେ ଲାଗିଛି। ବର୍ତ୍ତମାନ ଏହା ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର କିଛି ଭାଗ ଛୁଇଁସାରିଥିଲା ବେଳେ ଆଉ କିଛି ଘଣ୍ଟା ମଧ୍ୟରେ ମୌସୁମୀ ମୁମ୍ବାଇ ସମେତ ଗୋଆ, କର୍ଣ୍ଣାଟକ, ମିଜୋରାମ, ମଣିପୁର ଏବଂ ନାଗାଲାଣ୍ଡ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଉ କିଛି ଘଣ୍ଟା ମଧ୍ୟରେ ମହାରାଷ୍ଟ୍ର ସମେତ କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଥିବାରୁ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡର ଉଚ୍ଚ ପାର୍ବତ୍ୟପୂର୍ଣ୍ଣ ଜିଲ୍ଲାଗୁଡିକରେ ପ୍ରବଳ ପବନ ସହିତ ଧୂଳିଝଡ଼ ଏବଂ ବର୍ଷା ସମ୍ଭାବନା ଥିବାରୁ ଏଠାରେ ମଧ୍ୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

**ଏନ୍‌ସିଆର ସମେତ ବହୁ ଅଞ୍ଚଳ ଜଳମଗ୍ନ**

**ଖସିପଡ଼ିଲା ଆନ୍ତର୍ଜାତିକ ବିମାନ ବନ୍ଦର କାନୋପି**

## ବିଏଲ୍‌ଏ ଆକ୍ରମଣରେ ୩୨ ପାକିସ୍ତାନୀ ଯବାନ ନିହତ

କ୍ୱେଟା,୨୫।୫(ଏଜେନ୍ସି): ପାକିସ୍ତାନ ସେନା ଉପରେ ବେଲୁଚିସ୍ତାନ ଲିବରେସନ ଆର୍ମି( ବିଏଲଏ)ର ସାନି ଆକ୍ରମଣ ଘଟଣାରେ ପାକିସ୍ତାନ ସେନାର ୩୨ ଯବାନ ନହିତ ହେବା ସହିତ ୩ ଗାଡି ଧ୍ୱଂସ ହୋଇଯାଇଛି। କରାଚି-କ୍ୱେଟା ଜାତୀୟ ରାଜପଥର ଖୁଜଦାରର ଜିରୋ ପଏଣ୍ଟ ନିକଟରେ ବିଏଲଏ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ବହୁ ସଂଖ୍ୟକ ଯବାନଙ୍କୁ ନେଇ ପାକିସ୍ତାନ ସେନାର ଏକ ମୋଟର କେଡ୍ ଯାଉଥିଲା ବେଳେ ଏହି ସମୟରେ ବିଏଲଏ ପକ୍ଷରୁ 'ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ 'ଦ୍ୱାରା ଆକ୍ରମଣ କରାଯାଇଥିଲା। ବିସ୍ଫୋରକ ଭର୍ତ୍ତି ଏକ କାର୍ ଏହି ମୋଟରକେଡ୍ ଉପରେ ମାଡ଼ ହେବା ଦ୍ୱାରା ପାକ୍ ସେନାର ୩ ଗାଡିରେ ବିସ୍ଫୋରଣ ଘଟି ସେଗୁଡିକ ଧ୍ୱଂସ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩୨ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦ରୁ ଅଧିକ ଯବାନ ଗୁରୁତର ଆହତ ହୋଇଥିବା କୁହାଯାଇଛି। ନିକଟରେ ପାକ୍ ସେନା ଜଣେ ବରିଷ୍ଠ ବଲୁଚ ସାମ୍ବାଦିକଙ୍କୁ ହତ୍ୟା କରିଥିଲା। ଏହାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବିଏଲଏ ଲଗାତାର ଭାବେ ପାକ୍ ସେନକୁ ଟାର୍ଗେଟ କରି ଆକ୍ରମଣ ଚଳାଇଛି।

## ୟୁକ୍ରେନ୍ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ

କିଭ୍,୨୫।୫(ଏଜେନ୍ସି): ୟୁକ୍ରେନର କିଭ୍ ସମେତ ଅନ୍ୟ ପ୍ରମୁଖ ସହର ଉପରେ ରୁଷ ଗତକାଲି ଆରମ୍ଭ କରିଥିବା ଆକ୍ରମଣକୁ ଆହୁରି ତୀବ୍ର କରିଛି। ଶନିବାର ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୩୦୦ରୁ ଅଧିକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଯାହାକି ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ ବୋଲି କୁହାଯାଇଛି। ଏହି ଆକ୍ରମଣରେ ତିନି ଶିଶୁଙ୍କ ସମେତ ୩୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଶତାଧିକ ଲୋକ ଆହତ ହୋଇଥିବା ୟୁକ୍ରେନ ଆଭ୍ୟନ୍ତରୀଣ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ରୁଷ ଅତ୍ୟନ୍ତ ଅମାନବୀୟ ଭାବେ ୟୁକ୍ରେନର ଜନବସତି ଉପରେ ଯେଭଳି ଆକ୍ରମଣ ଚଳାଇଛି ତାହାକୁ ତୁରନ୍ତ ରୋକାଯିବା ଦରକାର ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି କହିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଥିବା ସତ୍ତ୍ୱେ ରୁଷ ଆକ୍ରମଣ ବନ୍ଦ କରୁନାହିଁ। ତେବେ ଆମେରିକାର ନିରବତା ରୁଷକୁ ଆକ୍ରମଣ ପାଇଁ ଖୋରାକ୍ ଯୋଗାଉଛି ବୋଲି ଜେଲେଁସ୍କି କହିଛନ୍ତି।

**୩୦୦ରୁ ଅଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼; ୩୬ ମୃତ**



## ବୁଡ଼ିଯାଇଥିବା ଜାହାଜରୁ ଲିକ୍ ହେଉଛି ପ୍ରଚୁର ତେଲ

ତିରୁଅନନ୍ତପୁରମ୍,୨୫।୫(ଏଜେନ୍ସି): ଆରବ ସାଗର ମଧ୍ୟରେ କେରଳ ଉପକୂଳରେ ଗତକାଲି ବୁଡିବାକୁ ଆରମ୍ଭ କରିଥିବା ଲାଇବେରିଆ ପଣ୍ୟବାହୀ ଜାହାଜ ରବିବାର ସମ୍ପୂର୍ଣ୍ଣ ବୁଡି ଯାଇଛି। ଏହାଦ୍ୱାରା ଏହି ଜାହାଜରେ ରହିଥିବା କିଛି ବିପଦପୂର୍ଣ୍ଣ କଣ୍ଟେନର ସମେତ ଏଥିରୁ ବିପୁଳ ପରିମାଣରେ ନିର୍ଗତ ହେଉଥିବା ତୈଳ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି କେରଳ ସରକାରଙ୍କ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହି ଜାହାଜରେ ରହିଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ।



KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf
Among Indian Universities Ranked by NIRF, Govt. of India

A++ Grade
Accredited by NAAC

Tier 1 NBA
Re-accredited by NBA All Engineering Programs for 6 Years

KIITEE 2025
PHASE - 2

APPLY ONLINE
through KIIT Websites
www.kiitee.ac.in / www.kiit.ac.in

Last Date to Apply 4th June 2025
No Examination Fee (Computer-Based Test)

KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking World University Rankings 2024
IET Accredited Programme The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-327 •BHUBANESWAR •MONDAY •26 MAY 2025 •PAGE-12 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୨୭ •ଭୁବନେଶ୍ୱର •ସୋମବାର •୨୬ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଭାଙ୍ଗିବ ଗରିବଙ୍କ ଘର ସ୍ୱପ୍ନ

## ରାଜ୍ୟକୁ 'ଆବାସ' ଅନୁଦାନ ୩୪୮୫ କୋଟି ହ୍ରାସ

■ **ଭୁବନେଶ୍ୱର, ୨୫।୫ (ସମିସ):** ରାଜ୍ୟରେ କେହି ଜଣେ ବି ଲୋକ କଚ୍ଚା ଘରେ ରହିବେ ନାହିଁ ଓ ବର୍ଷକ ମଧ୍ୟରେ ସବୁ କଚ୍ଚାଘର ପକ୍କା କରାଯିବ ବୋଲି ନିର୍ବାଚନ ସମୟରେ ବିଜେପି ନେତାମାନେ ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟର ଲକ୍ଷଲକ୍ଷ ଗରିବ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ; ଫନି ପ୍ରଭାବିତ ଉପକୂଳ ଓଡ଼ିଶାର ହଜାର ହଜାର ପରିବାର ଏବେ ବି ପକ୍କା ଘରପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ସମୟରେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାବାସୀଙ୍କୁ କରିଥିବା ପ୍ରତାରଣାର ଆଉ ଏକ ଛବି ପଦାକୁ ଆସିଛି। ଡ଼ବଲ ଇଞ୍ଜିନ୍ ସରକାର ରାଜ୍ୟ ପାଇଁ ଡ଼ବଲ ଅନୁଦାନ ଆଣିବା ପରିବର୍ତ୍ତେ ଡବଲ ପ୍ରତାରଣା ଦେଇଥିବା ଅଭିଯୋଗ ହୋଇଛି। ବିଶେଷକରି ଗ୍ରାମୀଣ ଓ ସହରାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାବାସୀ ସମ୍ପୂର୍ଣ୍ଣ ପ୍ରତାରିତ ହୋଇଛନ୍ତି। ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶା କେନ୍ଦ୍ରରୁ ଯେତିକି ଅନୁଦାନ ପାଇଥିଲା, ଏବେ ବିଜେପି ସରକାର ତାହାର ଏକ ଚତୁର୍ଥାଂଶରୁ କମ୍ ଅନୁଦାନ ଆଣିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ବର୍ଷରେ ରାଜ୍ୟ ସରକାର କେବଳ 'ଆବାସ' ଯୋଜନାରେ ୩୪୮୫ କୋଟି ଟଙ୍କା କମ୍ ଅନୁଦାନ ପାଇଛି।

- ୨୦୨୩-୨୪ରେ ମିଳିଥିଲା ୪୩୧୦ କୋଟି ଟଙ୍କା
- ୨୦୨୪-୨୫ରେ ମିଳିଛି ମାତ୍ର ୮୨୫ କୋଟି ଟଙ୍କା
- ଗରିବଙ୍କ ଘର ପାଇଁ ସରକାରଙ୍କ ପାଖରେ ନାହିଁ ପାଣ୍ଠି

ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଜ୍ୟର ଗରିବ ଲୋକମାନଙ୍କୁ ଘର ଯୋଗାଇ ଦିଆଯାଇଥାଏ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନ ଯୋଗାଇ ଦିଅନ୍ତି ଓ ରାଜ୍ୟ ସରକାର ନିଜ ଅଂଶ ପ୍ରଦାନ କରି ଲୋକଙ୍କୁ ଘର ପ୍ରଦାନ କରିଥାଆନ୍ତି। ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ▶ପୃଷ୍ଠା-୭

## ବାଲେଶ୍ୱରରେ ଲଜ୍ଜା। ସାତ ଦିନରେ ୨ ଦୁଷ୍କର୍ମ

- ଦୁଷ୍କର୍ମ ପରେ ଜଣେ ନାବାଳିକାଙ୍କୁ ହତ୍ୟା
- ମାନସିକ ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ
- ବିବାହିତାଙ୍କୁ ମାଡ଼ ସହ ଦୁଷ୍କର୍ମ ଉଦ୍ୟମ

■ **ବାଲେଶ୍ୱର(ଉତ୍ତର)/ଜଳେଶ୍ୱର ବ୍ଲକ, ୨୫।୫ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥା ହୁଗୁଳିଛି। ବିଭିନ୍ନ ସ୍ଥାନରେ ହତ୍ୟା, ଧର୍ଷଣ, ଚୋରି, ରାହଜାନି ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ସପ୍ତାହ ମଧ୍ୟରେ ଭୋଗରାଇ ଏବଂ ଜଳେଶ୍ୱର ଅଞ୍ଚଳରେ ଦୁଇ ନାବାଳିକା ସହ ଜଣେ ବିବାହିତ ମହିଳାଙ୍କ ଦୁଷ୍କର୍ମ ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ଅଞ୍ଚଳରେ ଜନୈକା ମାନସିକ ବିକୃତ ୧୪ ବର୍ଷର ନାବାଳିକା ଗତ ଶୁକ୍ରବାର ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ୨ ଶ୍ରମିକ ମୃତ

■ **ଯଖପୁରା, ୨୫।୫ (ସମିସ):** ଯାଜପୁର ଜିଲ୍ଲା ଯଖପୁରା ରେଳ ଡିଭିଜନରେ ରେଳ କେବୁଲ ଲାଇନ୍ ବିଛାଉଥିବା ବେଳେ କେନ୍ଦୁଡିପ ଲେବୁଲକ୍ରସିଂ ନିକଟରେ ପଛ ପଟୁ ଟ୍ରେନ ଧକ୍କା ଦେବାରୁ ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଦୁଇ ଜଣଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁର ଜିଲ୍ଲା କୁନାରପୁର ଗ୍ରାମରେ। ଦୁଇ ମୃତ ଶ୍ରମିକ ହେଲେ ଲାଲୁ ଦିଗାର (୪୫) ଓ ସାଖର ଦିଗାର (୩୫) ବୋଲି ଜଣାପଡିଛି। ୧୦ରୁ ୧୨ ଜଣ ▶ପୃଷ୍ଠା-୭


ସାଇକୃପା କଲେଜ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର

ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ୮ ପରୀକ୍ଷାର୍ଥୀ







CHSE RESULT -2025
1ST DIVISION -109/129
ABOVE 90% - 08Nos.
ABOVE 500 - 27Nos.
ABOVE 80% - 42Nos.
100 Marks in MATH-18, CHEM-11, PHY- 09




ENG 97 Mark- 3nos

ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀ

| Roll No. | Applicant Name | +2 % | 10th % |
|---|---|---|---|
| 350DB004 | SUBHASHREE BISWAL | 95.17 % | 84 % |
| 350DB008 | PRIYANKA PRIYA. BISWAL | 94.17 % | 82.5 % |
| 350DB002 | PADMINI MAHARANA | 92.33 % | 87.5 % |
| 350DB054 | AMRUTANSHU ROUT | 92.17 % | 76 % |
| 350DB005 | AKASH SAHU | 91 % | 84 % |
| 350DB080 | MUKESH OJHA | 91 % | 63.83 % |
| 350DB011 | SHUBHAM HATI | 90.5 % | 81.67 % |
| 350DB016 | ANSHUMAN SAHOO | 90.17 % | 80 % |
| 350DB091 | GYANAMANGALAM | 87.83 % | 71 % |
| 350DB015 | MONALISHA SAHOO | 86.83 % | 72 % |
| 350DB089 | LARENS SAHU | 85.33 % | 71 % |
| 350DB012 | SOUMYADEEP BEHERA | 85.17 % | 73.5 % |
| 350DB120 | JIBANTOSH MUDULI | 85 % | 68.83 % |
| 350DB060 | RUDRA NARAYAN RAJ | 84.67 % | 70.14 % |
| 350DB024 | BIKASH RANA | 84.33 % | 71.12 % |
| 350DB007 | MAHENDRA SAMAL | 83.5 % | 72.72 % |
| 350DB030 | SAGAR BEHERA | 83.33 % | 71.68 % |
| 350DB074 | BARSARANI SAHOO | 83.33 % | 73.84 % |




NEET, JEE-MAIN
by experts form KOTA

AT.: DHENKANAL / M- 9437799193, 9437027391,8917381641

# ସମ୍ବଲପୁରରେ ହେବ ଦ୍ୱିତୀୟ ନନ୍ଦନକାନନ: ଧର୍ମେନ୍ଦ୍ର

**ସମ୍ବଲପୁର, ୨୫।୫ (ସମିସ)**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସକାଳେ ସମ୍ବଲପୁର ଚିଡ଼ିଆଖାନା ପରିଦର୍ଶନ କରିବା ସହ ଏହାକୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ କରିବା ପାଇଁ ଯୋଜନା କରାଯିବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଚିଡ଼ିଆଖାନାରେ ଜୀବ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବା ସହ ସମ୍ବଲପୁର ଚିଡ଼ିଆଖାନାର ବିଭିନ୍ନ ସମସ୍ୟା ଓ ନୂଆ ଜୀବଜନ୍ତୁ ଅଣାଯିବା ନେଇ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଚିଡ଼ିଆଖାନାକୁ ନନ୍ଦନକାନନ ଢଙ୍ଗରେ ନୂଆ ରୂପ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହାକୁ ବଡ଼ କରିବାସହ ପର୍ଯ୍ୟଟକଙ୍କ ସୁବିଧା ବଢ଼ାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ। ପ୍ରକୃତି ପ୍ରତି ନୂଆପିଢ଼ିଙ୍କୁ ଆକୃଷ୍ଟ କରାଇବା ପାଇଁ ଉଦ୍ୟମ କରାଯିବ। ଚିଡ଼ିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ସହ ଚିଡ଼ିଆଖାନାର କର୍ମଚାରୀ ମାନଙ୍କୁ ଭଲ ଭାବେ ତାଲିମ ଦେବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ବିଶ୍ୱ ପରିବେଶ ଦିବସ ଅବସରରେ 'ମା' ପାଇଁ ଗଛଟିଏ'ଅଭିଯାନ ଆରମ୍ଭ ହୋଇଥିବାରୁ ଏଥିରେ ସାମିଲ ହେବାକୁ ସେ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରାଯିବ। ଏଥିପାଇଁ ୩ ମାସରେ ୧ ଲକ୍ଷରୁ ଅଧିକ ଗଛ ଲାଗିବ। ବିଶ୍ୱ ପରିବେଶ ଦିବସ ଜୁନ ୫ରୁ ଜୁଲାଇ ଓ ଅଗଷ୍ଟ ମାସ ପର୍ଯ୍ୟନ୍ତ ଗଛ ଲାଗିବ। ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ସହ ଏହି ଅଭିଯାନରେ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ମାତୃଶକ୍ତି ଓ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କୁ ସାମିଲ କରି ବୃକ୍ଷରୋପଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ପ୍ରମୁଖ ଉପସ୍ଥିତ ଥିଲେ।



## ଅତିଥି ହୋଇ ଆସିବେ ବାଘ, ମଗର ଓ ଘଡ଼ିଆଳ

ଚଳିତବର୍ଷ ବାଘ ଏନ୍‌କ୍ଲୋଜର୍ ସହିତ ମଗର ଓ ଘଡ଼ିଆଳ ଏନ୍‌କ୍ଲୋଜର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଉଲ୍ଲେଖଯୋଗ୍ୟ ଯେ, ଅନ୍ୟ ଚିଡ଼ିଆଖାନାରୁ ୪ଟି ମହାବଳ ବାଘକୁ ବିନିମୟ ଯୋଜନାରେ ଆଣିବା ପାଇଁ ମଞ୍ଜୁର ହୋଇଛି। ଏହାସହ କୁମ୍ଭୀର ଓ ଅନ୍ୟ ପ୍ରାଣୀ ଆଣିବାକୁ ମଧ୍ୟ ଯୋଜନା ରହିଛି। ଆସନ୍ତା ୧୦ ବର୍ଷ ମଧ୍ୟରେ ୪୮ ପ୍ରଜାତିର ଜୀବଜନ୍ତୁଙ୍କୁ ସମ୍ବଲପୁର ଚିଡ଼ିଆଖାନାରେ ରଖିବାକୁ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧୀକରଣ ଅନୁମୋଦନ କରିଥିବା ଡିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ସମ୍ବଲପୁର ଚିଡ଼ିଆଖାନା ପରିସରକୁ ସମ୍ପୂର୍ଣ୍ଣ ସବୁଜିମାଭରା କରିବା ନେଇ ଯୋଜନା ରହିଛି। ଗତ ଦୁଇବର୍ଷ ମଧ୍ୟରେ ୨୦ ହଜାରରୁ ଅଧିକ ଚାରାରୋପଣ ସହ ଚିଡ଼ିଆଖାନା ପରିସରକୁ ସବୁଜିମାଭରା କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହାଦ୍ୱାରା ସମ୍ବଲପୁର ଚିଡ଼ିଆଖାନା ସମ୍ବଲପୁରର 'ଗ୍ରୀନ୍ ଲଙ୍ଗସ୍' ହୋଇପାରିବ ବୋଲି ସୁଶ୍ରୀ ଦାସ କହିଛନ୍ତି।

ସମ୍ବଲପୁର ସହରର କେନ୍ଦ୍ରସ୍ଥଳୀରେ ୧୩ ହେକ୍ଟର ଜାଗାରେ ଥିବା ଏହି ଚିଡ଼ିଆଖାନାରେ ସମ୍ପ୍ରତି ୧୭ଟି ପ୍ରଜାତିର ବନ୍ୟଜନ୍ତୁ ଏବଂ ବିଭିନ୍ନ ପ୍ରଜାତିର ପକ୍ଷୀ ଅଛନ୍ତି। ଚିତାବାଘକୁ କାଚ ଏନ୍‌କ୍ଲୋଜର୍‌ରେ ଦେଖିବା ପାଇଁ ଏହା ରାଜ୍ୟର ଏକମାତ୍ର ଚିଡ଼ିଆଖାନା। ଛୁଟିଦିନ ମାନଙ୍କରେ ପ୍ରାୟ ୧୫୦୦ରୁ ଅଧିକ ପର୍ଯ୍ୟଟକ ଆସିଥାନ୍ତି। ଏହି ଚିଡ଼ିଆଖାନା ୧୯୮୫ ମସିହାରେ ହରିଣ ଉଦ୍ୟାନ (ଡିଅର୍ ପାର୍କ) ଭାବେ ସ୍ଥାପିତ ହୋଇଥିବାବେଳେ ୨୦୨୩ ମସିହାରେ ଏହାକୁ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧୀକରଣ 'ସମ୍ବଲପୁର ଚିଡ଼ିଆଖାନା' ଭାବେ ଘୋଷଣା କରିଥିଲେ। ସମ୍ବଲପୁର ଚିଡ଼ିଆଖାନାରେ ରାତ୍ରିଚର ବାସସ୍ଥାନ (ନକ୍ଟରନାଲ୍ ହାଉସ୍), ଫୁଲ ବଗିଚା (ଅର୍କିଡାରିୟମ) ଆଦି ନୂତନ ଏବଂ ଅଭିନବ ପ୍ରୟାସ। ମାର୍ଗଦର୍ଶିକା ଅନୁଯାୟୀ ଚିଡ଼ିଆଖାନାର ୭୦ ପ୍ରତିଶତ ଅଞ୍ଚଳ ସବୁଜିମାଭରା ହେବା କଥା।

କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



**ରେଢ଼ାଖୋଲ, ୨୫।୫(ସମିସ):** କାର୍ ଧକ୍କାରେ ବାଇକ୍‌ଆରୋହୀ ଗରୁତର ହୋଇଛନ୍ତି। ଘଟଣାକୁ ନେଇ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କଦଳୀଗଡ଼ ପଞ୍ଚାୟତ ଛକ ନିକଟରେ ବାଇକ୍ ଆରୋହୀଙ୍କୁ ଏକ କାର୍ ପଛପଟରୁ ଧକ୍କା ଦେଇଥିଲା। ବାଇକ୍ ଆରୋହୀ ଜଣଙ୍କ କଦଳିଗଡ଼ ପଞ୍ଚାୟତ ଧଉରାଖମଣ ଗ୍ରାମର ବାସିନ୍ଦା ଆଶିଷ ନାଏକ(୨୩)। ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ କଦଳିଗଡ଼ ଗ୍ରାମରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ପଛ ପଟରୁ କାର୍‌ନଂ ଓଡି୦୨ବିଡବ୍ଲୁ-୩୦୫୬ ବିଶିଷ୍ଟ ଗାଡିର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଦୃତ ଗତିରେ ଆସି ଧକ୍କା ଦେଇଥିଲା।ଫଳରେ ଯୁବକ ଜଣଙ୍କ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ଜିଲ୍ଲା ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରୁ ଅଧିକ ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେପଟେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ରେଢ଼ାଖୋଲ ପୁଲିସ ପହଞ୍ଚି ଡ୍ରାଇଭର ସହିତ କାର୍‌କୁ ଜବତ କରିବା ସହିତ ଲୋକଙ୍କୁ ବୁଝାସୁଝା କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

**ରେଢ଼ାଖୋଲ, ୨୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡବାହାଲ ପଞ୍ଚାୟତ ଅଧୀନ ଖଣ୍ଡହତା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ରବିବାର ଦିନ ଜଣେ ଯୁବକର ଗଳିତ ମୃତଦେହ ଉଦ୍ଧାର କରିଛି ରେଢ଼ାଖୋଲ ପୁଲିସ। ଯୁବକର ପରିଚୟ ମିଳି ପାରିନାହିଁ। ସୂଚନା ଯୋଗ୍ୟ ଯେ ଖଣ୍ଡହତା ଗ୍ରାମ ନିକଟ ଜଙ୍ଗଲରେ ଏକ ଗଳିତ ମୃତଦେହ ୩ ରୁ ୪ ଦିନ ପଡ଼ିଥିବାର ଅନୁମାନ କରାଯାଉଛି। ଯୁବକ ଜଣଙ୍କ ଧଳାରଙ୍ଗର ଟି ସାର୍ଟ ଏବଂ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବା ବେଳେ ତଳ ମୁହାଁ ହୋଇ ପଡ଼ିଥିବା ଜଣାପଡ଼ିଛି। ଯୁବକର ପରିଚୟ ମିଳି ପାରିନାହିଁ। ଗଳିତ ଶବକୁ ପୁଲିସ ଜବତ କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଗଞ୍ଜେଇ ଚାଲାଣ; ୩ ଗିରଫ

**ସମ୍ବଲପୁର, ୨୫।୫(ସମିସ):** ଗଞ୍ଜେଇ ଚୋରାଚାଲାଣ କରୁଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ବିହାରର ରୁପେନ କୁମାର(୨୧)। ପୁଲିସ ଅଭିଯୁକ୍ତ ନିକଟରୁ ୨୦ କେଜି ୫୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ସୂଚନା ଅନୁସାରେ ଅଭିଯୁକ୍ତ ବୌଦ୍ଧରୁ ଗଞ୍ଜେଇ ଆଣି ବିହାର ନେବା ପାଇଁ ମାନେଶ୍ୱର ରେଳ ଷ୍ଟେସନରେ ରହିଥିଲା। ପୁଲିସ ଖବର ପାଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେହିପରି ବାଇକରେ ଗଞ୍ଜେଇ ନେଇ ଯାଉଥିବା ଅଭିଯୋଗରେ ଅବକାରୀ ବିଭାଗ ସମ୍ବଲପୁର ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ବରଗଡ଼ ସଦର ଥାନା କମ୍ପାଉଡର ଜଗଦାଲ(୨୬) ଓ ବରହଗୁଡ଼ା ଥାନା ଅଞ୍ଚଳର ସରୋଜିନୀ ନାଗ(୨୭)। ବାଇକ୍ ସହ ୫ କେଜି ଗଞ୍ଜେଇ ଜବତ ହୋଇଛି।

## ସିଏସ୍‌ପିରେ ଟଙ୍କା ହଡପ; ଜଣେ ଗିରଫ

**ସମ୍ବଲପୁର, ୨୫।୫(ସମିସ):** ଗ୍ରାହକ ସେବା ପଏଣ୍ଟରେ ଜାଲ ଦସ୍ତଖତ କରି ଟଙ୍କା ହଡପ ଅଭିଯୋଗରେ ମହୁଲପାଲି ପୁଲିସ ଜଣଙ୍କୁ ଗିରଫ କରିଛି। ସେ ହେଉଛନ୍ତି ସମ୍ବଲପୁର ମହୁଲପାଲି ଥାନା ପାନପୋଷ ଗ୍ରାମର ସତ୍ୟନାରାୟଣ ପୃଷେଠ(୩୫)। ପୁଲିସ ସୂଚନା ଅନୁସାରେ ଷ୍ଟେଟବ୍ୟାଙ୍କ କେସିବାହାଲ ବ୍ରାଞ୍ଚରେ ସତ୍ୟନାରାୟଣଙ୍କ ଏକ ଗ୍ରାହକ ସେବା କେନ୍ଦ୍ର କରିଛି। ସେ ଜାଲ ଦସ୍ତଖତ କରି ବିଭିନ୍ନ ସମୟରେ ଖାତାରୁ ଟଙ୍କା ନେଉଥିବା ନେଇ କବ୍ରିବାହଲର ଶାନ୍ତିଲତା ମେହେର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପ୍ରଫୁଲ୍ଲ ନାଏକ ହତ୍ୟା ଘଟଣା: ଦୁଇ ଭାଇ ଗିରଫ

**ରେଢ଼ାଖୋଲ, ୨୫।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ବୁର୍ଦ୍ଦା ପଞ୍ଚାୟତ ବଡ଼ମାଳ ଗ୍ରାମରେ ପୂର୍ବ ଶତ୍ରୁତାରୁ ଚାଷ ଜମିରେ ଜଣକୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିବା ଘଟଣାରେ ଅଭିଯୁକ୍ତ ଦୁଇ ଭାଇଙ୍କୁ ରେଢ଼ାଖୋଲ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦୁଇ ଜଣ ରେଢ଼ାଖୋଲ ଥାନା ଅଧୀନ ବଡ଼ମାଳ ଗ୍ରାମର ବାସିନ୍ଦା ବିଭୂତି ଭୂଷଣ ପ୍ରଧାନ(୪୮) ଏବଂ ତାଙ୍କ ଭାଇ ଶରତ ପ୍ରଧାନ (୫୦)। ଏହି ଘଟଣାରେ ମୃତକ ଜଣଙ୍କ ହେଲେ ପ୍ରଫୁଲ୍ଲ ନାଏକ। ସୂଚନା ଯୋଗ୍ୟ ଯେ ଶନିବାର ଦିନ ପୂର୍ବ ଶତ୍ରୁତା ଜମିବାଡ଼ିକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଉକ୍ତ ଦୁଇ ଭାଇ ଗ୍ରାମର ପ୍ରଫୁଲ୍ଲ ନାଏକଙ୍କୁ ଚାଷ ଜମିରେ ଗୋଡାଇ ଗୋଡାଇ ଟାଙ୍ଗିଆରେ ଆକ୍ରମଣ କରି ହାଣି ହତ୍ୟା କରିଥିଲେ। ପ୍ରଫୁଲ୍ଲ ନାଏକ ଗ୍ରାମରେ ନିଜ ଚାଷ ଜମିରେ ଜେସିବି ସାହାଯ୍ୟରେ ଚାଷ ଜମିରେ ମାଟି କାମ କରୁଥିଲେ। ତାଙ୍କ ଜମି ପାର୍ଶ୍ୱକୁ ଲାଗି ସେହି ଗ୍ରାମର ଅଭିଯୁକ୍ତ ବିଭୁତି ପ୍ରଧାନ ଚାଷ ଜମି ରହିଛି। ବିଭୁତିଙ୍କ ଜମି ଆଡକୁ କିଛି ମାଟି ଖସିଯିବାରୁ ବିଭୁତି ଏବଂ ତାଙ୍କ ଭାଇ ଶରତ ସହିତ ପ୍ରଫୁଲ୍ଲଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ବିଭୂତି ଏବଂ ଶରତ ମିଶି ପ୍ରଫୁଲ୍ଲଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପ୍ରଫୁଲ୍ଲଙ୍କ ବଡପୁଅ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କ୍ରମେ ରେଢ଼ାଖୋଲ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ୧୨୭/୨୫ ରେ ମାମଲା ରୁଜୁ କରି ହତ୍ୟାକାରୀ ଅଭିଯୁକ୍ତ ବିଭୁତି ପ୍ରଧାନ ଏବଂ ତାଙ୍କ ଭାଇ ଶରତ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ସୂଚନା ଦେଇଛନ୍ତି।

## ଅସହାୟଙ୍କୁ ଔଷଧ ଯୋଗାଇଲା ଟଙ୍କିକିଆ କ୍ଲିନିକ୍

**ସମ୍ବଲପୁର, ୨୫।୫(ସମିସ):**ପାଟଣାଗଡ଼ ଅଞ୍ଚଳର ଜଣେ ରୋଗୀଙ୍କୁ ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ପ୍ରସିଦ୍ଧ ଟଙ୍କିକିଆ କ୍ଲିନକ୍ ଔଷଧ ଯୋଗାଇଦେଇଛି। ରୋଗୀ ଜଣଙ୍କ ୬ ମାସ ହେଲାଣି ମୋଟର ନ୍ୟୁରନ ରୋଗରେ ଆକ୍ରାନ୍ତ ଥିଲେ। ପ୍ରତିମାସର ୧୪ ଦିନରେ ଏଡେରାଭୋନ ଇଞ୍ଜେକସନର ଆବଶ୍ୟକ ରହିଥିଲା। ପ୍ରତିଦିନ ସେ ମଜୁରୀ କରି ପରିବାର ପୋଷଣ କରିଥାନ୍ତି। ପ୍ରତି ଇଞ୍ଜେକସନର ଦାମ ୬୦୦ ଟଙ୍କା। ତେଣୁ ରୋଗୀଙ୍କ ପକ୍ଷରେ ଏହା ସମ୍ଭବ ନଥିଲା। ସେ ଗତ ଶୁକ୍ରବାର ଦିନ ଟଙ୍କିକିଆ କ୍ଲିନିକ୍‌କୁ ଆସିଥିଲେ। ଡାକ୍ତର ରାମଚନ୍ଦାନୀ ଏହା ଜାଣିବା ପରେ ସମସ୍ତ ଇଞ୍ଜେକସନ କିଣି ରୋଗୀଙ୍କୁ ପ୍ରଦାନ କରିଛନ୍ତି।



## ଏବିଭିପିର ପଶ୍ଚିମ ପ୍ରାନ୍ତ ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟତା ଲକ୍ଷ୍ୟ

**ସମ୍ବଲପୁର, ୨୫।୫(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଷ୍ଟ୍ର(ଏବିଭିପି) ସଦସ୍ୟତା ଅଭିଯାନ ଆରମ୍ଭ କରିଛି। ଏପ୍ରିଲ ମାସରେ ଝାରସୁଗୁଡ଼ା ଠାରେ ହେଇଥିବା ପ୍ରାନ୍ତ ଓ ସମୀକ୍ଷା ଯୋଜନା ବୈଠକରେ ୨୦୨୫-୨୬ ଶିକ୍ଷାବର୍ଷରେ ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ତଥା ଓଡ଼ିଶା ପଶ୍ଚିମର ୧୪ଟି ସାଂଗଠନିକ ଜିଲ୍ଲାରେ ୧ଲକ୍ଷ ୪ହଜାର ସଦସ୍ୟତା କରିବାର ଲକ୍ଷ କରିଥିବା ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ସେଖର ବରାଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏବିଭିପି ଛାତ୍ରଶକ୍ତି ରାଷ୍ଟ୍ରଶକ୍ତି ନାରାରେ ବିଶ୍ୱାସ କରି କାମ କରୁଥିବା ବିଶ୍ୱର ସବୁଠାରେ ବଡ଼ ଛାତ୍ର ସଂଗଠନ। ଏହା ୧୯୪୯ ମସିହା ଜୁଲାଇ ୯ ତାରିଖରୁ ଆରମ୍ଭ ହୋଇ ଆଜି ଯାଏଁ ଅନବରତ ରାଷ୍ଟ୍ର ହିତରେ ଏବଂ ଛାତ୍ର ମାନଙ୍କ ହିତରେ କାମ କରୁଛି। ପ୍ରତି ବର୍ଷ ଭଳି ଏହି ଶିକ୍ଷା ବର୍ଷରେ ମଧ୍ୟ ସଦସ୍ୟତା ଅଭିଯାନ ଜୁନ ମାସରୁ ଆରମ୍ଭ ହୋଇ ଯିବ। ଏହି ଶିକ୍ଷା ବର୍ଷରେ ଏବିଭିପି ସମ୍ପୂର୍ଣ୍ଣ ଭାବରେ ଛାତ୍ର ସଂସଦ ନିର୍ବାଚନ ଲଢିବା ପାଇଁ ମଧ୍ୟ ପ୍ରସ୍ତୁତ ରହିଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ୩୩୧ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶାଖା ଏବଂ ପ୍ରତି ବ୍ଲକ ମୁଖ୍ୟାଳୟରେ ତଥା ୧୧୮ଟି ସ୍ଥାନରେ ନଗର ଶାଖା ଘୋଷଣା କରିବାର ମଧ୍ୟ ଲକ୍ଷ୍ୟ ରଖିଛି।କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶ୍ରୀ ସିମ୍ରନ୍ ପ୍ରଧାନ ଓ ସମ୍ବଲପୁର ନଗର ସମ୍ପାଦକ ବିବେକ ରଞ୍ଜନ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।







# ଲୋକକଳା ଓ ସଂସ୍କୃତି ସହିତ ଆକର୍ଷିତ କରିବ ମିଜାଇଲ୍ସ

**ସମ୍ବଲପୁର, ୨୫।୫(ସମିସ)**

ସମ୍ବଲପୁରର ଅନ୍ୟତମ ସର୍ବପୁରାତନ ଶୀତଳଷଷ୍ଠୀ ଯାତ୍ରା ଝାଡୁଆପଡ଼ାର ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା। ଶୀତଳଷଷ୍ଠୀର ଆଦ୍ୟପର୍ବ ଅକ୍ଷୟ ତୃତୀୟା ଅବସରରେ 'ଥାଳ ଉଠା'ପରେ ଯାତ୍ରା କମିଟି ପକ୍ଷରୁ ଦେବବିବାହକୁ ମହାଆଡ଼ମ୍ବରରେ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଝାଡୁଆପଡ଼ା ଯାତ୍ରା କମିଟି ପକ୍ଷରୁ ଶିବ ପାର୍ବତୀଙ୍କ ମୁଖ୍ୟମେଢ଼ ରୂପା ପରଭା କରାଯିବାସହ ମାତା ପାର୍ବତୀଙ୍କ ପାଇଁ ଅଳଙ୍କାର ମଧ୍ୟ କରାଯାଇଛି। ବିଶାଳ ରୂପା ପରଭାରେ ବିରାଜମାନ ଶ୍ରୀ ଲୋକନାଥ ବାବାଙ୍କ ସହିତ ଜଗଜ୍ଜନନୀ ମାତା ପାର୍ବତୀ ନଗର ପରିକ୍ରମା କରି ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେବେ। ପୁରୀର କାରିଗର ପୂର୍ଣ୍ଣଚନ୍ଦ୍ର ସାଥିଆ ମୁଖ୍ୟମେଢ଼ ସହ ମୟୁର ସିଂହାସନ ଭାବେ ଶ୍ରୀରାଧାକୃଷ୍ଣ ମେଢ଼ ଏବଂ ନାରାୟଣ ସିଂହାସନ ଶୈଳୀରେ ହନୁମାନ ମେଢ଼ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଚଳିତବର୍ଷ ବ୍ୟୟ ଅଟକଳ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଯାତ୍ରା କମିଟି ସଭାପତି ସରୋଜ ଦଳପତ ସୂଚନା ଦେଇଛନ୍ତି। ଏଥର ଲୋକନାଥ ବାବାଙ୍କ ଯୁଗଳ ଦର୍ଶନ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ରହିବ ଭୋପାଲ, ମଧ୍ୟପ୍ରଦେଶରୁ ଆସୁଥିବା ବାବା ବଟେଶ୍ୱର କୀର୍ତ୍ତନ ସମିତିର ୧୫୦ ଜଣିଆ ଦଳ ଏବଂ ଗୋଆ ଶ୍ରୀ ଟୋନେଶ୍ୱର ସିଂ ମହୋତ୍ସବ ମଣ୍ଡଳ୍‌ର ୭୦ ଜଣିଆ ନୃତ୍ୟ ଦଳ। ଝାଡୁଆପଡ଼ା ଶୀତଳଷଷ୍ଠୀ ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ସାମିଲ ହେବେ ପ୍ରାୟ ୨୭୦୦ କଳାକାର। 'ଅପରେସନ୍ ସିନ୍ଦୂର'କୁ ଦୃଷ୍ଟିରେ ରଖି ପ୍ରଜ୍ଞାପନ ମେଢ଼ରେ ସାମିଲ ହେବ ରାଫେଲ୍ ଫାଇଟର୍ ଜେଟ୍, ଅଗ୍ନି, ବ୍ରହ୍ମୋସ ଓ ଏସ୍-୪୦୦ ମିଜାଇଲ୍ସ। କାରିଗର ରାକେଶ ବର୍ଗେ ସମସ୍ତ ପ୍ରଜ୍ଞାପନ ମେଢ଼ ଗୁଡ଼ିକ ତିଆରି କରୁଥିବାବେଳେ ନନ୍ଦୀ ତିଆରିର ଦାୟିତ୍ୱ ନେଇଛନ୍ତି କାରିଗର ପୁତୁ।

ଝାଡୁଆପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ କଳାକାରଙ୍କୁ ପ୍ରାଧାନ୍ୟ ଦେବାସହ ଲୋକକଳା ଓ ଲୋକସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇ ଓଡ଼ିଶା ସମେତ ସାରା ଦେଶରୁ ନୃତ୍ୟ ଦଳଗୁଡ଼ିକୁ ସାମିଲ କରାଯାଇଛି। ବରାତି ଶୋଭାଯାତ୍ରାରେ ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ, ବୌଦ୍ଧର ମୟୁର ନୃତ୍ୟ, ବରଗଡ଼ର ଜଙ୍ଗଲି ନୃତ୍ୟ, ରାୟଗଡ଼ାର ଢେମ୍‌ସା ନୃତ୍ୟ, ସୁନ୍ଦରଗଡ଼ର କରମା ନୃତ୍ୟ, ରାଜଗାଙ୍ଗପୁରର କଳସି ନୃତ୍ୟ ଆଦି ସାମିଲ କରାଯାଉଥିବା ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ। ରାଜ୍ୟ ଓ ଦେଶରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକନୃତ୍ୟ ଓ ଆଧୁନିକ ନୃତ୍ୟ ଦଳ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିବାସହ ସାମ୍ପ୍ରତିକ ସ୍ଥିତିକୁ ନେଇ ପ୍ରଜ୍ଞାପନ ମେଢ଼ ଗୁଡ଼ିକ ଶିଶୁମାନଙ୍କୁ ଆକୃଷ୍ଟ କରିବାସହ ଭାରତୀୟ ସେନାକୁ ସମ୍ମାନ ଓ ଭାରତୀୟତା ବୋଧର ବାର୍ତ୍ତା ଦେବ ବୋଲି ସଭାପତି ସରୋଜ ଦଳପତ ଆଶାପ୍ରକାଶ କରିଛନ୍ତି।



### କାର୍ଯ୍ୟକ୍ରମ

- ମେ ୨୯ : ପତରପେଁଡ଼ି (ନିର୍ବନ୍ଧ)
- ମେ ୩୦ : ଗୁଆଗୁଣ୍ଡା (ଦେବ ନିମନ୍ତ୍ରଣ)
- ମେ ୩୧ : ବରାନୁଗମନ ଓ ଦେବବିବାହ
- ଜୁନ ୧ : ଯୁଗଳ ଦର୍ଶନ ଶୋଭାଯାତ୍ରା ଆରମ୍ଭ
- ଜୁନ ୨ : ଶୋଭାଯାତ୍ରା ପରେ ସନ୍ଧ୍ୟାରେ ମନ୍ଦିର ପ୍ରବେଶ

### ଯାତ୍ରା କମିଟି କାର୍ଯ୍ୟକର୍ତ୍ତା

- ସଭାପତି - ସରୋଜ ଦଳପତ
- ଉପସଭାପତି - ସୁଶାନ୍ତ ପୁରୋହିତ
- ସମ୍ପାଦକ - ସଞ୍ଜୟ କୁମାର ମିଶ୍ର
- ସହସମ୍ପାଦକ - ସତ୍ୟଜିତ ପଣ୍ଡା
- କୋଷାଧ୍ୟକ୍ଷ - ମନୋଜ କୁମାର ମିଶ୍ର
- ସହକୋଷାଧ୍ୟକ୍ଷ - ସତ୍ୟନାରାୟଣ ଜେନା
- ଗଣମାଧ୍ୟମ ସଂଯୋଜକ - ଅଭିଷେକ ମିଶ୍ର





## ଶୀତଳଷଷ୍ଠୀ ନାରୀକେନ୍ଦ୍ରିକ ସମାଜର ବାର୍ତ୍ତାବାହକ: ସୁରେଶ ପୂଜାରୀ







ଜଗଜ୍ଜନନୀ ମାତା ପାର୍ବତୀଙ୍କୁ କନ୍ୟା ରୂପେ ପାଇ ଦେବ ଦେବ ମହାଦେବଙ୍କୁ କନ୍ୟାଦାନ କରିବା ଏକ ସୌଭାଗ୍ୟର କଥା ବୋଲି ଝାଡୁଆପଡ଼ାର ଶ୍ରୀ ଲୋକନାଥ ବାବାଙ୍କ ଦେବବିବାହରେ କନ୍ୟାପିତା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଚଳିତବର୍ଷ ଶ୍ରୀ ପୂଜାରୀ ଓ ପତ୍ନୀ ପଦ୍ମିନୀ ନାୟକ କନ୍ୟା ପିତାମାତା ଦାୟିତ୍ୱ ତୁଲାଉଛନ୍ତି। କନ୍ୟାମାତା ଶ୍ରୀମତୀ ନାୟକ କହିଛନ୍ତି, କନ୍ୟା ଭାବେ ମାତା ପାର୍ବତୀଙ୍କୁ ପାଇବା ଆମର ସୌଭାଗ୍ୟ। ଝିଅକୁ ଯେତେ ଦେଲେ ବି କମ। ଆମେ ପାରୁପର୍ଯ୍ୟନ୍ତ ସୁନାରୂପା ଠାରୁ ଆରମ୍ଭ କରି ବାସନକୁସନ, ଶାଢ଼ୀ, ଆଦି କିଣିଚାଲିଛୁ। ଯାହା ବି ଦେଖିଲେ ଆମେ ତାହା ମାତା ପାର୍ବତୀଙ୍କ ପାଇଁ ନେବା ବୋଲି ମନସ୍ଥ କରୁଛୁ। ଉଜ୍ଜୟିନୀ ଦୁଇମାସ ପୂର୍ବରୁ ଯାଇଥିଲୁ ସେତେବେଳେ ବାହାଘର କରିବୁ ବୋଲି ନିଷ୍ପତ୍ତି ନେଇଥିଲୁ ସେଠାରୁ ବାବାଙ୍କ ପାଇଁ ଡମ୍ବରୁ ଗୋଟେ ନେଇ ଆସିଲୁ। ଦୁଇମାସ ହେଲା ଝିଅ ବାହାଘର ଚିନ୍ତା ଲାଗିଛି ତାହାର ସବୁ ଆବଶ୍ୟକତା ପୂରଣ କରିବା ପାଇଁ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ଶ୍ରୀମତୀ ନାୟକ କହିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ମୋର ଝିଅ ନଥିଲେ ବି ସାନଭାଇର ଝିଅ ମୋ' ପାଇଁ ନିଜ ଝିଅଠାରୁ କମ୍ ନୁହେଁ। ତେବେ, ଘରର ସମସ୍ତଙ୍କ ଅଭିଳାଷ ପୂରଣ କରିବାସହ ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇ ଲୋକାଚାରରେ ଦେବବିବାହ କରାଇବା ଏକ ଅନନ୍ୟ ଅନୁଭୂତି। ଝିଅ ବାହାଘର ସମସ୍ତେ କରୁଛନ୍ତି ହେଲେ ମାତା ପାର୍ବତୀଙ୍କୁ ଝିଅ ରୂପେ ପାଇ ତାଙ୍କ ବିବାହ କରାଇବା ଏବଂ ବାବା ଶ୍ରୀ ଲୋକନାଥଙ୍କୁ କନ୍ୟାଦାନ କରିବା ଏକ ନିଆରା ଓ ବିରଳ ସୌଭାଗ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ମହାଦେବଙ୍କୁ ଉପହାର ସ୍ୱରୂପ ଡମ୍ବରୁ, ତ୍ରିଶୂଳ, ଚିଲମ, ବୃଷଭ ସବୁ ସଂଗ୍ରହ କରାଯାଇଛି। ମାତା ପାର୍ବତୀଙ୍କ ସହିତ ସମସ୍ତ ସାମଗ୍ରୀ ପ୍ରଦାନ କରାଯିବ। ଶ୍ରୀ ପୂଜାରୀ କହିଛନ୍ତି ସମ୍ବଲପୁର ଶୀତଳଷଷ୍ଠୀରେ ଦେବବିବାହ ପ୍ରାୟ ୫ ଶହ ବର୍ଷର ପୁରାତନ ପରମ୍ପରା। ଏହା ନାରୀକେନ୍ଦ୍ରିକ ସମାଜର ବାର୍ତ୍ତା ବହନ କରୁଥିବାବେଳେ ସନାତନ ଧର୍ମରେ ଝିଅକୁ ବିବାହ ଦେବାପରେ ମଧ୍ୟ ସମ୍ପର୍କ ତୁଟେନାହିଁ। ମା'ବାପା ବଞ୍ଚିଥିବା ପର୍ଯ୍ୟନ୍ତ ଝିଅ ସହିତ ସମ୍ପର୍କ ରହେ। ମାତା ପାର୍ବତୀଙ୍କୁ ଗ୍ରହଣ କରିବା ପାଇଁ ଦେବ ଦେବ ମହାଦେବ ଯେତେବେଳେ ଆସୁଥିବେ ତାଙ୍କ ସହିତ ବରଯାତ୍ରୀ ଭାବେ ସାଧାରଣ ଜୀବନରେ ଯିଏ ଅନ୍ୟର ଆହାର ହୋଇଥାଏ, ପରସ୍ପର ସହ ମିଶୁ ନଥିବା ସେଭଳି ସମସ୍ତେ ଆସିବେ ଏହା ହିଁ ବାର୍ତ୍ତା। ବରଯାତ୍ରୀରେ ନର, କିନ୍ନର, ରାକ୍ଷସ, ସିଂହ, ବାଘ, ମଇଁଷି, ବିରାଡ଼ି, ମୂଷିକ ଆଦି ରକ୍ଷକ ଓ ଭକ୍ଷକଙ୍କୁ ଏକାଠି ସାମିଲ କରିବା ରହିଛି। କେବଳ ମାନବ ସମାଜ ନୁହଁ, ପ୍ରାଣୀ ଜଗତକୁ ମଧ୍ୟ ସୁରକ୍ଷା ଦେବା ହିଁ ଶୀତଳଷଷ୍ଠୀର ବୈଶିଷ୍ଟ୍ୟ ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଲୌକିକ ଦେବବିବାହରେ କନ୍ୟାଦାନ ପାଇଁ ପଲଙ୍କଠାରୁ ଆରମ୍ଭ କରି ସମସ୍ତ ଘରକରଣା ସାମଗ୍ରୀ ଏବଂ ସୁନା ଓ ରୂପାର ମାଳି, ମୁଦି, କାନଫୁଲ, ମଥାମଣୀ, ପାଉଜି ଆଦି ଗହଣା, ତ୍ରିଶୁଳ, ଡମ୍ବରୁ, ଲୁଗାପଟା, ମୁକୁଟ, ଖଇ, ଲଡୁ, ଶିଳ, ଶିଳପୁଆ, ଅଳିତା, ସିନ୍ଦୁର ଆଦି ପ୍ରସ୍ତୁତି ଶେଷ ହୋଇସାରିଛି।

# ଅବହେଳିତ ପଥପ୍ରାନ୍ତ ସୁବିଧାକେନ୍ଦ୍ରରୁ ଚୋରି

**ଅମ୍ବାଭୋନା, ୨୫।୫(ସମିସ):**

ଅମ୍ବାଭୋନା ସମ୍ବରଧରା ପଥପ୍ରାନ୍ତ ସୁବିଧାକେନ୍ଦ୍ରରୁ କିଛି ଦୁର୍ବୃତ୍ତ ମୂଲ୍ୟବାନ ସାମଗ୍ରୀ ଚୋରି କରି ଚମ୍ପଟ ମାରିଛନ୍ତି। ଏହି ସୁବିଧାକେନ୍ଦ୍ର ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୮ରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଭଟଲି ବିଧାୟକ ସୁଶାନ୍ତ ସିଂ, ପୂର୍ବତନ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଏବଂ ପୂର୍ବତନ ବରଗଡ଼ ଲୋକସଭା ସାଂସଦ ପ୍ରଭାସ ସିଂଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସରକାର ପରିବର୍ତ୍ତନ ପରେ ଅମ୍ବାଭୋନା ମହିଳା ସଶକ୍ତିକରଣ ଗୋଷ୍ଠୀ



ସଦସ୍ୟାମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। କିଛିଦିନ ପରିଚାଳନା କରି ଆର୍ଥିକ ଲାଭ ନହେବାରୁ ସେମାନେ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରି ଦେଇଛନ୍ତି। ଫଳରେ ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ଥିବା ପାର୍କ ଏବଂ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ଏପରିକି କିଛି ଦୁର୍ବୃତ୍ତ ଗତକାଲି ରାତିରେ ବାଡ଼ ଡେଇଁ ଭିତରେ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ଚମ୍ପଟ ମାରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସୁବିଧାକେନ୍ଦ୍ରଟିର ପରିଚାଳନା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାର ଆବଶ୍ୟକତା ରହିଛି। ନହେଲେ ପୂର୍ବ ସରକାରଙ୍କ ସମୟରେ କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଏହି କେନ୍ଦ୍ର ଭୂତକୋଠି ପାଲଟି ଯିବ ବୋଲି ମତ ପ୍ରକାଶ ପାଇଛି।

## ଗୋଁଣ୍ଡ ସମାଜର ସାଧାରଣ ବୈଠକ



**ପାଇକମାଲ, ୨୫।୫(ସମିସ):** ପାଇକମାଲ ବ୍ଲକ ଶ୍ରୀ ଶ୍ରୀ ନୃସିଂହନାଥ ସ୍ଥିତ ବୁଢ଼ାଦେଓ ମଣ୍ଡପରେ ରାଜବୋଡାସମ୍ବର ସ୍ତରୀୟ ଗୋଁଣ୍ଡ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଗଜରାଜ ସିଂ ପୁଟା ବୈଠକରେ ସଭାପତିତ୍ୱ କରିଥିଲେ। ଏଥିରେ ସମାଜର ବିଭିନ୍ନ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତିର ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା। ବୁଢ଼ାଦେଓ ମନ୍ଦିର କାମ ଅଧା ହୋଇ ପଡ଼ିଛି। ତାହାକୁ ସମ୍ପୂର୍ଣ୍ଣ କରାଯିବା ସହ ଯାତ୍ରୀମାନଙ୍କ ପାଇଁ ଏକ ଶୌଚାଳୟ ନିର୍ମାଣ କରିବା ନେଇ ଆଲୋଚନା ହୋଇଥିଲା। ସମାଜର କାର୍ଯ୍ୟକର୍ତ୍ତା କ୍ଷିତରାଜ ଗଏଁତା, ରୂପଧର ନାଏକ, ବସନ୍ତ ଧରୁଆ, ନରସିଂହ ଧରୁଆ, ଜଗଦେବ ଧରୁଆ, ଦେବେନ୍ଦ୍ର ପୁଟା, ଉପିନ ଧରୁଆ, ସୌକିଲାଲ ଧରୁଆ, ଲଳିତ ଧରୁଆ, ଅମୃତ ବାଗ, ସନ୍ତୋଷ ପୁଝାରୀ ପ୍ରମୁଖ ଯୋଗ ଦେଇଥିଲେ। ସମାଜର କାର୍ଯ୍ୟକଳାପକୁ ପଚାର ପ୍ରସାର ପାଇଁ ସାମ୍ବାଦିକ ଗିରୀଶ ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି। ଶେଷରେ ଦୁର୍ଯ୍ୟୋଧନ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ।

## ବୃନ୍ଦାବନ ସାହୁ ଥିଲେ ମାଟି ମନସ୍କ କବି

**ବରଗଡ଼, ୨୫।୫(ସମିସ):** ମାଟି ମନସ୍କ କବିର କବିତା ଗୋଟିଏ ମହା ଜାଗତିକ ଦୁନିଆଁକୁ ସର୍ବଦା ଆଲୋକିତ କରିଥାଏ। ମାନବବାଦକୁ ଦୃଷ୍ଟିରେ ରଖି ଲେଖନୀ ଚାଳନ କରୁଥିବା କବିର କବିତା ମାଧ୍ୟମରେ ହିଁ ତାର ସାହିତ୍ୟିକ ଜୀବନ ପ୍ରତିଭାତ ହୋଇଥାଏ ବୋଲି ଦିବଙ୍ଗତ କବି ବୃନ୍ଦାବନ ସାହୁ ସ୍ମୃତି ସଭାରେ ସମସ୍ତେ ମତବ୍ୟକ୍ତ କରିଛନ୍ତି। ଏକପଦୀ କବିତାକୁ ଲୋକାଦୃତ କରି ଫେସବୁକ ମାଧ୍ୟମରେ ସମ୍ବଲପୁରୀ ଭାଷା ଭଣ୍ଡାରକୁ ସମୃଦ୍ଧ କରିଥିବା କବି ବୃନ୍ଦାବନ ସାହୁଙ୍କୁ ବ୍ୟଙ୍ଗ ସମ୍ରାଟ ଭାବେ ବକ୍ତାଗଣ ଚିତ୍ରିତ କରିଥିଲେ। ମହାପାତ୍ର ହାଉସ ପରିସରରେ ବରଗଡ଼ର ସମଲପୁରୀ ସାହିତ୍ୟ ପରିଷଦ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏଥିରେ ମନୋହର ସାଂସ୍କୃତିକ ସଂସଦର ସଭାପତି ଉତ୍ପନ୍ନ ଭୋଇ ଅଧ୍ୟକ୍ଷତା କରିଥିଲେ। ନାରାୟଣ ଭୋଇ, ସନ୍ତୋଷ ପଣ୍ଡା, ଧ୍ରୁବଚରଣ ପ୍ରଧାନ, ସୁଭାସ୍ ଚନ୍ଦ୍ର ଭୁଏ, ମାନଭଞ୍ଜନ ପାଣିଗ୍ରାହୀ, ମୁନିରାମ କୁମ୍ଭାର ପ୍ରମୁଖ ଅଧ୍ୟାପକ ଯୋଗ ଦେଇଥିଲେ। ଏହାଛଡ଼ା ଧନପତି ମାହାପାତ୍ର, ନରେନ୍ଦ୍ର ମାହାନ୍ତି, ସରୋଜ ଆଚାର୍ଯ୍ୟ, ଶିକ୍ଷାବିତ ଅଶୋକ ପସାୟତ୍, ତେଜରୁ ବାରିକ, ସୁରେଶ ଚନ୍ଦ୍ର ଭୋଇ, ମାନସରଞ୍ଜନ ଦାଶ, ଉମେସ ପଧାନ, ମୋହନ ମାହାନନ୍ଦ, ଧର୍ମରାଜ ପ୍ରଧାନ, ତରଣିସେନ ଗୁରୁ, ଗୁଣନିଧି ଭୋଇ, ଲଖମଣ ମଲ୍ଲିକ, ରଞ୍ଜିତ ପଧାନ, ନମିତା ଦୀପ ଯାଦବ, ହେମନ୍ତ ଦୀପ, ସୁରେନ୍ଦ୍ର ମେହେର, ଅହଲ୍ୟା ପଧାନ, ସୁଶାନ୍ତ ଭୋସାଗର ପ୍ରମୁଖ ଯୋଗଦେଇ କବିଙ୍କ ସାହିତ୍ୟ କୃତୀ ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଶେଷରେ କବି ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ପାଇକମାଲ, ୨୫।୫(ସମିସ): ପାଇକମାଲ ବ୍ଲକ ସରେଇକେଲା ପଞ୍ଚାୟତ ସମ୍ବଲପୁରୀ ଗାଁର ଅବସରପ୍ରାପ୍ତ ଶିକ୍ଷକ ଝସକେତନ ସାହୁ (୮୧)ଙ୍କ ପରଲୋକ ହୋଇଛି।



ତାଙ୍କର ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ରହିଥିଲା। ତାଙ୍କ ପଛରେ ଦୁଇ ପୁଅ, ତିନି ଝିଅ ଜ୍ୱାଇଁ, ନାତିନାତୁଣୀ ତଥା ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ତାଙ୍କ ଅନ୍ତିମ ସଂସ୍କାର ସମୟରେ ବହୁ ଜନସମାଗମ ହୋଇଥିଲା। ବଡ଼ ପୁଅ ଆନନ୍ଦ ସାହୁ ମୁଖାଗ୍ନି ଦେଇଥିଲେ। ଶ୍ରୀ ସାହୁଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସମାଜସେବୀଙ୍କ ସେଚ୍ଛାକୃତ ରକ୍ତଦାନ



**ପାଇକମାଲ, ୨୫।୫(ସମିସ):** ପାଇକମାଲ ବ୍ଲକ ବରତୁଣ୍ଡା ଗାଁର ସମାଜସେବୀ ତଥା ସେଚ୍ଛାସେବୀ ବିଶ୍ୱନାଥ ବାଗ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ଜରୁରୀ ଭାବେ ରକ୍ତ ଆବଶ୍ୟକତା ପଡୁଥିବା ନିଃସ୍ୱାର୍ଥପର ଭାବେ ରକ୍ତଦାନ କରିଛନ୍ତି। ଶ୍ରୀ ବାଗ ଡ.ଜୟଚନ୍ଦ୍ର ଜୀବନରେଖା ରକ୍ତ ସହାୟତା ସଂଘର ଜଣେ ଉପଦେଷ୍ଟା। ସେ ଜଣେ ନିୟମିତ ରକ୍ତଦାତା। ସେ ଏପର୍ଯ୍ୟନ୍ତ ୩୫ ଥର ରକ୍ତଦାନ କରି ଲୋକଙ୍କୁ ରକ୍ତଦାନ ସମ୍ପର୍କରେ ସଚେତନ କରୁଛନ୍ତି।

● ଖାଦ୍ୟ ବଣ୍ଟନର ବର୍ଷ ପୂର୍ତ୍ତି

## ଦୃଷ୍ଟି ସେବା ସଂଗଠନ ସମ୍ବର୍ଦ୍ଧିତ



**ବରଗଡ଼, ୨୫।୫(ସମିସ):** ବରଗଡ଼ ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ପୁରୁଣା ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କର ସମ୍ପର୍କୀୟଙ୍କ ପାଇଁ ମାଗଣା ରନ୍ଧାଖାଦ୍ୟର ବ୍ୟବସ୍ଥା ହୋଇ ଆସୁଛି। ରବିବାର ଏହି କାର୍ଯ୍ୟକ୍ରମର ଏକ ବର୍ଷ ପୂର୍ତ୍ତୀ ପାଳନ ହୋଇଛି। ଏହି ଅବସରରେ ସମାଜ ସେବା କ୍ଷେତ୍ରରେ ଦୃଷ୍ଟି ସେବା ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ଜିଲ୍ଲା ସମାଜସେବୀ ସଙ୍ଘର ସଭାପତି ବଳିଷ୍ଠ ଦୁର୍ଗା ଭାଇ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ସମ୍ମାନ ସମାଜସେବା କ୍ଷେତ୍ରରେ ଲୋକଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଦୃଷ୍ଟି ସେବା ସଂଗଠନର ସଭାପତି ମାନସ କୁମ୍ଭାର, ସମ୍ପାଦକ କ୍ରିଷ୍ଣା ବାଗ, ଦେବନାରାୟ ଜଗଦଳା, ସୂର୍ଯ୍ୟ ପ୍ରକାଶ କୁଅଁର, ପୁଷ୍କକ ଭୋଇ, ଆକାଶ କୁମ୍ଭାର, ଦେବାଶିଷ ମଲ୍ଲିକ ପ୍ରମୁଖ ଯୋଗ ଦେଇ ସମ୍ମାନ ଗ୍ରହଣ କରିଥିଲେ।

## ଅଦିନିଆ ବର୍ଷାରେ ବ୍ୟାପକ କ୍ଷୟକ୍ଷତି

**ବରଗଡ଼, ୨୫।୫(ସମିସ):** କାଳବୈଶାଖୀ ଲଘୁଚାପ ଜନିତ ବର୍ଷା କାରଣରୁ ବରଗଡ଼ ଜିଲ୍ଲାର ଭେଡେନ, ବରଗଡ଼ ଏବଂ ବରପାଲି ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହେଇଛି। ପ୍ରଶାସନର ଆଗୁଆ ସଚେତନତା ଅଭାବ ଏବଂ ନିଷ୍କ୍ରିୟତା କାରଣରୁ ଚାଷୀଙ୍କର ଅଧିକାଂଶ ଫସଲ ନଷ୍ଟ ଯାଇଛି। ତୃନ ଧାନରେ ସରକାରଙ୍କ କୌଣସି ସହାୟତା ସୁବିଧା ମଧ୍ୟ ନାହିଁ। ଏଣୁ ଏପରି କ୍ଷୟକ୍ଷତି ହେଲେ ଚାଷୀ କଣ କରିବ ବୋଲି କୃଷକ ସଂଗଠନ ପ୍ରଶ୍ନ କରିଛି। କେନ୍ଦ୍ର ସରକାରଙ୍କ ତରଫରୁ ପ୍ରାକ ମୌସୁମୀ ସୂଚନା ମିଳୁଥିବା ବେଳେ ରାଜ୍ୟ ସରକାର ମଧ୍ୟ ଲଘୁଚାପ ଜନିତ ସତର୍କତା ପ୍ରଦାନ କରି ଆସୁଛନ୍ତି।



ହେଲେ ବରଗଡ଼ ଜିଲ୍ଲାରେ ବିଶେଷ ବର୍ଷା ହେବ ନାହିଁ କହୁଥିବା ପାଣିପାଗ ବିଭାଗର ଆକଳନ ଫେଲ୍ ମାରିଛି। ଯେହେତୁ ବ୍ୟାପକ ଫସଲ ନଷ୍ଟ ହୋଇଛି ତେଣୁ ତୁରନ୍ତ କ୍ଷତିପୂରଣ ଦେବା ବ୍ୟବସ୍ଥା ନ କଲେ ସଂଗଠନ ତରଫରୁ ରମେଶ ମହାପାତ୍ର ଏବଂ ସୁରେଶ ନିକେଣ୍ଟି ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ଅସରାଏ ବର୍ଷାରେ ଆଣ୍ଠୁଏ ପାଣି



ପଦ୍ମପୁର, ୨୫।୫(ସମିସ): ପଦ୍ମପୁର ଏନ୍ଏସି ୱାର୍ଡ ନମ୍ବର ୨ ଜ୍ୟୋତିନଗର ରାସ୍ତା ଶୋଚନୀୟ ହୋଇପଡ଼ିଛି। ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକେ ଏହି ରାସ୍ତାଦେଇ ଯିବାଆସିବା କରିଥାନ୍ତି। ହେଲେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ପାଣି ଜମିରହୁଛି। ବିଶେଷ କରି ଛାତ୍ରଛାତ୍ରୀ ଚାଲି ଚାଲି ଯିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କହି ପଡ଼ାବାସୀ ଅଭିଯୋଗ କରିଛନ୍ତି।

● ବସ୍ତି ରାସ୍ତାର ଅଧପନ୍ତରିଆ କାମ

## ଯାତାୟାତ ବାଧାପ୍ରାପ୍ତ

ପଦ୍ମପୁର, ୨୫।୫(ସମିସ): ପଦ୍ମପୁର ସହରରେ ପାଇପ ଲାଇନ ବିଛାଇବା କାମ ଚାଲିଛି। ପୁରୁଣା ବସ୍ତିରେ ଏହି କାମ ସମାପ୍ତ ହୋଇଛି। ହେଲେ କାମ ପରେ ପୁରୁଣା ବସ୍ତି ରାସ୍ତା ସଂକୀର୍ଣ୍ଣ ହେବା ସହିତ ବ୍ୟବସାୟୀ ମାନେ ଗାଡ଼ି ମୋଟର ରଖି ରାସ୍ତା କବ୍ଜା କରୁଥିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଦୁଇ ପାର୍ଶ୍ୱରେ ପାଇପ ଲାଇନ ପାଇଁ ଖୋଳା ହୋଇଛି। କିନ୍ତୁ କାମ ସରିବା ପରେ ରାସ୍ତା ମରାମତି କରାଯାଉ ନାହିଁ। ଫଳରେ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷ କରି ପଦ୍ମପୁର ଥାନା ଛକରୁ ଶାସ୍ତ୍ରୀ ଛକ ପର୍ଯ୍ୟନ୍ତ ରାସ୍ତା ବହୁତ କଦର୍ଯ୍ୟ ହୋଇପଡ଼ିଛି। କର୍ତ୍ତୃପକ୍ଷ ଶୀଘ୍ର ଦୃଷ୍ଟି ଦେଇ ଆବଶ୍ୟକ ମରାମତି କରିବା ପାଇଁ ଦାବି ହେଉଛି।

## ମାରୱାଡ଼ି ଯୁବମଞ୍ଚ ପକ୍ଷରୁ ପଖାଳ ପାର୍ଟି



ବରଗଡ଼, ୨୫।୫(ସମିସ): ବରଗଡ଼ ମାରୱାଡ଼ି ଯୁବମଞ୍ଚ ଶାଖା ପକ୍ଷରୁ ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପାଇଁ ପଖାଳ ପାର୍ଟି ଆୟୋଜିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହା ସହିତ ଡାକ୍ତର ପ୍ରବୀଣ ଅଗ୍ରୱାଲ ଏବଂ ବାଲୋଡିଆ ଜୟପକାଶ ମଞ୍ଚର ସଭାପତି ବିଜୟ ଅଗ୍ରୱାଲ (ଧନ) ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କୁନାଲ ଝାନୱାର ଏବଂ କୋଷାଧ୍ୟକ୍ଷ ଯୁବ ନିର୍ମଳ କ୍ରିଷ୍ଟାଙ୍କ ସହିତ ମଞ୍ଚ ସଦସ୍ୟ ଏବଂ ପ୍ରାଦେଶିକ ପଦାଧିକାରୀ ସୁମିତ ସାୱାଡିଆ, ଦୌଲତ ପୋଦ୍ଦାର, ଅଭିଷେକ ଗୋଲପୁରିଆ, ଆୟୁଷ ଗୁପ୍ତା, ବେରୀ ଅଙ୍କିତ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍ଯ୍ୟ ସମାଜ ପକ୍ଷରୁ ଯଜ୍ଞ ଓ ସତ୍‌ସଙ୍ଗ



ବରଗଡ଼, ୨୫।୫(ସମିସ): ବରଗଡ଼ ଟାଉନ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ମାସିକ ଯଜ୍ଞ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ପୁରୋହିତଙ୍କ ପୌରୋହିତ୍ୟ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାସିକ ଯଜ୍ଞ ହୋଇଥିଲା। ଗୌର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗରେ ମୁଖ୍ୟ ଆଲୋଚକ ଭାବେ ଅଧ୍ୟାପକ ଅଶୋକ ମେହେର ଯୋଗଦେଇ ଯଜ୍ଞର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବିଶଙ୍କର ପ୍ରଧାନ, ସଚ୍ଚିଦାନନ୍ଦ ପଣ୍ଡା, ଅଗସ୍ତି ସାହୁ, କପିଳ ବାଗ, ଲଳିତ ବନଛୋର୍, ହୃଷୀକେଶ ପ୍ରଧାନ, ବାଙ୍କା ବିହାରି ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି ପରିବେଶର ସନ୍ତୁଳନ ପାଇଁ ଯଜ୍ଞର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଅଟୋରିକ୍ସା ମାଲିକ ସଂଘର ପ୍ରସ୍ତୁତି ବୈଠକ



ବରଗଡ଼, ୨୫।୫(ସମିସ): ଅଟୋରିକ୍ସା ମାଲିକ ସଂଘ ତରଫରୁ ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନ ୨୨ରେ ଅଟୋରିକ୍ସା ମାଲିକ ସଂଘର ୨୬ ତମ ବାର୍ଷିକ ଉତ୍ସବ ପାଳନ ଓ ରକ୍ତଦାନ ଶିବିର ଅନୁଷ୍ଠିତ ଆୟୋଜନ ପାଇଁ ସ୍ଥିରୀକୃତ ହୋଇଛି। ଆଲୋଚନା ଚକ୍ରରେ ସଙ୍ଘର ବରିଷ୍ଠ ଉପଦେଷ୍ଟା ଆଶୁତୋଷ ରଥ, ସମ୍ପାଦକ ସୁଦର୍ଶନ ସ୍ୱାଇଁ, ଉପସଭାପତି ସାରଥୀ ମେହେର, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମ୍ଭାର, କୋଷାଧ୍ୟକ୍ଷ ଜୟ ତାଣ୍ଡି ପ୍ରମୁଖଙ୍କ ସହ ସଂଘର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି



**ବରଗଡ଼, ୨୫।୫(ସମିସ):** ଗୁରୁ ଭଗବାନ ସାହୁ ସ୍ମୃତି କମିଟିର ବୈଠକ ଏଇ ମିସନ ସ୍କୁଲରେ ଡ.ତପସ୍ୱୀନି ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସନ୍ତୋଷ ପଣ୍ଡା ଏବଂ ସର୍ଦ୍ଦାର ପ୍ରୀତମ ସିଂହଙ୍କ ସଂଯୋଜନାରେ ପଶ୍ଚିମ ଓଡ଼ିଶା ଭାଷା କଳା ଓ ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମୋତ୍ସବ ପ୍ରସ୍ତୁତି ବୈଠକର ଉଦ୍ଦେଶ୍ୟ ରହିଥିଲା। ଜୁନ ୧୧ ଦେବସ୍ନାନ ପୂର୍ଣ୍ଣିମାରେ ରହିଥିବା ଏହି ଜନ୍ମୋତ୍ସବ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଟାଉନହଲରେ ଅନୁଷ୍ଠିତ ହେବ। ଏହି ଅବସରରେ ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ), ନାଟ୍ୟକାର ନିର୍ଦ୍ଦେଶକ ଆଖଣ୍ଡଳମଣି ସାହୁ, ମାଟ୍ରିକ୍ ପରୀକ୍ଷା ଟପ୍ପର ବବିତା ରଥ ପ୍ରମୁଖଙ୍କୁ ଗୁରୁ ଭଗବାନ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏହାସହ ଶବ୍ଦ ନୃତ୍ୟ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଶ୍ରୀ ଦଧିବାବନ ଶତପଥୀ, କୃଷ୍ଣଚନ୍ଦ୍ର ପଣ୍ଡା, ଡ.ଯଶବୀର ସିଂ ସୈନୀ, ବିମଳକୃଷ୍ଣ ମିଶ୍ର, ମନୋରଞ୍ଜନ ମେହେର, ଅଚ୍ୟୁତାନନ୍ଦ ବାରିକ, ରାଜକିଶୋର ମହାରଣା, ଆଶୁତୋଷ ରଥ, ନୁରାବତୀ ସାହୁ, ସଂଘମିତ୍ରା ପଟେଲ, ସଙ୍ଗୀତା ଦୀପ, ସାରଥି ମେହେର, ଜଟାଧାରୀ ପ୍ରଧାନ, ବୃନ୍ଦାବନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପଞ୍ଚାନନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଭେଡେନ ପଞ୍ଚାୟତ କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟ

# ମାନସ ଇଲେଭେନ୍ ଓ ମାଇଁ ଇଲେଭେନ୍ ବିଜୟୀ


**ଭେଡେନ, ୨୫।୫(ସମିସ):**

ଭେଡେନର ରନଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ରବିବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ମାନସ ଇଲେଭେନ୍ ଓ ଡାୟାର ଫାଇଟର ମଧ୍ୟରେ ହୋଇଥିଲା। ମାନସ ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ୍ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଡାୟାର ଫାଇଟର ୧୨ ଓଭର୍‌ରେ ୮ ୱିକେଟ୍ ହରାଇ ମାତ୍ର ୮୦ ରନ୍ ସଂଗ୍ରହ କରି ପାରିଥିଲା। ଫଳରେ ମାନସ ଇଲେଭେନ ୨୩ ରନରେ ବିଜୟୀ ହୋଇଥିଲା। ମାନସ ଇଲେଭେନର ରାହୁଲ ଅଦାବର ୩ ଉଇକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ରିଙ୍କୁ ପଧାନ ଯୋଗ ଦେଇ ପୁରସ୍କାର





ବିତରଣ କରିଥିଲେ। ଖେଳକୁ ସୁନୀଲ୍ ଅଦାବର୍ ଓ ପ୍ରସନ୍ନ ଦାଶ୍ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ବିନୟ ନାଏକ ଓ ମହେନ୍ଦ୍ର ରଣା ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ମ୍ୟାଚ୍ ମାଇଁ ଇଲେଭେନ ଓ ହିନ୍ଦ ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଇଁ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ହିନ୍ଦ ୱାରିଅର ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ ସଂଗ୍ରହ କରି ପାରିଥିଲା। ମାଇଁ ଇଲେଭେନ ଦଳ ୪୯ ରନରେ ବିଜୟୀ ହୋଇଥିଲା। ମାଇଁ ଇଲେଭେନର ସାନନ୍ଦ ବାଗ ୧୫ ରନ ଦେଇ ୪ ୱିକେଟ ନେଇ ମ୍ୟାନ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ଖେଳାଳି ପ୍ରଦ୍ୟୁମ୍ନ ପାଣ୍ଡେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ଝସକେତନ ସୁନା ଓ ସୁନିଲ ଅଦାବର ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବେ ରୋହିତ ସୁନା ଓ ଏମଡିରାଜୁ ଦାୟିତ୍ୱ ତୁଲାଇଥିଲେ। ଦୁଇଟି ଯାକ ମ୍ୟାଚ୍‌ର ଧାରାବିବରଣୀ ଲିପୁନ ବେହେରା ପ୍ରଦାନ କରିଥିଲେ।



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁହଁ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ

ସକାଳ
THE SAKALA

# କୃତଘ୍ନ ପଡ଼ୋଶୀ

ବାଂଲାଦେଶର କାମଚଳା ସରକାରର ମୁଖ୍ୟ ତଥା ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ଇସ୍ତଫା ନେଇ ଦୁଇଦିନ ଧରି ଚର୍ଚ୍ଚା ହେବା ପରେ ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ପଡ଼ିଛି। 'ସାମୟିକ' ଉଲ୍ଲେଖ କରିବା ପଛର ଯୁକ୍ତି ହେଉଛି ଏବେ ବାଂଲାଦେଶ ଯେଉଁଭଳି ପରିବେଶ ଓ ଯେଉଁ ତତ୍ତ୍ୱମାନଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପରେ ପରିଚାଳିତ ହେଉଛି ସେଥିରେ ଘଡ଼ିକେ ଘୋଡ଼ା ଛୁଟିବା ଅସ୍ୱାଭାବିକ ନୁହେଁ। ଇସ୍ତଫା ଦେବା ବିଷୟରେ ୟୁନୁସ୍ ସିଧାସଳଖ ଘୋଷଣା କରି ନଥିଲେ ହେଁ ସାମ୍ପ୍ରତିକ ପରିସ୍ଥିତି ଓ ଅସ୍ଥିର ପରିବେଶ ଭିତରେ କାମ କରିବା ସମ୍ଭବ ନୁହେଁ ବୋଲି ଛାତ୍ରସଂଗଠନ ନ୍ୟାଶନାଲ୍ ସିଟିଜେନ୍ ପାର୍ଟିକୁ ସମ୍ବୋଧିତ କରିବା ଅବସରରେ କହିଥିଲେ ଏବଂ ତତ୍‌ପରବର୍ତ୍ତୀ କ୍ୟାବିନେଟ୍ ବୈଠକକୁ ମଧ୍ୟ ବର୍ଜନ କରିଥିଲେ। ଏହାପରେ ସେ ଇସ୍ତଫା ଦେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଥିଲା। ତେବେ ଶନିବାର ବସିଥିବା କ୍ୟାବିନେଟ୍ ବୈଠକ ପରେ ଏଭଳି ଚର୍ଚ୍ଚାକୁ କାମଚଳା ସରକାରର ଅନ୍ୟତମ ଉପଦେଷ୍ଟା ୱାହିଦୁଦ୍ଦିନ୍ ମହମ୍ମଦ୍ ଖଣ୍ଡନ କରିବା ସହିତ ୟୁନୁସ୍ କିମ୍ବା ଉପଦେଷ୍ଟାମାନେ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ସୂଚନା ଭାରତ ପାଇଁ କିଛିଟା ଆଶ୍ୱସ୍ତି ସୃଷ୍ଟି କରିଛି। କାରଣ ଅସ୍ଥିର ପଡ଼ୋଶୀ ସବୁବେଳେ ଗୋଟିଏ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ।

ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଯେ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ ତାହା ଜଣାପଡୁଛି। ବାଂଲାଦେଶରେ ଯାହା ଚାଲିଛି ତାହା ସେଠାକାର ଆଭ୍ୟନ୍ତରୀଣ ସମସ୍ୟା। କିନ୍ତୁ ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ଏକ ରାଜନୈତିକ ଅସ୍ଥିର ଦେଶର ଶାସନ ଭାର ହାତକୁ ନେଇଥିବା ଏକ ଅସ୍ଥାୟୀ ସରକାରର ଉଦ୍ୟମ ସେଠାକାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃପ୍ରତିଷ୍ଠା କରିବାର ପଥ ଉନ୍ମୋଚନ କରିବା ବଦଳରେ ବିଭିନ୍ନ ସମୟରେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରି ନିଜର କୃତଘ୍ନତାର ପରିଚୟ ଦେବାରେ ସୀମିତ ରହିଯାଇଛି।

ୟୁନୁସ୍ ଦାୟିତ୍ୱ ନେବା ପରଠାରୁ ତାଙ୍କ ନିୟନ୍ତ୍ରଣ ଓ ନେତୃତ୍ୱରେ ଶାସନକାର୍ଯ୍ୟ ପରି ଯେ ପରିଚାଳିତ ହେଉ ନାହିଁ ତାହା ବିଭିନ୍ନ ସମୟରେ ସେଠାକାର ନେତା ଓ ଅଧିକାରୀମାନେ ଦେଇଥିବା ମନ୍ତବ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ପିଲାଳିଆମୀ କେବଳ ଯାହା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ମନ୍ତବ୍ୟ ରାଜନୈତିକ ପ୍ରତିହିଂସାର ଏକ ନିରର୍ଥକ ପ୍ରତିଫଳନ କହିବା ଭୁଲ୍ ହେବ ନାହିଁ। ବାଂଲାଦେଶ ନିଜର ଅପକର୍ମ ଓ ଅଯୋଗ୍ୟତା ପାଇଁ ଭାରତକୁ ବିରୋଧ କରିବା ଔଷଧ ବିକଳରେ ତାଟିଆ କାମୁଡ଼ିବା ସଙ୍ଗେ ସମାନ। ସେଠାକାର କତିପୟ ନେତାଙ୍କ ଭାରତ ବିରୋଧୀ ମନୋଭାବ ପଛରେ ମୁଷ୍ଟିମେୟ ଗୋଷ୍ଠୀର ହାତ ରହିଛି, ଯାହାକୁ ଚୀନ୍ ଓ ଆମେରିକା ପରୋକ୍ଷରେ ସମର୍ଥନ ଦେଇଆସୁଛନ୍ତି। ବିଶେଷକରି 'ଅପରେସନ୍ ସିନ୍ଦୂର'ର ଅପାର ସଫଳତା ପରେ ବାଂଲାଦେଶ ମୌଳବାଦୀଙ୍କ ଭାରତ ବିରୋଧୀ ଅସୂୟା ଆହୁରି ଉତ୍କଟ ହୋଇଛି।

ଜନ୍ମଦାତା ଭାରତକୁ ଗୋଇଠା ମାରି ଚୀନ୍ କୋଳରେ ବସିବାକୁ ବାଂଲାଦେଶ ଯଦି ଲାଳାୟିତ ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ତାହାର ପରିଣତି ଯେ ପାକିସ୍ତାନ, ନେପାଳ ଓ ମାଳଦ୍ୱୀପ, ଶ୍ରୀଲଙ୍କା ପରି ହେବା ନିଶ୍ଚିତ ତାହା ୟୁନୁସ୍‌ଙ୍କ ପରି ବିଜ୍ଞ ବ୍ୟକ୍ତିଙ୍କୁ ବୁଝାଇବା ଚେଇଁ ଶୋଇଥିବା ବ୍ୟକ୍ତିକୁ ଉଠାଇବା ପ୍ରୟାସ ସମାନ। ଭାରତ ସବୁବେଳେ ନିଜର ପଡ଼ୋଶୀଙ୍କ ଉନ୍ନତି, ସ୍ଥିରତା ଓ ଶାନ୍ତି ପାଇଁ ସ୍ୱତନ୍ତ୍ର 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନୀତି ଆପଣେଇ ଆସିଛି। ଏଥିରେ ବାଂଲାଦେଶ, ଭୁଟାନ୍, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ଅଗ୍ରାଧିକାର ଦେଉଛି। କୋହଳ ବାଣିଜ୍ୟ ନୀତି ଜରିଆରେ ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି। ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରଙ୍କ ସହିତ ସମ୍ପର୍କ ସ୍ଥାପନରେ ଯେଉଁ ମର୍ଯ୍ୟାଦା ଏବଂ ଶିଷ୍ଟାଚାର ରଖାଯିବା କଥା ଭାରତ ତାହାକୁ ଭୁଲିନାହିଁ। ଏହାସତ୍ତ୍ୱେ କିଏ ଯଦି ଭାରତର ପ୍ରଭାବ ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ହୋଇ କୁତ୍ସାରଟନା କରିବ, ତାହା ସେମାନଙ୍କର ହୀନମନ୍ୟତା ବୋଲି କହିବାକୁ ପଡ଼ିବ। ଭାରତ କୌଣସି ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ରାଜନୀତିରେ ହସ୍ତକ୍ଷେପ କରେ ନାହିଁ। ଶ୍ରୀଲଙ୍କା, ମାଳଦ୍ୱୀପ ପରେ ବାଂଲାଦେଶ ତାହାର ଜ୍ୱଳନ୍ତ ଉଦାହରଣ। ସର୍ବୋପରି ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଭାରତ ଆମେରିକା ପରି ନିଜର ବଡ଼ଭାଇ ପଣିଆ ବାଂଲାଦେଶ ଉପରେ କେବେ ହେଲେ ଲଦି ଦେଇନାହିଁ କି ଚୀନ୍ ଭଳି ପ୍ରଭୁତ୍ୱ ବିସ୍ତାର ପାଇଁ ଉଦ୍ୟମ କରିନାହିଁ।

ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ଚାହେଁ ଏବଂ ସେଠି ଯିଏ ବି କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ମହତ୍ତ୍ୱର। କିନ୍ତୁ ସେଠାକାର ମୌଳବାଦୀ ନେତାଙ୍କୁ ଏହା ବୁଝାଇବାରେ ୟୁନୁସ୍ ଲଗାତାର ବିଫଳ ହୋଇଛନ୍ତି, ଯାହା ତାଙ୍କର ଇସ୍ତଫା ଦେବା ମାନସିକତାରେ ପ୍ରତିଫଳନ ଘଟିଛି। ଅପରପକ୍ଷରେ ଏହାର ଫାଇଦା ନେବାକୁ ଚୀନ୍ ଏବଂ ଏବେ ପାକିସ୍ତାନ ୟୁନୁସ୍ ସରକାର ପ୍ରତି ବନ୍ଧୁତ୍ୱର ହାତ ବଢ଼ାଉଛନ୍ତି। ୟୁନୁସ୍ ମଧ୍ୟ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁନାହାନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ 'ସମର୍ପଣ' ମନୋଭାବରେ ପରିବର୍ତ୍ତନ ନ ହେଉ। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେଉ।

# ଜଳସଙ୍କଟ ଓ ଆଭାସୀ ଜଳବାଣିଜ୍ୟ

**ବିଦ୍ୟାଧର ମହାରଣା**

ଭାରତରେ ବିଶ୍ୱର ମାତ୍ର ୩.୮୩% ମଧୁର ଜଳ ରହିଛି, ଯାହା ୧୪୫ କୋଟି ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ସର୍ବନିମ୍ନ ଚାହିଦା ୧୭୦୦ ଘନମିଟର ହୋଇଥିବା ବେଳେ ସମ୍ପ୍ରତି ଭାରତରେ ମୁଣ୍ଡପିଛା ଜଳ ପରିମାଣ ୧୪୮୬ ଘନମିଟର। ତେଣୁ ଦେଶର ପ୍ରାୟ ୬୦ କୋଟି ଲୋକ ଜଳ କଷ୍ଟ ଅନୁଭବ କରୁଛନ୍ତି। ନିତି ଆୟୋଗ ରିପୋର୍ଟ ଅନୁସାରେ ୨୦୩୦ ବେଳକୁ ଆମର ଜଳ ଚାହିଦା ଦୁଇଗୁଣ ହେବ। ତେଣୁ ଏପରି ଜଳସଙ୍କଟର ମୁକାବିଲା କରିବା ପାଇଁ କେତେକ ରଣନୀତି ଆବଶ୍ୟକ। ବିଶେଷକରି ଦେଶର ଜଳସମ୍ପଦ ପରିଚାଳନା ଓ ଖାଦ୍ୟ ନିରାପତ୍ତା ପାଇଁ ଜାତୀୟ ନୀତି ପ୍ରଣୟନ କରିବା ବେଳେ 'ଜଳ ପଦଚିହ୍ନ' ଓ 'ଆଭାସୀ ଜଳ' ବାଣିଜ୍ୟ ବିଷୟରେ ଅନୁଶୀଳନ ଆବଶ୍ୟକ।

'ଆଭାସୀ ଜଳ' ବା 'ଭର୍ଚୁଆଲ ୱାଟର' କହିଲେ ଉତ୍ପାଦନଚକ୍ର ମଧ୍ୟରେ ଉତ୍ପାଦନ ପାଇଁ ବିନିଯୋଗ ହେଉଥିବା ଜଳ ପରିଣାମ ଏବଂ ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ଶେଷପର୍ଯ୍ୟନ୍ତ ରହୁଥିବା ଜଳକୁ ବୁଝାଯାଏ। ସାଧାରଣତଃ ଶସ୍ୟଗୁଡ଼ିକରେ ୧୫% ଜଳ ରହିଲା ବେଳେ ପନିପରିବାରେ ୮୫% ଓ ଫଳରେ ୭୫% ଜଳ ରହିଯାଏ। 'ଜଳ ପଦଚିହ୍ନ' ହେଉଛି ମୋଟ ବ୍ୟବହୃତ ଜଳ ପରିମାଣ, ଯାହାକୁ ଫସଲ ଜୀବନ କାଳରେ ବ୍ୟବହାର କରେ। ଏହି 'ଜଳ ପଦଚିହ୍ନ' ସବୁଜ, ନୀଳ ଓ ଧୂସର ହୋଇଥାଏ। ସବୁଜ ଜଳ ମାଟି ମଧ୍ୟରେ କିମ୍ବା ଜଙ୍ଗଲ ଗଛଲତା ଭିତରେ ଥାଏ। ନୀଳ ଜଳ ଆମେ ସମୁଦ୍ର, ହ୍ରଦ, ନଦୀ ଓ ବିଭିନ୍ନ ଜଳସ୍ରୋତରେ ଦେଖୁ, ଯାହାକୁ ଆମେ କୃଷି, ଶିଳ୍ପ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରୁ। ଯେଉଁ ଜଳ ଅପଶିଷ୍ଟ ହୋଇ ଦୂଷିତ ଜଳ ହିସାବରେ ନାଳ ନର୍ଦ୍ଦମାରେ ବହିଯାଏ ତାହାକୁ ଧୂସର ଜଳ କୁହାଯାଏ।

ଜଳ ପଦଚିହ୍ନ କୃଷି ପଦ୍ଧତି, ଜଳ ବିନିଯୋଗ ଦକ୍ଷତା, ସ୍ଥାନୀୟ ଜଳବାୟୁ ଉପରେ ନିର୍ଭର କରେ। ଏହାବ୍ୟତୀତ ଆଭାସୀ ବା ଭର୍ଚୁଆଲ ଜଳ ବିଭିନ୍ନ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ବସ୍ତୁରେ ଅଦୃଶ୍ୟ ଆକାରରେ ଥାଏ। ଆମେ ଖାଦ୍ୟ, ବସ୍ତ୍ର, ବିନିର୍ମାଣ ବା ମାନୁଫେକ୍‌ଚରିଂ କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ ବ୍ୟବହାର କରୁଥିବା ଜଳକୁ ଆଭାସୀ ବା ଭର୍ଚୁଆଲ ଜଳ ଭାବରେ ହିସାବ କରି ପାରିବା। ଆମ ଦେଶରେ ଚାଷ ହେଉଥିବା ଧାନଫସଲ ପାଇଁ ପ୍ରାୟ ୩୧୮୦୦ କୋଟି ଘନମିଟର ଜଳ ବ୍ୟବହାର ହେଉଛି, ଯାହାକି ଦେଶର ମୋଟ ଜଳ ସମ୍ପଦର ୧୬.୬୭ ପ୍ରତିଶତ। ବିଭିନ୍ନ ଦ୍ରବ୍ୟ ରପ୍ତାନୀରେ ବିଦେଶକୁ ପ୍ରାୟ ୩୨୦୦ କୋଟି ଘନମିଟର ଜଳ ରପ୍ତାନୀ ହେବା ସ୍ଥଳେ ଆମଦାନୀ ସାମାନ୍ୟ ହୋଇଥାଏ।

୧୯୯୦ ମସିହାରୁ ଏପରି ଆଭାସୀ ଜଳ ବିଷୟରେ ଆଲୋଚନା କରାଗଲା। ଉଦାହରଣ ସ୍ୱରୂପ, ଗୋଟିଏ ମକା (୫୦୦ ଗ୍ରାମ) ପାଇଁ ୪୫୦ ଲିଟର ପାଣି ଆବଶ୍ୟକ ଥିବା ବେଳେ ୩୦୦ ଗ୍ରାମ ମାଂସ ପାଇଁ ୪୫୦୦ ଲିଟର ପାଣି ଆବଶ୍ୟକ। ଏକ ଟନ୍ ଗହମ ଉତ୍ପାଦନ ପାଇଁ ୧୦୦୦-୧୩୦୦ ଘନମିଟର ଏବଂ ଚାଉଳ ଏକକିଲୋ ଉତ୍ପାଦନ ପାଇଁ ୩୪୦୦ ଲିଟର ଜଳ ଆବଶ୍ୟକ। ଗୋଟିଏ ପିଜା ପ୍ରସ୍ତୁତି ପାଇଁ ୧୨୬୦ ଲିଟର ଜଳ ଆବଶ୍ୟକ ଥିବା ବେଳେ ଗୋଟିଏ କାର୍ପାସ ଟି ଶାର୍ଟ ପାଇଁ ୨୭୦୦ ଲିଟର ପାଣି ବ୍ୟବହାର ହୋଇଥାଏ। ଦେଶ-ଦେଶ ମଧ୍ୟରେ ଯେଉଁ ଖାଦ୍ୟ ଓ ଅନ୍ୟ ଉତ୍ପାଦ ରପ୍ତାନୀ ଓ ଆମଦାନୀ କରାଯାଏ ତାହାକୁ 'ଆଭାସୀ ଜଳ ବାଣିଜ୍ୟ' ବା 'ଭର୍ଚୁଆଲ ୱାଟର ଟ୍ରେଡ୍' କୁହାଯାଏ। ଉଦାହରଣ ସ୍ୱରୂପ ଆମେ କୌଣସି ଦେଶକୁ ଏକ ଟନ୍ ଗହମ ରପ୍ତାନୀ କଲେ ଆମ ଦେଶର ୧୩୦୦ ଘନମିଟର ଆଭାସୀ ଜଳ ରପ୍ତାନୀ ଆକାରରେ ବିଦେଶକୁ ଚାଲିଗଲା। ଅନ୍ୟପକ୍ଷରେ ଆମେ ଯଦି ଏକ ଟନ ଗହମ ଆମଦାନୀ କଲେ ତାହାହେଲେ ଆମେ ୧୩୦୦ ଘନମିଟର ଜଳ ସଞ୍ଚୟ କଲେ। ସୁତରାଂ ଗୋଟିଏ ଦେଶ ଅନ୍ୟ ଏକ ଦେଶରୁ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ଆମଦାନୀ କରିବା ଅର୍ଥ ହେଉଛି ସେହି ଦ୍ରବ୍ୟ ପାଇଁ ଅନ୍ୟ ଦେଶ ଯେଉଁ ଜଳ ବ୍ୟବହାର କରିଛି ତାହା ସିଏ ଆମଦାନୀ କଲେ। ଏହାହିଁ ହେଉଛି ଆଭାସୀ ଜଳ ବାଣିଜ୍ୟ କାରବାର। ଯେଉଁ ଦେଶରେ ଜଳସଂକଟ ଅଧିକ ଥାଏ ସେହି ଦେଶ ଅନ୍ୟ ଦେଶରୁ ଖାଦ୍ୟ ଇତ୍ୟାଦି ଆମଦାନୀ କରିବାକୁ ପସନ୍ଦ କରିବେ। ଜାପାନ ବାହାର ଦେଶର ଖାଦ୍ୟ ଆମଦାନୀ କରି ନିଜ ଦେଶର ଜଳସଞ୍ଚୟ କରୁଛି।

ଏପରି ଆଭାସୀ ଜଳ ବାଣିଜ୍ୟ କାରବାରରେ କେତେକ ଫାଇଦା ମିଳିଥାଏ। ପ୍ରଥମରେ ଦେଶରେ ଜଳସଂକଟ ପରିସ୍ଥିତିର ମୁକାବିଲା କରିବା ପାଇଁ ଏହା ଏକ ଉତ୍ତମ ମାର୍ଗ। ଦ୍ୱିତୀୟରେ ଦେଶରେ ଖାଦ୍ୟ ନିରାପତ୍ତା ହାସଲ ପାଇଁ ଅଧିକ ଜଳ ବ୍ୟବହାର କରୁଥିବା ଖାଦ୍ୟ ଯଥା: ଚାଉଳ, ମାଂସ ଇତ୍ୟାଦି ଅନ୍ୟ ଦେଶରୁ ଆମଦାନୀ କଲେ ଖାଦ୍ୟ ନିରାପତ୍ତା ସହଜରେ ହାସଲ ହୋଇ ପାରିବ। ତୃତୀୟରେ ଜଳ ସଙ୍କଟ ପରିଚାଳନା ପାଇଁ କେତେକ ଦେଶ କମ୍ ଜଳ ଆବଶ୍ୟକ କରୁଥିବା ଦ୍ରବ୍ୟ ଉତ୍ପାଦନ କରିବାରେ ପାରଙ୍ଗମ ହେବା ଦ୍ୱାରା ଅର୍ଥନୈତିକ ପ୍ରଗତି ହାସଲ ହୋଇଥାଏ। ବିନିର୍ମାଣ କ୍ଷେତ୍ରରେ ବିଭିନ୍ନ ବସ୍ତୁ ତିଆରି କରାଯାଇ ବିଦେଶକୁ ରପ୍ତାନୀ କରାଯାଏ। ଏହି ଦ୍ରବ୍ୟଗୁଡ଼ିକ ମାଧ୍ୟମରେ ଆଭାସୀ ଜଳ ବିଦେଶକୁ ରପ୍ତାନୀ କରାଯାଏ। ଅନ୍ୟାନ୍ୟ ସେବା କ୍ଷେତ୍ରରେ (ପର୍ଯ୍ୟଟନ ଇତ୍ୟାଦି) ମଧ୍ୟ ବହୁଳ ଭାବରେ ଜଳ ବିନିଯୋଗ ହୁଏ। ପର୍ଯ୍ୟଟକମାନେ ଯେଉଁ ଦ୍ରବ୍ୟ ବ୍ୟବହାର କରନ୍ତି ସେଥିରେ ମଧ୍ୟ ବହୁ ପରିଣାମରେ ଆଭାସୀ ଜଳ ରହିଥାଏ।

ଆଭାସୀ ଜଳ ବାଣିଜ୍ୟରେ ସୀମିତ ଜଳସମ୍ପଦ ଥିବା ଅଞ୍ଚଳରେ ଜଳସଙ୍କଟ ଦେଖାଯାଏ। ବିଭିନ୍ନ ବସ୍ତୁ ନିର୍ମାଣ ବେଳେ ଯେଉଁ ଜଳ ବ୍ୟବହାର ହୁଏ ତାହା ପରିବେଶ ପ୍ରଦୂଷଣ କରିପାରେ ଏବଂ ଜଳସମ୍ପଦ ହ୍ରାସ କରିପାରେ। ଜଳସଙ୍କଟ ଅଞ୍ଚଳକୁ ପ୍ରଚୁର ଜଳସମ୍ପଦ ଥିବା ଅଞ୍ଚଳରୁ ଅଧିକ ଜଳ ଖର୍ଚ୍ଚ କରୁଥିବା ସମାଗ୍ରୀ ଆମଦାନୀ କରିବା ଫଳରେ ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ ବୈଷମ୍ୟ ଦେଖାଯିବା ସ୍ୱାଭାବିକ। ଭାରତ ଆମେରିକା, ସ୍ପେନ୍, ମାଲେସିଆ, ରୁଷିଆ, ଥାଇଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଅନେକ ଦ୍ରବ୍ୟ ରପ୍ତାନୀ କରୁଥିବାରୁ ଆମ ଦେଶରୁ ବହୁ ପରିଣାମରେ ଜଳ ବିଦେଶକୁ ଚାଲିଯାଉଛି।

କହିବା ବାହୁଲ୍ୟ ଯେ ଆଭାସୀ ଜଳ ବାଣିଜ୍ୟ ଏକ ଜଟିଳ ବିଷୟ, ଯାହାର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ରହୁଛି। ଦେଶର ଖାଦ୍ୟ ନିରାପତ୍ତା ହାସଲ ପାଇଁ ଜଳସମ୍ବଳ ପରିଚାଳନା ନିମନ୍ତେ ଏହାକୁ ଏକ ସାଧନ ହିସାବରେ ବ୍ୟବହାର କରାଯାଇ ପାରିବ। ପରିବେଶ ସମସ୍ୟା ଓ ଜଳସଙ୍କଟ ସମାଧାନ ପାଇଁ ଏହାକୁ ସତର୍କତାର ସହିତ ପରିଚାଳନା କରିବା ମଧ୍ୟ ଆବଶ୍ୟକ। ଆଭାସୀ ଜଳ ବାଣିଜ୍ୟ କ୍ଷେତ୍ରରେ କେତେକ ବ୍ୟକ୍ତିଗତ ପଦକ୍ଷେପ ମଧ୍ୟ ଆବଶ୍ୟକ। ଆମେ ସର୍ବଦା ନୂତନ ବସ୍ତ୍ର ପରିଧାନ ନକରି ପୁରୁଣା ବସ୍ତ୍ରକୁ ପରିଷ୍କାର କରି ପିନ୍ଧିପାରିବା। ଏହାଦ୍ୱାରା ବସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ଜଳ ବ୍ୟବହାର ହ୍ରାସ ପାଇବ। ଅଧିକ ଜଳ ଆବଶ୍ୟକ କରୁଥିବା ଖାଦ୍ୟଶସ୍ୟ ବଦଳରେ ଆମେ ଅଧିକ ପନିପରିବା ଖାଇ ପାରିବା। ଘରେ କମ୍ ବିଜୁଳି ଶକ୍ତି ଆବଶ୍ୟକ କରୁଥିବା ଉପକରଣ ବ୍ୟବହାର କରିପାରିବା। କୌଣସି ତରଳ ପଦାର୍ଥକୁ ସାଇତି ରଖିବା ପାଇଁ ନୂଆ ବୋତଲ ପରିବର୍ତ୍ତେ ପୁରୁଣା ବୋତଲ ବ୍ୟବହାର କରି ପାରିବା। ରାସ୍ତାରେ ପରିବହନ ପାଇଁ ଗାଡ଼ି ବଦଳରେ ଯଥାସମ୍ଭବ ସାଇକେଲ କିମ୍ବା ସର୍ବସାଧାରଣ ଗାଡ଼ି ବ୍ୟବହାର କରିପାରିବା। ସୁତରାଂ ଆଭାସୀ ଜଳବାଣିଜ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ।

ଆଭାସୀ ଜଳ ସମସ୍ୟା ସମାଧାନ ପାଇଁ କେତେକ ପଦକ୍ଷେପ ନିଆ ଯାଇପାରେ। ଏଥିପାଇଁ ଜଳ ପରିଚାଳନାରେ ଉନ୍ନତି, ସେଚଜଳର ଦକ୍ଷତା ବୃଦ୍ଧି, ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ପରିବର୍ତ୍ତନ ଏବଂ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ପ୍ରଥମ ରଣନୀତି ହିସାବରେ ଜଳ ପରିଚାଳନା ଉନ୍ନତି ଓ ଭିତ୍ତିଭୂମି ବିକାଶ ପାଇଁ କୃଷି କ୍ଷେତ୍ରରେ ଜଳ ଅପଚୟ ହ୍ରାସ ଏବଂ ସିଞ୍ଚନ କିମ୍ବା ବୁନ୍ଦା ଜଳସେଚନ ପ୍ରଣାଳୀ ଅନୁସରଣ ଆବଶ୍ୟକ। ଦ୍ୱିତୀୟ ରଣନୀତି ହିସାବରେ ଜଳ ମହଜୁଦ ଓ ପୁନଃଭରଣା ପାଇଁ ନଦୀରେ ଜଳଭଣ୍ଡାର, ନଦୀ ବନ୍ଧ ଓ ବ୍ୟାରେଜ ନିର୍ମାଣ , ଭୂତଳ ଜଳପତ୍ତନ ବୃଦ୍ଧି ପାଇଁ ପୁନଃଭରଣ କରିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ। ତୃତୀୟରେ ଜଳ ପୁନଃବିନିଯୋଗ ଓ ପୁନଃଚକ୍ରିକରଣ ନିମନ୍ତେ ଅପଶିଷ୍ଟ ଜଳକୁ ଉପଚାର କରି ଜଳସେଚନ କିମ୍ବା ଶିଳ୍ପକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଚତୁର୍ଥତଃ, ଜଳବଣ୍ଟନ ପ୍ରଣାଳୀରେ ଜଳ ଯେପରି ପାଇପ୍ ରୁ ବାହାରି ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ପଞ୍ଚମରେ ବର୍ଷାଜଳ ଅମଳ ଓ ସଂରକ୍ଷଣ ପାଇଁ ଗୋଷ୍ଠୀଭିତ୍ତିକ ଜଳଅମଳ ଓ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ, ଫାର୍ମ ପୋଖରୀ ଓ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ହେବ। କୃଷିକ୍ଷେତ୍ରରେ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ, ଆଖୁ ଇତ୍ୟାଦି ଫସଲ ପରିବର୍ତ୍ତେ ଡାଲି ଫସଲ ଓ ତୈଳବୀଜ ଇତ୍ୟାଦି ଫସଲ ଚାଷକରିବା ଆବଶ୍ୟକ। ଏହା ସହିତ ଜଳବାୟୁ ସହନଶୀଳ କୃଷିପଦ୍ଧତି ହିସାବରେ ଫସଲ ଓ ବିହନ ପରିବର୍ତ୍ତନ, ସଠିକ୍ ପ୍ରଣାଳୀରେ ଜଳସେଚନ, ଜୈବିକକୃଷି, ସମ୍ମିଳିତ ପୋଷକ ଯୋଗାଣ, ଅଙ୍ଗାର ପୃଥକୀକରଣ ପାଇଁ କୃଷି ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶିଳ୍ପ, ନିର୍ମାଣ, ଗୃହ, ଅନୁଷ୍ଠାନ ଇତ୍ୟାଦି ସ୍ଥଳରେ ଜଳସଞ୍ଚୟ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଅତି ଜରୁରୀ। ଏଥିପାଇଁ ଗୋଷ୍ଠୀ ସମ୍ପ୍ରଦାୟକୁ ଶିକ୍ଷା ଓ ସଚେତନତା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଭାରତର ଅମୋଘ ବାୟୁ ପ୍ରତିରକ୍ଷା କବଚ

**ନିକୁଞ୍ଜ ବିହାରୀ ସାହୁ**

ଅପରେସନ୍ ସିନ୍ଦୂରର ପ୍ରତିକ୍ରିୟାରେ ପାକିସ୍ତାନ ଭାରତୀୟ ସହର ଓ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର, ରକେଟ ଓ ଡ୍ରୋନ୍ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ମାତ୍ର ଭାରତର ରୁଷିଆ ନିର୍ମିତ ଏସ୍୪୦୦ ଅମୋଘ ପ୍ରତିରକ୍ଷା ପ୍ରଣାଳୀ ସେସବୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଭାରତର ଧନଜୀବନକୁ ସୁରକ୍ଷିତ ରଖିଥିଲା। ଏହାପରେ ଏସ୍୪୦୦କୁ ନେଇ ଭାରତ ଓ ଭାରତ ବାହାରେ ଅନେକ ଚର୍ଚ୍ଚା ହେଉଛି।

ଏସ୍୪୦୦ ମୁଖ୍ୟତଃ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଯାହା ଆକାଶମାର୍ଗରେ ଶତ୍ରୁ ପକ୍ଷରୁ ହେଉଥିବା ବାଲଷ୍ଟିକ କିମ୍ବା କ୍ରୁଜ୍ କ୍ଷେପଣାସ୍ତ୍ର, ଡ୍ରୋନ୍, ରକେଟ ଓ ଲଢୁଆ ବିମାନ ଆଦି ଜରିଆରେ ହେଉଥିବା ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥାଏ। ଏହାର ମୂଳ ନାମ ଟ୍ରାୟାମ୍ଫ। ଏହାର ବିକାଶ ନିମନ୍ତେ ୧୯୯୧ରେ ତତ୍କାଳୀନ ସୋଭିଏତ ରୁଷ୍ ସରକାର ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ସୋଭିଏତ୍ ସଂଘ ଭାଙ୍ଗିଯିବା ପରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ୧୯୯୩ ମସିହାରେ ରୁଷୀୟ ବାୟୁସେନା ଏହି ପ୍ରକଳ୍ପକୁ ପୁନଃକାର୍ଯ୍ୟକ୍ଷମ କରି ୧୯୯୯ ମସିହାରେ ସଫଳତାର ସହିତ ପରୀକ୍ଷଣ କରିଥିଲା ଏବଂ ୨୦୦୭ ମସିହାରେ ବାୟୁସେନାରେ ସାମିଲ୍ କରାଯାଇ ଯୁଦ୍ଧକ୍ଷେତ୍ରରେ ସଫଳତାର ସହ ପ୍ରୟୋଗ କରାଯାଇଥିଲା। ରୁଷିଆର ଏଲମାଜ୍ ସେଣ୍ଟ୍ରାଲ ଡିଜାଇନ୍ ବ୍ୟୁରୋ ଦ୍ୱାରା ବିକଶିତ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ ବ୍ୟତୀତ ଚୀନ୍, ତୁର୍କୀ, ଆଲଜେରିଆ, ବେଲାରୁଷ ଓ ସିରିୟା ପାଖରେ ରହିଛି। ଏଭଳି ୫ଟି ପ୍ରଣାଳୀ ଯୋଗାଣ କରିବା ପାଇଁ ଭାରତ ଓ ରୁଷିଆ ମଧ୍ୟରେ ୨୦୧୮ ମସିହାରେ ୪୦,୦୦୦ କୋଟି ଟଙ୍କା ବିନିମୟରେ ଚୁକ୍ତି ହୋଇଥିଲା। ସେଥି ମଧ୍ୟରୁ ୩ଟି ପ୍ରଣାଳୀ ଯୋଗାଣ ହୋଇ ସାରିଥିଲା ବେଳେ ଆଉ ୨ଟିର ଯୋଗାଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ବିଳମ୍ବ ଘଟିଛି।

ଏସ୍. ୪୦୦ ପ୍ରତିରକ୍ଷା ପ୍ରଣାଳୀର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଏହାର ଗତିଶୀଳତା। ସମଗ୍ର ପ୍ରଣାଳୀ ଏକ ଗତିଶୀଳ ଯାନ ଉପରେ ଅବସ୍ଥାପିତ ହୋଇ ଥିବାରୁ ଏହାକୁ ସହଜରେ ଲକ୍ଷ୍ୟସ୍ଥଳୀ ଅଭିମୁଖେ ପଠାଯାଇପାରିବ। ଏଥିରେ ଖଞ୍ଜା ଥିବା ରାଡାର ଏକସମୟରେ ୬୦୦ କି.ମି. ଦୂରରେ ଥିବା ଏବଂ ୧୭,୦୦୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରୁଥିବା ଶତ୍ରୁପକ୍ଷର ଏକାଧିକ ବସ୍ତୁକୁ ଠାବ କରିପାରିବ ଏବଂ ନିର୍ଦ୍ଦେଶ ମିଳିବାର ମାତ୍ର ୫ ରୁ ୧୦ ମିନିଟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇ ଏକସମୟରେ ଶତ୍ରୁପକ୍ଷର ୧୬୦ ଟି ବାୟୁବାହିତ ବସ୍ତୁକୁ ଠାବ କରିପାରେ। ଏକାସଙ୍ଗରେ ୩୬ଟି ବସ୍ତୁକୁ ଧ୍ୱଂସ କରିବା ପାଇଁ ୭୨ଟି ଅସ୍ତ୍ର ପ୍ରୟୋଗ କରିପାରେ। ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀର ପ୍ରତିଟି ସ୍କ୍ୱାଡ୍ରନରେ ୬ଟି ଲଞ୍ଚର, ଗୋଟିଏ ରାଡାର, ଗୋଟିଏ କମାଣ୍ଡ କେନ୍ଦ୍ର ଓ ୧୨୮ଟି ଅସ୍ତ୍ର ଥାଏ। ଏହାର ରାଡାର ବ୍ୟବସ୍ଥା ବହୁସ୍ତର ବିଶିଷ୍ଟ ଏବଂ ପ୍ରତ୍ୟେକ ସ୍ତର କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଅଭିପ୍ରେତ। ପ୍ରଣାଳୀର ନିର୍ଦ୍ଦେଶ ବା କମାଣ୍ଡ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ସ୍ୱୟଂଚାଳିତ, ଡିଜିଟାଲ ଭିତ୍ତିକ ଏବଂ ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରରେ ଜାମ୍ ନିରୋଧୀ। ଏହା ପ୍ରଣାଳିର ମସ୍ତିଷ୍କ ସଦୃଶ। ଏହା ପକୃତ ସମୟରେ ରାଡାରରୁ ତଥ୍ୟ ସଂଗ୍ରହ ଓ ତଥ୍ୟ ପରିଚାଳନା, ଅସ୍ତ୍ର ପ୍ରୟୋଗ ନିମନ୍ତେ ନିର୍ଦ୍ଦେଶ ଜାରି ତଥା ଏକାଧିକ ଲଞ୍ଚର ମଧ୍ୟରେ ସମନ୍ୱୟତା ରକ୍ଷା କରିଥାଏ। ଏହି ବ୍ୟବସ୍ଥା ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ, ଏହାର କୌଣସି ଗୋଟିଏ ବିଭାଗ କିଛି କାରଣରୁ କାର୍ଯ୍ୟ ନକଲେ ସୁଦ୍ଧା ସମୁଦାୟ କେନ୍ଦ୍ରର କାର୍ଯ୍ୟଦକ୍ଷତା ଅପରିବର୍ତ୍ତିତ ରହିଥାଏ।

ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଅଲଗା ଅଲଗା ମାର୍ଗଦୂରତାର ସମୁଦାୟ ୪ଟି କ୍ଷେପଣାସ୍ତ୍ର ସାମିଲ ଥାଏ। ଏହି କ୍ଷେପଣାସ୍ତ୍ରସବୁ ଆବଶ୍ୟକତା ଅନୁସାରେ ଅର୍ଥାତ ଆକ୍ରମଣକାରୀ ବସ୍ତୁର ଦୂରତା ଓ ଉଚ୍ଚତା ଅନୁସାରେ କାର୍ଯ୍ୟକାରୀ ହୋଇଥା'ନ୍ତି ଏବଂ ସେଗୁଡ଼ିକ ଅତ୍ୟଧିକ ଉଚ୍ଚତାରେ ଦ୍ରୁତ ଧାବମାନ ବାଲଷ୍ଟିକ କ୍ଷେପଣାସ୍ତ୍ରଠାରୁ ଆରମ୍ଭକରି ନିମ୍ନ ଉଚ୍ଚତାରେ ଉଡୁଥିବା କ୍ରୁଜ କ୍ଷେପଣାସ୍ତ୍ର କିମ୍ବା ଲୁଚି ଲୁଚି ଆସୁଥିବା ଷ୍ଟିଲଥ ବୋମାବର୍ଷୀ ବିମାନ ସହିତ ନିୟୋଜିତ ହୋଇପାରନ୍ତି। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର, ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଅତି-ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦ କି.ମି. ପର୍ଯ୍ୟନ୍ତ, ମଧ୍ୟମ ଦୂରଗାମୀ ଅସ୍ତ୍ର ର ମାରକସୀମା ୧୨୦ କି.ମି. ପର୍ଯ୍ୟନ୍ତ, ଦୂରଗାମୀ କ୍ଷେପଣାସ୍ତ୍ର ର ମାରକସୀମା ୨୫୦ କି.ମି. ପର୍ଯ୍ୟନ୍ତ ଏବଂ ଅତିଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦୦ କି.ମି. ପର୍ଯ୍ୟନ୍ତ ହୋଇଥାଏ। ଏସ୍୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଏକ ସର୍ଭେଲାନ୍ସ ରାଡାର ସ୍ଥାନିତ ଥାଏ, ଯାହା ନିଜର କାର୍ଯ୍ୟକାରୀ କ୍ଷେତ୍ରର ଚତୁଃପାଶ୍ୱର୍ରେ ଏକ ସୁରକ୍ଷା ବଳୟ ନିର୍ଦ୍ଧାରଣ କରିଥାଏ। ଏହି ବଳୟ ମଧ୍ୟରେ ଶତ୍ରୁପକ୍ଷର କୌଣସି ବସ୍ତୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ତାହାକୁ ଠାବ କରିଥାଏ ଏବଂ ତାହା ଏହି ସଙ୍କେତକୁ କମାଣ୍ଡ ଗାଡ଼ିକୁ ପ୍ରେରଣ କରିଥାଏ। ସଙ୍କେତ ମିଳିବା ମାତ୍ରେ ଗାଇଡେନ-ରାଡାର ବସ୍ତୁର ଅବସ୍ଥିତି ନିର୍ଭୁଲ ରୂପେ ନିରୂପଣ କରି ନିକଟତମ ଗାଡ଼ିରୁ ପ୍ରତିକ୍ଷେପଣାସ୍ତ୍ର ପ୍ରୟୋଗ ପୂର୍ବକ ଆକ୍ରମଣକାରୀ ବସ୍ତୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଦିଆଯାଏ। ଏଥିରେ ସ୍ଥାନିତ ଏଲ୍-ବ୍ୟାଣ୍ଡରେ କାର୍ଯ୍ୟ କରୁଥିବା ବିଗ୍ ବାର୍ଡ ରାଡାର ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଶତ୍ରୁପକ୍ଷର ଟାର୍ଗେଟକୁ ଚିହ୍ନଟ କରିପାରେ। ଏସ୍-ବ୍ୟାଣ୍ଡରେ କାମ କରୁଥିବା ଅନ୍ୟ ଏକ ରାଡାରକୁ ଆକ୍ରମଣକାରୀ ବସ୍ତୁର ଉଚ୍ଚତା ନିର୍ଣ୍ଣୟ ତଥା କମ୍ ଉଚ୍ଚତାରେ ଉଡୁଥିବା ବସ୍ତୁକୁ ଟ୍ରାକିଂ କରିବା ପାଇଁ ସକ୍ଷମ। ଏହା ବ୍ୟତୀତ, ପ୍ରଣାଳୀର ଏକ ବିକଳ୍ପ ଭିଏଚ୍‌ଏଫ୍ ବ୍ୟାଣ୍ଡ ରାଡାର ମଧ୍ୟ ସ୍ଥାନିତ ଥାଏ, ଯାହା ଶତ୍ରୁପକ୍ଷର ଲୁଚି ଲୁଚି ଆସୁଥିବା ଗୁପ୍ତ ବିମାନକୁ ସହଜରେ ଚିହ୍ନଟ କରିପାରେ।

ଏହି ଦୁର୍ଦ୍ଧର୍ଷ ଓ ଅପରାଜେୟ ଏସ୪୦୦ ବ୍ୟବସ୍ଥାକୁ "ସୁଦର୍ଶନ ଚକ୍ର' ବୋଲି ଆଖ୍ୟା ଦିଆଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନଚକ୍ର ଯେପରି ନ୍ୟାୟର ପ୍ରତୀକ, ଏହି ପ୍ରତିରକ୍ଷା ପ୍ରଣାଳୀ ସେହିପରି ଶତ୍ରୁର ଅନ୍ୟାୟ ଆକ୍ରମଣରୁ ଦେଶ ଓ ନାଗରିକଙ୍କୁ ରକ୍ଷା କରି ଧର୍ମ ଓ ସୁଶାସନ ପ୍ରତିଷ୍ଠା ନିମନ୍ତେ ସଦାଚେଷ୍ଟିତ। ସୁତରାଂ ଏହି ପ୍ରତିରକ୍ଷା ପ୍ରଣାଳୀ ଆମ ବାୟୁସେନାର ଏକ ଅଭେଦ୍ୟ ଓ ଅମୋଘ ପ୍ରତିରକ୍ଷା କବଚ।

ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୋପାଳ, ମୋ: ୮୦୧୮୭୦୮୮୫୮

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

**ପ୍ରକୃତି-ପରିବେଶ**

## ଅରଖ

ଆମର ଅତି ପରିଚିତ 'ଅରଖ'ର ଅନ୍ୟ ନାମ ହେଉଛି ମୁକୁଟ ଫୁଲ। ଭାରତ, ଚୀନ୍, କାମ୍ବୋଡିଆ, ଭିଏତନାମ, ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା, ପାକିସ୍ତାନ ଏବଂ ନେପାଳରେ ଏହା ଏକ ସ୍ଥାନୀୟ ଗୁଳ୍ମ ଜାତୀୟ ଉଦ୍ଭିଦ। ୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବଡ଼ ବୁଦାଜାତୀୟ ଉଦ୍ଭିଦ ଶୁଷ୍କ, ପଥୁରିଆ ମାଟିରେ ବଢ଼ିବା ସହିତ ପ୍ରାୟତଃ ମରୁଭୂମି, ରାସ୍ତାକଡ଼ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଏ। ଫୁଲ ଗୁଡ଼ିକ ଧଳା କିମ୍ବା ବାଇଗଣି ରଙ୍ଗର। ଏହାକୁ ବୈଜ୍ଞାନିକ ଭାଷାରେ ଗାଇନୋଷ୍ଟେଜିୟମ୍ କୁହାଯାଏ। ଏହାର ଫଳ ଲୋମଶ ବିହନ ସହିତ ଏକ ଯୋଡ଼ା ଫୋଲିକଲ୍, ଯାହା ଶୁଖିଗଲେ ପବନ ଦ୍ୱାରା ବିସ୍ତାରିତ ହୁଏ। ଫୁଲ ଏବଂ ଫଳ ଧରିବା ସମୟ ସାଧାରଣତଃ ନଭେମ୍ବରରୁ ଏପ୍ରିଲ ମାସ।

ଆୟୁର୍ବେଦରେ ଶ୍ୱାସରୋଗ ଜୀବାଣୁ ସଂକ୍ରମଣ, ଲାଲ ଫୁଲା, ଘାଆ, ଯକୃତ ଓ ପ୍ଲୀହା ରୋଗ, ଚର୍ମ ରୋଗ, ଅଜୀର୍ଣ୍ଣ, ରକ୍ତ ସଂଚାଳନରେ ବିଭ୍ରାଟ, ସ୍ନାୟୁରୋଗ, ଜ୍ୱର, ବାନ୍ତି, ହଇଜ. ଭାତୁଡ଼ି, ଅନ୍ତନାଳୀ ଘାଆ, କୃମି, କୋଷ୍ଠକାଠିନ୍ୟ, କୁଷ୍ଠ ରୋଗ ଆଦି ଚିକିତ୍ସାରେ ଅରଖର ବିଭିନ୍ନ ଅଂଶ ଆବଶ୍ୟକ ଅନୁସାରେ ବ୍ୟବହୃତ ହୁଏ। ଅରଖର କ୍ଷୀର ରସ ଗଣ୍ଠିବାତ ରୋଗ, ମାଂସ ପେଶୀ ଯନ୍ତ୍ରଣା, କର୍କଟ ରୋଗ ଓ ସାପ କାମୁଡ଼ା ଚିକିତ୍ସା ପାଇଁ ପ୍ରତିଷେଧକ ଭାବରେ ବ୍ୟବହାର କରାଯାଇଥାଏ। ଏଥିରେ ଗଛିତ ଥିବା ରାସାୟନିକ ଦ୍ରବ୍ୟ କ୍ୟାଲୋଟ୍ରୋପିନକୁ ଗର୍ଭନିରୋଧକ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଅରଖର ଏକ ପ୍ରଭାବଶାଳୀ କବକନାଶକ ଏବଂ କୀଟନାଶକ ଗୁଣ ରହିଥିବା ବିଷୟରେ ମଧ୍ୟ ସୂଚନା ରହିଛି। ଅରଖ ରସ ଅନେକ ଶସ୍ୟର ଅଙ୍କୁରୀକରଣ ଏବଂ ଚାରା ବର୍ଦ୍ଧକ ଶକ୍ତିକୁ ପ୍ରଭାବିତ କରେ।

ମୂଳତଃ ଅରଖ ଏକ ବିଷାକ୍ତ ଉଦ୍ଭିଦ। ଏଥିରେ ଗଛିତ ଥିବା ସକ୍ରିୟ ତତ୍ତ୍ୱଗୁଡ଼ିକ ହେଉଛି ଉସଚାରିନ, କାଲୋଟକ୍ସିନ୍, କାଲାକ୍ଟିନ୍ ଓ କାଲୋଟ୍ରୋପିନ୍। ଅରଖର ଲାଟେକ୍ସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍, ଫ୍ୟାଟି ଏସିଡ୍ ଓ କ୍ୟାଲସିୟମ୍ ଅକ୍ସାଲେଟ୍ ଥାଏ। ଏହାର ମୂଳରେ କାଲୋଟ୍ରୋପୋନ୍ ମଧ୍ୟ ଥାଏ। ପତ୍ର ଓ କାଣ୍ଡକୁ ସାମାନ୍ୟ ଆଘାତ କିମ୍ବା ଛୁରୀରେ କାଟିଲେ ଘନ କ୍ଷୀର ଭଳି ରସ ବା ଲାଟେକ୍ସ ନିଷ୍କାସନ ହୋଇ ବାହାରିଥାଏ। ଏହି ରସକୁ ତୀର ଦେହରେ ବୋଳି ବିଷ ଭାବରେ ପଶୁ ଶିକାର ପାଇଁ ବ୍ୟବହାର କରାଯାଏ। ମଣିଷ ପାଇଁ ମଧ୍ୟ ଏହା ବିଷାକ୍ତ ଓ ପ୍ରାଣନାଶକ। ଅରଖର ଲାଟେକ୍ସ ଚକ୍ଷୁ ସଂସ୍ପର୍ଶରେ ଆସିଲେ ବ୍ୟକ୍ତି କେରାଟୋକଞ୍ଜଙ୍କଟିଭାଇଟିସ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଏହା ସଂସ୍ପର୍ଶରେ ଆସିବା ଫଳରେ ଚର୍ମ ଲାଲ ପଡ଼ିଯାଏ ଏବଂ ଭେସିକେସନ୍ ବା ପାଣି ଫୋଟକା ସୃଷ୍ଟି କରେ। ତେଣୁ ଶିଶୁମାନଙ୍କୁ ଅରଖ ଗଛ ଠାରୁ ଦୂରେଇ ରଖିବାକୁ ହେବ।

ଜାପାନୀ ଏନସେଫାଲାଇଟିସ୍ ବା ମସ୍ତିଷ୍କ ପ୍ରଦାହ ପାଇଁ ବାହକ ଭାବରେ କାର୍ଯ୍ୟ କରୁଥିବା କୁଲେକ୍ସ ମଶା ନିୟନ୍ତ୍ରଣ କରିବା ପାଇଁ ଅରଖ ଦକ୍ଷ ଶକ୍ତି ଗୁଣ ପ୍ରଦର୍ଶନ କରୁଥିବା ପ୍ରମାଣ କରାଯାଇଛି। ଅରଖର କାଣ୍ଡରୁ ଏକ ପ୍ରକାର ଦୀର୍ଘ ସ୍ଥାୟୀ ତନ୍ତୁ ଉତ୍ପାଦନ ହୁଏ, ଯାହା ଦଉଡ଼ି, କାର୍ପେଟ, ମାଛ ଧରିବା ଜାଲ ଏବଂ ସିଲାଇ ସୂତା ପାଇଁ ଉପଯୋଗୀ ଅଟେ। ବିହନ ସହିତ ସଂଲଗ୍ନ ଥିବା ପଶମ ସୂତା ବା ତନ୍ତୁ, ତକିଆ, ଶେଜ ଇତ୍ୟାଦିରେ ଷ୍ଟଫିଂ ଭାବରେ ବ୍ୟବହାର କରାଯାଏ। ଅରଖ ରସ ଏବଂ ଲୁଣର ମିଶ୍ରଣରୁ କିଣ୍ୱନ ପ୍ରକ୍ରିୟାରେ ଉତ୍ପନ୍ନ ଉପାଦାନ ଛେଳି ଓ ମେଣ୍ଢା ଚମଡ଼ାରୁ କେଶ ବାହାର କରି ସେମାନଙ୍କ ଚମଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଏ, ଯାହା ଶସ୍ତା ବହି ବାଇଣ୍ଡିଂ ପାଇଁ ବହୁଳ ବ୍ୟବହୃତ ହୁଏ। ଅରଖ ଇକୋସିଷ୍ଟମ ବା ପ୍ରାକୃତିକ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ପ୍ରଜାପତି ଏବଂ ପରାଗକ ପାଇଁ ଏକ ମୂଳ ଉଦ୍ଭିଦ। ଜଳବାୟୁର ଯେ କୌଣସି ପରିସ୍ଥିତିରେ ଏହା ବଞ୍ଚିପାରେ।

ଭାରତରେ ମରାଠା ସଂସ୍କୃତି ଦ୍ୱାରା ଟୋଟେମ୍ ବା ପ୍ରତୀକ ଭାବରେ ବ୍ୟବହୃତ ପାଞ୍ଚଟି ଭିନ୍ନ ପତ୍ରର ଏକ ରୀତିଗତ ସଂଗ୍ରହ। ଶିବ ପୁରାଣ ଅନୁସାରେ, ଅରଖ ଫୁଲ ଭଗବାନ ଶିବଙ୍କର ବହୁତ ପସନ୍ଦର ଫୁଲ। ଅରଖ ମଧ୍ୟ ନଅଟି ଜ୍ୟୋତିଷ ଗଛ (ନବଗ୍ରହ ଗଛ) ର ଏକ ପ୍ରମୁଖ ଅଂଶ। ଅରଖ ଫୁଲକୁ ଉତ୍ତର-ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ହାୱାଇର ରାଣୀ ଲିଲିଉକଲାନି ପସନ୍ଦ କରିଥିଲେ, ଯିଏ ଏଗୁଡ଼ିକୁ ରାଜକୀୟତାର ପ୍ରତୀକ ବୋଲି ବିବେଚନା କରୁଥିଲେ ଏବଂ ସେଗୁଡ଼ିକୁ ମାଳା କରି ବାନ୍ଧି ବେକରେ ପିନ୍ଧୁଥିଲେ। କାମ୍ବୋଡିଆରେ ଏଗୁଡ଼ିକୁ କଳସ କିମ୍ବା ଅନ୍ତିମ ସଂସ୍କାରରେ ବ୍ୟବହାର କରାଯାଏ। ଇଣ୍ଡୋନେସିଆରେ ଏହାର ଫୁଲକୁ ୱିଦୁରି କୁହାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରଥଖଳାରୁ...

# ଶେଷ ପର୍ଯ୍ୟାୟରେ ଚକ ନିର୍ମାଣ



ପୁରୀ,୨୫।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ କାମ ଆଗଉଛି। ରବିବାର ସୁଦ୍ଧା ତିନିରଥର ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ଆଉ ଗୋଟିଏ ଲେଖାଏଁ ଚକ ବାକି ଅଛି। ମହାରଣା ସେବକମାନେ ବଳକା ଚକର ପଇ ବିନ୍ଧ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ତିନିରଥ ଶେଷ ଚକର ତୁମ୍ବରେ ସିଙ୍ଗଡ଼ାବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ସୋମବାର ଭୋଇ ସେବକମାନେ ଯନ୍ତା ଗାଡ଼ ବନ୍ଦ କରିବେ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଏଁ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣା ସମ୍ପନ୍ନ କରିଛନ୍ତି। ଏହି ଚଉତା କାଠଗୁଡ଼ିକରେ ୫ଟି ଲେଖାଏଁ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ୪ଟି ଯୋକା ନିର୍ମାଣ କାର୍ଯ୍ୟ ମଧ୍ୟ ସରିଛି। ଏହି ୧୮ ଫୁଟିଆ ଯୋକା ପ୍ରତ୍ୟେକ ରଥର ଅଖ, କୁତୁକା, ଗୟଳ ଏବଂ ନିରାଡିକୁ ମଜଭୁତ୍ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ। ସେହିପରି ପ୍ରତ୍ୟେକ ରଥର ୮ଟି ଲେଖାଏଁ ୨୦ ଫୁଟିଆ ୧୪ ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇ ସେଗୁଡ଼ିକର ଆଠ କଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ରୂପକାରମାନେ କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିବା ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ ଓ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଘଡ଼ି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡ଼ିଆ ଅଗ ପାତେଳି କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣା ସ୍ନାନ ଯାତ୍ରା ଏବଂ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ତିଆରି କରୁଛନ୍ତି।

# ମୌସୁମୀ ଆସିଲା; ଚାଷୀଙ୍କୁ ମିଳିଲାନି ବିହନ



■ ନିଗମରେ ଅଛି; ପାକ୍ସରେ ପହଞ୍ଚୁନି
■ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ବ୍ୟସ୍ତ ଅଧିକାରୀ, ଚାଷୀଙ୍କୁ ପଚାରେ କିଏ?

ଭୁବନେଶ୍ୱର,୨୫।୫(ସମିସ): ଏଥର ସଅଳ ଆସିଛି ମୌସୁମୀ। ରାଜ୍ୟବ୍ୟାପୀ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଆଉ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଚାଷୀ। ଜମିକୁ ହଳ କରି ଚାଷ ପାଇଁ ପ୍ରସ୍ତୁତ କରିସାରିଲାଣି। ହେଲେ ରାଜ୍ୟବ୍ୟାପୀ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସରକାରୀ ବିହନ ଠିକ୍ ଭାବେ ମିଳୁନି। ପ୍ରାୟ ଅଧା ଚାଷୀଙ୍କ ପାଖରେ ବିହନ ପହଞ୍ଚି ନ ଥିଲାବେଳେ ସାର ବି ଏପର୍ଯ୍ୟନ୍ତ ଆସିନି। ଫଳରେ ଆରମ୍ଭରୁ ଚିନ୍ତାରେ ପଡ଼ିଲାଣି ଚାଷୀ। ଏପେଟ କୃଷି ଅଧିକାରୀ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ବ୍ୟସ୍ତ ଥିବାବେଳେ ବିଭାଗୀୟ ମନ୍ତ୍ରୀ ମଧ୍ୟ ବିଦେଶ ଗସ୍ତରେ ବୁଲୁଛନ୍ତି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଓଡ଼ିଶରେ ଅଧିକାଂଶ ଜିଲ୍ଲାର ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ଅଧାରୁ ଅଧିକ ଜମିକୁ ଜଳସେଚିତ ସୁବିଧା ନ ଥିବାରୁ ରବିରେ ଚାଷବାସ ପ୍ରାୟ ହୁଏନି। ଖରିଫ ଚାଷକୁ ଚାଷୀ ଗୁରୁତ୍ୱ ଦେଉଥିଲା ବେଳେ ଏଥର ଭଲ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ରଜ ପରେ ପରେ ବୁଣାବୁଣି ଆରମ୍ଭ ହେବ। ଧାନ ସହିତ ଡାଲି ଓ ତୈଳବୀଜ ଜାତୀୟ ଫସଲ ପାଇଁ ବିହନ ପକାଇବେ ଚାଷୀ। ରାଜ୍ୟର ୩୦ ଜିଲ୍ଲାରେ ୬୧ ଲକ୍ଷ ୮୦ ହଜାର ହେକ୍ଟର ଚାଷ ଜମି ରହିଛି। ପ୍ରାୟ ୨୦ ପ୍ରତିଶତ ଜମିରେ ଡାଲିଜାତୀୟ ଓ ୧୦ ପ୍ରତିଶତ ଜମିରେ ତୈଳବୀଜ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରସ୍ତୁତି ସରିଥିଲେ ମଧ୍ୟ ଚାଷୀଙ୍କ ପାଖରେ ବିହନ ପହଞ୍ଚିପାରୁନି। ସରକାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ବିହନ ଯୋଗାଇବାକୁ ଯୋଜନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଯଥେଷ୍ଟ ପରିମାଣର ବିହନ ପହଞ୍ଚିନି। କିଛି ପ୍ୟାକ୍ସ ବିହନ ନେଇ ନ ଥିବାରୁ ସମସ୍ୟା ହୋଇଛି। ପୁଣି ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ବିହନ ଦାମ୍ ଅଧିକ ପଡୁଥିବାରୁ ଚାଷୀମାନେ ମଧ୍ୟ ହତାଶ ହୋଇଛନ୍ତି। ସବ୍‌ସିଡି ହ୍ରାସ ମଧ୍ୟ ଚାଷୀ ପାଇଁ ଆଉ ଏକ ଚିନ୍ତାର କାରଣ ସାଜିଛି।

ସୂଚନାନୁସାରେ, ଖରିଫରେ ଓଡ଼ିଶା ଚାଷୀଙ୍କୁ ୧୧ ଲକ୍ଷ କ୍ୱିଣ୍ଟାଲ ବିହନର ଆବଶ୍ୟକତା ଥାଏ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର କରାଯାଉଥିଲା। ବର୍ତ୍ତମାନ କିନ୍ତୁ ୨୦ କେଜି ବିହନରେ ଆବଶ୍ୟକତା ପୂରଣ ହେଉଛି। ତେଣୁ ଚାହିଦା ୧୫ ଲକ୍ଷରୁ ୧୦ ଲକ୍ଷ କ୍ୱିଣ୍ଟାଲକୁ ହ୍ରାସ ପାଇଛି। ଏଥିରୁ ୪ ଲକ୍ଷ କ୍ୱିଣ୍ଟାଲ ବିହନ ନିଗମ ଦେଇଥାଏ। ନିଗମ ପାଖରେ ବିଭିନ୍ନ କିସମର ବିହନ ଥିବାବେଳେ ଏମକ୍ୟୁ୧୨୧୦, ଏମକ୍ୟୁ୧୨୨୬, ସ୍ୱର୍ଣ୍ଣ, ଶକ୍ତି ଆଦି ବିହନର ଅଧିକ ଚାହିଦା ରହିଛି। କାରଣ ଏହାର ଉତ୍ପାଦନ ହେକ୍ଟର ପିଛା ୪ରୁ ୫ଟନ୍। ହେଲେ ଏହି ବିହନ ସମସ୍ତ ଚାଷୀଙ୍କୁ ଯୋଗାଇବା ସମ୍ଭବ ହେଉନି। ତେଣୁ ଚାଷୀ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ନିଜର ସଂରକ୍ଷିତ ବିହନକୁ ମଧ୍ୟ ବ୍ୟବହାର କରୁଛନ୍ତି। ଆଉ କିଛି ଚାଷୀ କମ୍ପାନିର ହାଇବ୍ରିଡ ବିହନ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଏହି ବିହନ ଅଧିକାଂଶ ସମୟରେ ଗଜା ହୋଇନଥାଏ। ଫଳରେ ଚାଷୀ କ୍ଷତି ସହିଥାଏ। ତେଣୁ କୃଷି ବିଭାଗ ପକ୍ଷରୁ ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସି ଗୁଡ଼ିକର ଯାଞ୍ଚ କରିଥାଏ। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଏବେ ସରକାରୀ ବିହନ ମିଳିବାରେ ସମସ୍ୟା ହେଲେ ଚାଷୀ ଠକାମୀର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ବିହନ ନିଗମ ପାଖରେ ଯଥେଷ୍ଟ ବିହନ ମହଜୁଦ ଥିଲେ ମଧ୍ୟ କିଛି ପାକ୍ସ ବିଳମ୍ବରେ ବିହନ ଉଠାଉଥିବାରୁ ସମସ୍ୟା ହୋଇଛି। ଯେଉଁ ପ୍ୟାକ୍ସରେ ବିହନ ମିଳୁଛି ଚାଷୀମାନେ ତାହା ସଂଗ୍ରହ କରୁଛନ୍ତି। ଯେଉଁ ଅଞ୍ଚଳରେ ପ୍ୟାକ୍ସ ବିହନ ନେଇନାହାନ୍ତି, ସେଠାରେ ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି।

ବିହନ ନିଗମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିଗମ ପାଖରେ ପର୍ଯ୍ୟାପ୍ତ ପରିମାଣର ବିହନ ମହଜୁଦ୍ ରହିଛି। କିନ୍ତୁ ଅନେକ ପାକ୍ସ ବିହନ ନେଇନାହାନ୍ତି। ସପ୍ତାହେ ଭିତରେ ବିହନ ସବୁ ଅଞ୍ଚଳରେ ପହଞ୍ଚିଯିବ। ଏପଟେ ଆରମ୍ଭରୁ ରାସାୟନିକ ସାର ଅଭାବ ଦେଖା ଦେଲାଣି। ଅଧାରୁ ଅଧିକ ପ୍ୟାକ୍ସ କେଜିଏ ହେଲେ ବି ସାର ପାଇନାହାନ୍ତି। ଉଦ୍‌ବେଗର ବିଷୟ, କେତେ ସାର ଦରକାର ସେଥିନେଇ ତାଲିକା ଏୟୁସିସି ବ୍ୟାଙ୍କ ପକ୍ଷରୁ ମାର୍କଫେଡ୍‌କୁ ଦିଆଯାଇନି। ଏଣୁ ଏଥର ସାର ଯୋଗାଣ ବିଳମ୍ବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କୃଷି ଅଧିକାରୀ ଚାଷୀଙ୍କ ଏ ସମସ୍ୟାର ସମାଧାନ କରି ଚାଷ କାର୍ଯ୍ୟ ପାଇଁ ସଅଳ ବିହନ ଓ ସାର ଯୋଗାଇବା ପରିବର୍ତ୍ତେ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବର ଗୁଣଗାନରେ ମାତିଛନ୍ତି। ତେଣୁ ପ୍ରାକ୍ ବର୍ଷା ଆରମ୍ଭ ହୋଇଯାଇଥିଲେ ହେଁ ଚାଷୀଙ୍କ ମୁହଁରେ ଖୁସି ଫୁଟି ପାରିନାହିଁ।

**ଅବକାରୀ ରାଜସ୍ୱରେ ନିଶା ନିବାରଣ କାର୍ଯ୍ୟକ୍ରମ**

# ଅବକାରୀ ଆଭିମୁଖ୍ୟ: କାଠଗଡ଼ାରେ ସରକାର

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟରେ ଆସନ୍ତା ୩୧ ତାରିଖରୁ ବିଧିବଦ୍ଧ ଭାବେ ନିଶା ନିବାରଣ ଅଭିଯାନ ଆରମ୍ଭ ହେବ। ଏହି ଅବସରରେ ସରକାର ଲୋକଙ୍କୁ ନିଶା ସେବନର ଖରାପ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ଜୁନ୍ ୨୬ ତାରିଖ ଯାଏଁ ପ୍ରତି ଗାଁରେ ଦାସକାଠିଆ, ଘୋଡା ନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ତେବେ ସରକାରଙ୍କ ଏହି ଅଭିଯାନର ଆନ୍ତରିକତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଅଧିକ ଅବକାରୀ ରାଜସ୍ୱ ହାସଲ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ବିଅରଠାରୁ ଆରମ୍ଭ କରି ବିଦେଶୀ ମଦ ବିକ୍ରି ବଢୁଛି। ସେହିପରି ଯଅ, ମାଣ୍ଡିଆ ଓ ବାଜରା ଆଦି କ୍ଷୁଦ୍ରଶସ୍ୟରୁ ମିଲେଟ୍ ମଦ ପ୍ରସ୍ତୁତ ପାଇଁ ସରକାର ଘୋଷଣା କରିଛନ୍ତି। ଏପରିସ୍ଥଳେ କେଉଁ ସ୍ୱାର୍ଥରେ ଓ କାହା ପାଇଁ ସରକାର ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।

ନିଶା ନିବାରଣ ପାଇଁ ଅବକାରୀ ବିଭାଗର ଯୋଜନା ଅନୁଯାୟୀ ମେ ୩୧ରୁ ଆରମ୍ଭ ହେବାକୁ ଥିବା ଏହି ଅଭିଯାନରେ ପୁଲିସ, ମିଶନ ଶକ୍ତି, ଉଚ୍ଚ ଶିକ୍ଷା, ଗଣ ଶିକ୍ଷା ଓ ସଂସ୍କୃତି ବିଭାଗ ମିଳିତ ଭାବେ ମାସେ ଧରି ଏହି ପ୍ରଚାର କରିବେ। ସ୍କୁଲ, କଲେଜରେ ରଚନା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ମାତ୍ର ଅବକାରୀ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ରଖିଥିବାବେଳେ ସରକାର ନିଶା ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରିବାରେ କେତେ ଯଥାର୍ଥତା ରହିଛି ବୋଲି ପ୍ରଶ୍ନ କରିଛନ୍ତି ବିଭିନ୍ନ ସଂଗଠନ।

ସୂଚନା ଅନୁସାରେ ଓଡ଼ିଶାରେ୨୦୨୨-୨୩ ଆର୍ଥିକ ବର୍ଷରେ ୧୨.୯ କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫ କୋଟି ଲିଟରକୁ ବୃଦ୍ଧି ପାଇଛି।

■ ଏପଟେ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ, ସେପଟେ ନିଶା ନିବାରଣ ସଚେତନତା
■ ମାଣ୍ଡିଆ, ବାଜରା ଓ କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତ ଲାଗି ହୋଇଛି ଯୋଜନା
■ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ପ୍ରଭେଦକୁ ନେଇ ଘେରିଲେ ବୁଦ୍ଧିଜୀବୀ
■ ମଦ ବ୍ୟବହାରକୁ ପ୍ରଶ୍ରୟ ଦେଇ ନିଶା ନିବାରଣ ଅଭିଯାନ କାହା ପାଇଁ

ଅନ୍ୟପକ୍ଷରେ ବିଦେଶୀ ବିଅର ବିକ୍ରି ପରିମାଣ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କୁ ୬୪୫୫ କୋଟି ଟଙ୍କାର ଅବକାରୀ ରାଜସ୍ୱ ମିଳିଥିବା ବେଳେ ୨୦୨୩-୨୪ରେ ଏହା ୭୨୧୬.୯୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅବକାରୀ କ୍ଷେତ୍ରରୁ ୮୬୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗୋଟିଏ ପଟେ ସରକାର ଲୋକଙ୍କୁ ପରୋକ୍ଷରେ ମଦ ବ୍ୟବହାର କରିବାକୁ ଉତ୍ସାହିତ କରି ଅନ୍ୟପକ୍ଷରେ ନିଶା ନିବାରଣ ସଚେତନତା କରିବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି।

ବିଜେପି ନିର୍ବାଚନ ପ୍ରଚାର ବେଳେ ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ସାମାଜିକ ସଶକ୍ତିକରଣ ମନ୍ତ୍ରୀ ମଧ୍ୟ ଏହାକୁ ଦୋହରାଇଥିଲେ। ମାତ୍ର ପରେ ସରକାରଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସରକାର ମଦରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖୁଛନ୍ତି। ଏପରି ସ୍ଥଳେ ଏପରି ଅଭିଯାନର ମାନେ କିଛି ନାହିଁ ବୋଲି ବିଭିନ୍ନ ନିଶା ନିବାରଣ ଅଭିଯାନ ସହ ଜଡ଼ିତ ବ୍ୟକ୍ତିବିଶେଷ ମତ ରଖିଛନ୍ତି। ନିଜ ପ୍ରତିଶ୍ରୁତିକୁ ରକ୍ଷା କରି ସମଗ୍ର ରାଜ୍ୟ କିପରି ନିଶାମୁକ୍ତ ହୋଇପାରିବ, ସେନେଇ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗାନ୍ଧୀବାଦୀ ପ୍ରହ୍ଲାଦ ସିଂ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ସାରା ରାଜ୍ୟରେ ବର୍ତ୍ତମାନ ଚୋରା ନିଶା କାରବାର ବଢ଼ି ବଢ଼ି ଚାଲିଥିବା ବେଳେ ରାଜୟରେ ଧଳା ଜହର ବେପାର ମଧ୍ୟ ଯୁବପିଢ଼ିଙ୍କୁ ବେଶ୍ ପଥଭ୍ରଷ୍ଟ କରୁଛି। ସମାନ ସମୟରେ ରାଜ୍ୟରେ ମଦ ବନ୍ୟା ମଧ୍ୟ ସାମାଜିକ ଅଶାନ୍ତିର କାରଣ ପାଲଟୁଛି। ସରକାର ସତରେ ଯଦି ନିଶା ନିବାରଣ କରିବାକୁ ଆନ୍ତରିକତା ରଖୁଛନ୍ତି, ତାହେଲେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ଏହାକୁ ନି ଆଚରଣରେ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି**

# ଅସ୍ଥାୟୀ ଶେଡ୍ ପାଇଁ ୧ କୋଟି ଅପବ୍ୟୟ କାହିଁକି?

ପୁରୀ,୨୫।୫(ସମିସ): ରଥଯାତ୍ରା ଡ୍ୟୁଟିରେ ଆସୁଥିବା ପୁଲିସଙ୍କ ରହଣି ନିମନ୍ତେ ତିଆରି ହେବ ୨ଟି ଅସ୍ଥାୟୀ ଫେବ୍ରିକେଟେଡ୍ ଶେଡ୍। ଟେଣ୍ଡର ମାଧ୍ୟମରେ ଏହି କାମ ଦିଆଯିବାକୁ ଥିବାବେଳେ ବ୍ୟୟ ହେବ ୮୯ ଲକ୍ଷ ୪୭ହଜାର ୬୩୫ ଟଙ୍କା। ତେବେ ଏହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। ଅସ୍ଥାୟୀ ଶେଡ୍ ପାଇଁ ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଛନ୍ତି ସରକାର। ସେହି ଅର୍ଥରେ ସ୍ଥାୟୀ କୋଠା ନିର୍ମାଣ କରିଦେଲେ ପ୍ରତିବର୍ଷ ବାହାରୁ ଆସୁଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ରହଣି ସମସ୍ୟା ରୁହନ୍ତା ନାହିଁ ବୋଲି ମତ ଦେଉଛନ୍ତି। ଏଭଳି ସ୍ଥିତିରେ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିଛନ୍ତି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଚିଠିରେ ସେ ଦର୍ଶାଇଛନ୍ତି, ଯଦି ଆମେ ଲୋକଙ୍କ ସରକାର ବୋଲି କହୁଛେ, ତେବେ ରଥଯାତ୍ରାରେ ପୁଲିସ ରହଣି କେନ୍ଦ୍ର ପାଇଁ ସରକାର କାହିଁକି ୮୯ଲକ୍ଷ ୪୭ହଜାର ୬୩୫ଟଙ୍କା ଅପବ୍ୟୟ କରୁଛନ୍ତି? ପୁରୀରେ ଅନେକ ସରକାରୀ ଜାଗା ଓ ଶ୍ରୀମନ୍ଦିରର ଜମି ରହିଛି। ଏହିଭଳି ଅନେକ ଜମି ଜବରଦଖଲରେ ବି ରହିଛି। ତାହାକୁ ଚିହ୍ନଟ କରି ସେଥିମଧ୍ୟରୁ ଉପଯୁକ୍ତ ଜମିରେ କୋଟିଏ ଟଙ୍କା ଖର୍ଚ୍ଚ କଲେ ତାହା ପ୍ରତିବର୍ଷ ପାଇଁ ରଥଯାତ୍ରା ଡ୍ୟୁଟିରେ ଆସୁଥିବା କର୍ତ୍ତବ୍ୟରତ ପୁଲିସମାନଙ୍କ ସ୍ଥାୟୀ ରହଣିସ୍ଥଳ ହୋଇପାରିବ। ସେଠାରେ କିଛି ଶୌଚାଳୟ ସହ ପିଇବା ପାଣିର ବ୍ୟବସ୍ଥା ହୋଇଗଲେ ବର୍ଷର ଅନ୍ୟ ଦିନମାନଙ୍କରେ ବହିରାଗତ ଗରିବ ଯାତ୍ରୀମାନେ ମଧ୍ୟ ଅଳ୍ପ ଦେୟରେ ଉପକୃତ ହୋଇପାରିବେ। ଫଳରେ ସରକାରଙ୍କ ଏହି ଟଙ୍କା ଠିକଣା ବାଟରେ ବିନିଯୋଗ ହେବା ସହ ଦୂରଦୂରାନ୍ତରୁ ଆସୁଥିବା ଗରିବ ଯାତ୍ରୀମାନେ ପୁରୀରେ ପକେଟ୍‌କୁ ସୁହାଇଲା ଭଳି ଖର୍ଚ୍ଚରେ ରହି ଭଲ ଅନୁଭୂତି ନେଇ ଫେରିବେ। ଏହା ନିଶ୍ଚିତ ଓଡ଼ିଶା ତଥା ପୁରୀ ପାଇଁ ଏକ ଗର୍ବର ବିଷୟ ହେବ। ଶ୍ରୀ ମିଶ୍ର ରାସ୍ତା ଓ ନିର୍ମାଣ ବିଭାଗର ବିଜ୍ଞପ୍ତି ୦୬/୨୦୨୫-୨୬ର ସୂଚନା ସହିତ ଉଲ୍ଲେଖ କରିଛନ୍ତି ଯେ ଯେହେତୁ ସରକାର ଜନଗଣଙ୍କର ତେଣୁ ସରକାର ଟେଣ୍ଡର କରିବା ପୂର୍ବରୁ ଏଭଳି ଅପବ୍ୟୟ ଉପରେ ଜନଶୁଣାଣି କରିବା ଆବଶ୍ୟକ ହୋଇପଡ଼ିଛି।

ସୂଚନାଥାଉ କି, ପୁରୀ ରଥଯାତ୍ରାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥା’ନ୍ତି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଟ୍ରାଫିକ୍ ସୁପରିଚାଳନା ପାଇଁ ହଜାର ହଜାର ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରୀ ଅଣାଯାଇଥାଏ। ଅଧିକାରୀମାନଙ୍କ ପାଇଁ ବିଭିନ୍ନ ହୋଟେଲରେ ରୁମ୍ ନିଆଯାଏ। କର୍ମଚାରୀମାନେ ପୁଲିସ ବାରାକ୍, ଅବକାଶ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହିଥା’ନ୍ତି। ବିଶେଷକରି ସ୍ନାନ ପୂର୍ଣ୍ଣିମା ଗୋଟିଏ ଦିନ ସରିବା ପରେ ଅଧିକାରୀ ଓ କର୍ମଚାରୀ ପଳାଇ ଯାଆନ୍ତି। ଏହାପରେ ରଥଯାତ୍ରା ଦୁଇ/ତିନିଦିନ ପୂର୍ବରୁ ପୁଣି ଆସି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରୁହନ୍ତି। ଏମିତି ଦେଖିଲେ ମୋଟ୍ ୧୯ ଦିନ ରହିଥା’ନ୍ତି ପୁଲିସ ଅଧିକାରୀ ଓ କର୍ମଚାରୀ। ତେବେ ସେମାନଙ୍କ ପାଇଁ ସ୍ଥାୟୀ ରହଣିସ୍ଥଳ ହୋଇଗଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାଙ୍କ ପାଠପଢ଼ା ବି ବ୍ୟାଘାତ ହୁଅନ୍ତା ନାହିଁ।



# ଶିବଗଙ୍ଗାରେ ବୁଡ଼ିଗଲେ ଚାରି ଛାତ୍ର

**ଜଣେ ମୃତ, ୩ ଉଦ୍ଧାର**

■ ଭଦ୍ରକ/ଆରଡି,୨୫।୫(ସମିସ): ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ରବିବାର ସକାଳୁ ଭଦ୍ରକ ଜାନୁଗଞ୍ଜରେ ରହୁଥିବା ୪ଜଣ ଛାତ୍ର ସାଙ୍ଗ ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଆସିଥିଲେ। ଦର୍ଶନ ପୂର୍ବରୁ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ୪ଜଣ ସାଙ୍ଗ ମିଳିମିଶି ଗାଧୋଇଥିବା ସମୟରେ ଗୋଡ ଖସିଯିବାରୁ ଅକାତ ପାଣିରେ ପୁଷ୍କରିଣୀ ଭିତରକୁ ଚାଲିଯାଇଥିଲେ। ଉପସ୍ଥିତ ଥିବା ସ୍ଥାନୀୟ ଲୋକ ସମସ୍ତ ୪ଜଣଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ଆରଡି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଧାମନଗର ସୋହଡା ଅଞ୍ଚଳର ଦେବବ୍ରତ ମିଶ୍ର (୨୪) ଭଦ୍ରକ ସ୍ୱୟଂଶାସିତ କଲେଜରେ +୩ ୨ବର୍ଷର ଛାତ୍ର। ଜାନୁଗଞ୍ଜର ଏକ ମେସରେ ରହି ପାଠ ପଢୁଥିଲେ। ଅନ୍ୟ ୩ଜଣ ଛାତ୍ରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

ସୂଚନାଅନୁଯାୟୀ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱର ପାହାଚ ନିର୍ମାଣ କାର୍ଯ୍ୟ ଠିକ ଭାବେ ହୋଇନଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏପରିକି ୪ବର୍ଷ ମଧ୍ୟରେ ପୁଷ୍କରିଣୀରେ ୪ଜଣ ବୁଡିଯାଇ ମୃତ୍ୟୁବରଣ କଲେଣି। ନିକଟରେ ୨ମାସ ତଳେ ଜଣେ ଛୋଟ ପିଲା ପୁଷ୍କରିଣୀକୂଳରେ ଖେଳୁଥିବା ବେଳେ। ଗୋଡ ଖସିଯିବାରୁ ମୃତ୍ୟୁ ଘଟିଥିଲା। ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଥିବା ସ୍ଥାୟୀ ଆଲୋକ ଅକାମୀ ହୋଇପଡିଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାରମୟ ହୋଇ ପଡୁଛି ପୁଷ୍କରିଣୀ କୂଳ। ପୁଷ୍କରିଣୀ ଘାଟ ଓ ଚତୁଃପାର୍ଶ୍ୱର ଉନ୍ନିତିକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଠିକ ଭାବେ କାର୍ଯ୍ୟ ହେଉନଥିବାରୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହାର ସ୍ଥାୟୀ ପ୍ରତିକାର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

■ ସରକାରୀ କର୍ମଚାରୀଙ୍କ ଉପରେ ଲଗାମ୍

# ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିବା ମନା

**ସାଢ଼େ ୭ ଘଣ୍ଟା କାର୍ଯ୍ୟ ବାଧ୍ୟତାମୂଳକ**

ଭୁବନେଶ୍ୱର,୨୫।୫(ସମିସ): ଏଣିକି ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିପାରିବେ ନାହିଁ ସରକାରୀ କର୍ମଚାରୀ। ନିଜ ବିଭାଗର କର୍ମଚାରୀଙ୍କ ପାଇଁ ଏଭଳି କିଛି ନିର୍ଦ୍ଦେଶନାମା ଜାରି କରିଛି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କର୍ମଚାରୀମାନେ ୧୦ଟା ବେଳେ ଅଫିସ ଆସିବେ ଓ ୫ଟା ୩୦ ପୂର୍ବରୁ ଅଫିସ୍ ଛାଡ଼ି ପାରିବେ ନାହିଁ। କର୍ମଚାରୀମାନେ ସର୍ବନିମ୍ନ ସାଢେ ୭ ଘଣ୍ଟା ଅଫିସରେ ରହିବାକୁ ବାଧ୍ୟତାମୂଳକ ଭାବେ ଦର୍ଶାଯାଇଛି। ଏହାସହ ବାୟୋ-ମେଟ୍ରିକ୍ ଜରିଆରେ କର୍ମଚାରୀ ଅଫିସ ପ୍ରବେଶ ଓ ପ୍ରସ୍ଥାନ କରିବେ। ଯଦି ବାୟୋମେଟ୍ରିକ ସଠିକ ଭାବେ କାର୍ଯ୍ୟକାରୀ ନ ହୁଏ, ଅର୍ଥାତ୍ ପ୍ରବେଶ ଓ ପ୍ରସ୍ଥାନ ସମୟରେ ବ୍ୟତିକ୍ରମ ହୁଏ ତେବେ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଥିରେ ଦର୍ଶାଯାଇଛି।

## ଅବଶିଷ୍ଟାଂଶ...

### ଭାଙ୍ଗିବ ଗରିବଙ୍କ...

କେନ୍ଦ୍ରରୁ ୪୩୧୦ କୋଟି ଟଙ୍କା ଅନୁଦାନ ପାଇଥିଲା। ମାତ୍ର ବିଜେପି ସରକାର ଗଠନ ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଅନୁଦାନ ୮୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଯାହା କି ପୂର୍ବବର୍ଷର ଅନୁଦାନର ୨୫ ପ୍ରତିଶତରୁ କମ୍ ବୋଲି କୁହାଯାଉଛି। ଏକପକ୍ଷରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ପକ୍କା ଘର ଯୋଜନାକୁ ବନ୍ଦ କରି ଦିଆଯାଇଥିବାବେଳେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ଯୋଗାଇ ଦିଆଯାଇ ପାରୁନାହିଁ। ଫଳରେ ଗ୍ରାମାଞ୍ଚଳର ବହୁ ଗରିବ ଲୋକମାନେ ଏବେ ବି ପକ୍କାଘର ପାଇଁ ସରକାରଙ୍କ ଦୟାକୁ ଚାହିଁଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକ ଓ ଫନି ପ୍ରଭାବିତ କ୍ଷତିଗ୍ରସ୍ତମାନେ ମଧ୍ୟ ‘ଆବାସ’କୁ ଚାହିଁ ଚାହିଁ ନିରାଶ ହୋଇଛନ୍ତି । କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୁହେଁ, ଏହି ଯୋଜନାରେ ସହରାଞ୍ଚଳର ଗରିବମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି । ଗତ ଆର୍ଥିକ ବର୍ଷରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ମାତ୍ର ୭୩ ଲକ୍ଷ ଟଙ୍କା ମିଳିଛି । ବିଜେଡି ସରକାରଙ୍କ ଶେଷ ବର୍ଷରେ ଏହି ଯୋଜନାରେ ଓଡ଼ିଶା ୨୯୬ କୋଟି ଟଙ୍କା ଅନୁଦାନ ପାଇଥିଲା, ମାତ୍ର ବିଜେପି ସରକାରଙ୍କ ପ୍ରଥମବର୍ଷରେ ମାତ୍ର ୭୩ ଲକ୍ଷ ଟଙ୍କା କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତି ଡ଼ବଲ ଇଞ୍ଜିନ୍ ସରକାରଙ୍କ ବିକାଶ ଆନ୍ତରିକତାକୁ ସ୍ପଷ୍ଟ କରିଦେଇଛି ।

ସମ୍ପ୍ରତି ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓ ଆଗାମୀ ୩ ବର୍ଷ ମଧ୍ୟରେ ଏହି ଯୋଜନାରେ ୧ ଲକ୍ଷ ଗୃହ ନିର୍ମାଣ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ମଧ୍ୟ ୨୬୦୦ କୋଟି ଟଙ୍କା ବରାଦ କରାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଗୃହକୁ ନେଇ ଗ୍ରାମାଞ୍ଚଳରେ ରାଜନୀତି ଆରମ୍ଭ ହୋଇଛି । ଶାସକ ଦଳର ବିଧାୟକଙ୍କ ସୁପାରିସ ନ ହେଲେ ଏହି ଗୃହ ମିଳିବ ନାହିଁ ବୋଲି ସରକାରୀ ଅଧିକାରୀମାନେ ସଫାସଫା ମନା କରି ଦେଉଛନ୍ତି । ଏକ ପକ୍ଷରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଓ ଅନ୍ୟପକ୍ଷରେ ଶାସକ ଦଳର ଅନ୍ତ୍ୟୋଦୟ ରାଜନୀତି ରାଜ୍ୟର ଗୃହହୀନ ଗରିବ ଲୋକମାନଙ୍କ ପାଇଁ ସମସ୍ୟାରେ ପରିଣତ ହୋଇଛି ।

### ସାତ ଦିନରେ...

ସକାଳେ ପାଇଖାନା ଯିବ କହି ଘରୁ ଯାଇଥିଲା ବେଳେ ଆଉ ଫେରି ନ ଥିଲା। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପାଇନଥିଲେ। ତା ପର ଦିନ ଗାଁ ଠାରୁ ୨୫ କିଲୋମିଟର ଦୂର ଘୋବରଘଟା ସିଟ ଛକଠାରେ ବସିଥିବା ଦେଖି ଗ୍ରାମବାସୀ ତାର ଠିକଣା ଜାଣିବା ପରେ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ବଡ଼ ମା’ଙ୍କୁ ଦୁଷ୍କର୍ମ ସମ୍ପର୍କରେ କହିବା ପରେ ପରିବାର ଲୋକେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଦୁଷ୍କର୍ମ ଆଶଙ୍କା କରି ରାଇବଣିଆ ଥାନାକୁ ଜଣାଇ ଥିଲେ। ସନ୍ଧ୍ୟାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ରାଇବଣିଆ ଅଞ୍ଚଳର ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ଏହାର ଦୁଇଦିନ ପରେ ଭୋଗରାଇ ଥାନା ଅନ୍ତର୍ଗତ ଲକ୍ଷ୍ମୀ ପାଟଣା ଅଞ୍ଚଳରେ ଜନୈକ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରି ହତ୍ୟା ଅଭିଯୋଗ ହୋଇଛି।

ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସମ୍ପୃକ୍ତା ଛାତ୍ରୀଙ୍କୁ ଗଣ ବଳାତ୍କାର କରି ହତ୍ୟା କରିଥିଲା ବେଳେ ଏହାକୁ ଆତ୍ମହତ୍ୟା ରୂପ ଦେବାପାଇଁ ଶୋଇବା ଘରେ ବେକରେ ରଶି ଲଗାଇ ଟାଙ୍ଗି ଦେଇଥିଲେ। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଏହାପରେ ବ୍ଲକର ତାଳସାରି ଥାନା ଅଧୀନ ଉଦୟପୁର ଅଞ୍ଚଳରେ ଜୈନିକା ଜଣେ ବିବାହିତା ମହିଳାକୁ ଗତ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକ ନିସ୍ତୁକ ମାଡ଼ ମାରି ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଗୁରୁବାର ଦିନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ତାଳସାରି ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇ ନଥିବା ଜଣାପଡ଼ିଛି। ତମାମ ଅଞ୍ଚଳରେ ଏଭଳି ଜଘନ୍ୟ ଅପରାଧ ଘଟୁଥିଲା ବେଳେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଟ୍ରେନ୍ ଧକ୍କାରେ...

ଠିକା ଶ୍ରମିକ କେବୁଲ୍ ଲାଇନ୍ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଟ୍ରେନ ଆସିଗଲା। ଟ୍ରେନ୍ ଆସିବାରୁ ଅନ୍ୟ ଶ୍ରମିକମାନେ ଦୌଡା ଦୌଡ଼ି ହୋଇ ପଳାଇବା ବେଳେ ଦୁଇ ଜଣଙ୍କୁ ଟ୍ରେନ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ରେଲୱେ ପୁଲିସ ଆସି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ।


**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact

**GADHWAL GROUP**
**M.: 9437015112**

**AFFIDAVIT**

I, Alema Parween, W/o-Shaikh Riyazuddin, resident of Chandpur, Po/Ps- Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.-21/05/2025 that now onwards I shall be known as **ALEMA BIBI** for all future purposes.

## ଛୁରାମାଡ଼ରେ ଯୁବକ ଗୁରୁତର

ଝାରସୁଗୁଡ଼ା, ୨୫।୫(ସମିସ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣି ପାର୍କିଂଙ୍ଗ ଠାରେ ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ତିନି ଜଣ ଗାଡ଼ି ଚାଳକ ମିଶି ଭୋଜି କରୁଥିବା ସମୟରେ ଗାଡ଼ି ଚଲାଇବାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଜଣେ ଗାଡ଼ି ଚାଳକ ଅନ୍ୟ ଜଣକୁ ଚୁରାମାଡ଼ କରିଥିଲା। ଛୁରାମାଡ଼ରେ ହରେନ୍ଦ୍ର ଯାଦବ(୪୫) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଚିକିତ୍ସା ପାଇଁ ମଣ୍ଡଳିଆସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଚୁରାମାଡ଼ କରିଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତରଫରୁ ତଦନ୍ତ ଆରମ୍ଭ କରାଯାଇଛି।

● ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ନକ୍ ଆଉଟ୍ ପର୍ଯ୍ୟାୟକୁ ଝାରସୁଗୁଡା ଉନ୍ନୀତ

ଝାରସୁଗୁଡ଼ା, ୨୫।୫(ସମିସ):ଜିଲ୍ଲାସ୍ତରୀୟ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଲିଗ ପର୍ଯ୍ୟାୟରୁ ନକଆଉଟ ପର୍ଯ୍ୟାୟକୁ ଝାରସୁଗୁଡା ଦଳ ଉନ୍ନୀତ ହୋଇଛି। କଟକ ଠାରେ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ଝାରସୁଗୁଡା ଦଳ ଲିଗ ପର୍ଯ୍ୟାରେ ସମ୍ବଲପୁର, ଯାଜପୁର, ସୋନପୁର ଓ ରାୟଗଡ଼ାକୁ ହରାଇ ନକଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି।ଝାରସୁଗୁଡା ଦଳର ଅଧିନାୟକ ଅଭିଷେକ ସା ଥିବା ବେଳେ ପ୍ରଶାନ୍ତ ଜେନା ଦଳର ଦାୟିତ୍ୱ ନେଉଛନ୍ତି। ନକଆଉଟରେ ଝାରସୁଗୁଡା ଦଳ କ୍ୱାଲିଫାଇଡ କଲା ପରେ ସେମିଫାଇନାଲ ଖେଳିବ।

## ଝାରସୁଗୁଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା



ଝାରସୁଗୁଡ଼ା, ୨୫।୫(ସମିସ): ବ୍ରଜରାଜନଗର ତିରଙ୍ଗା ପଦଯାତ୍ରା କମିଟି ପକ୍ଷରୁ ଝାରସୁଗୁଡ଼ା ସହରରେ ଅପରେସନ 'ସିନ୍ଦୂର'ରେ ଭାରତୀୟ ସେନାବାହିନୀର ପରାକ୍ରମକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଶନିବାର ସନ୍ଧ୍ୟାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ସହର ପରିକ୍ରମା କରିଥିଲେ। ଏହା ବ୍ରଜରାଜନଗର ବ୍ରଜେଶ୍ୱରୀ ଦୁର୍ଗା ମନ୍ଦିରରୁ ବାହାରି ଥାନା ସମ୍ମୁଖ ଦେଇ ମୂଖ୍ୟ ମାର୍କେଟ, କଲ୍ୟାଣ ମଣ୍ଡପ ହୋଇ ସହର ପରିକ୍ରମା କରିଥିଲା। ଆୟୋଜିତ ଏହି ତିରଙ୍ଗା ପଦଯାତ୍ରାରେ ବ୍ରଜରାଜନଗର ଅଞ୍ଚଳର ଅନେକ ଜନସାଧାରଣଙ୍କ ସମେତ ବିଭିନ୍ନ ବର୍ଗ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ଭବାନୀ ଦେବୀଙ୍କ ପରଲୋକ



ଝାରସୁଗୁଡ଼ା/କିର୍ମିରା, ୨୪।୫(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ବାଗଡ଼ିହି ଗ୍ରାମର ଧର୍ମପରାୟଣ ମହିଳା ଭବାନୀ ଦେବୀଙ୍କ ବାଗଡ଼ିହିସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଶାନ୍ତସରଳ, ପରୋପକାରୀ ମହିଳା ଥିଲେ। ପରିବାର ପରିଜନ, ଆଖପାଖ ଅଞ୍ଚଳର ବହୁ ବାନ୍ଧବଙ୍କ ଉପସ୍ଥିତିରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟୋଷ୍ଠ ପୁତ୍ର ବିଜୟ ଶର୍ମା ମୁଖାଗ୍ନି ଦେଇଥିଲେ।

## ସାବିତ୍ରୀ ପାଇଁ ଫଳ ବ୍ୟବସାୟୀ ମାଲାମାଲ



ଦେବଗଡ଼, ୨୫।୫(ସମିସ): ସାବିତ୍ରୀ ବ୍ରତ ପାଇଁ ବଜାରରେ ଅହେତୁକ ଗହଳି ଦେଖିବାକୁ ମିଳିଛି। ସହରର ମୁଖ୍ୟ ବଜାର ରାସ୍ତାକଡ଼ରେ ଫଳ, ଚୁଡ଼ି, ସିନ୍ଦୁର, ଅଳତା ଓ ବ୍ରତ ସୁତା ଦୋକାନର ପସରା ଖୋଲିଥିଲା। ମୁଖ୍ୟତଃ ଫଳ ବଜାରରେ ବେପାରୀ ମନଇଚ୍ଛା ଦରରେ ଫଳ ବିକ୍ରି କରୁଥିବା ବେଳେ ଗ୍ରାହକ ମଧ ସାବିତ୍ରୀ ବ୍ରତ ଉପଲକ୍ଷେ ବାଧ୍ୟ ହୋଇ ଚଢ଼ା ଦରରେ ଫଳ କିଣୁଥିବା ଦେଖିବା ମିଳିଥିଲା। ଆଜି ବଜାରରେ ଆମ୍ବ ଦର୪୦ରୁ ୭୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ଲିବୁ ଗୋଟାକ ପାଞ୍ଚ ଟଙ୍କା, କଦଳୀ ୬୦ ରୁ ୮୦, ସେଓ ଅଢେଇ ଶହ, କମଳା ଦେଢ଼ ଶହ, ତରଭୁଜ ୫୦, ଅଙ୍ଗୁର ଦେଢ଼ ଶହ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ବେଳେ ବଜାରରେ କେନ୍ଦୁ, ଖଜୁରୀ, ତାଳ, ଚାର, ଜାମ୍ବୁ କୋଳି ଆଦି ପ୍ରତି ଚଉପତି ୨୦ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ସାବିତ୍ରୀ ବ୍ରତ ପାଇଁ ଗତ ଦୁଇ ଦିନ ଠାରୁ ବଜାର ଗହଳି ଯୋଗୁଁ ବେପାରୀ ମହଲରେ ଉତ୍ସାହ ଦେଖା ଯାଇଛି।

# ସମର କ୍ୟାମ୍ପ ୨୦୨୫ ଉଦ୍‌ଯାପିତ

ଝାରସୁଗୁଡ଼ା, ୨୫।୫(ସମିସ):




ଝାରସୁଗୁଡା ଜିଲ୍ଲା ସେଣ୍ଟ୍ ଅର୍ନୋଲ୍ଡ ବିକାଶ ସଞ୍ଚାରର ପ୍ରାଙ୍ଗଣରେ ସମର କ୍ୟାମ୍ପ-୨୦୨୫ର ଭବ୍ୟ ଦୀକ୍ଷାନ୍ତ ଉତ୍ସବ ଦିବସ ପାଳିତ ହୋଇଯାଇଛି। ଏହି କ୍ୟାମ୍ପ ୪ ମଇରୁ ୨୪ ମଇ ପର୍ଯ୍ୟନ୍ତ ୨୧ ଦିନଧରି ଚାଲିଥିଲା।ଏଥିରେ ୬୪ ଜଣ ଉତ୍ସାହିତ ଛାତ୍ରଛାତ୍ରୀ ନିଜ ପ୍ରତିଭା ବିକାଶ ପାଇଁ କାସିଓ, ଭାରତନାଟ୍ୟମ୍, କମ୍ପ୍ୟୁଟର ଶିକ୍ଷା, ଉଚ୍ଚାରିତ ଇଂରାଜୀ, ଅକ୍ଟାପ୍ୟାଡ୍ ଓ ଗିଟାର ଭଳି ବିଭିନ୍ନ ବିଷୟରେ ଦକ୍ଷତା ଅର୍ଜନ କରିଥିଲେ। ଫାଦର କ୍ରିଷ୍ଟୋଫର କେରକେଟ୍ଟା ସେଣ୍ଟ୍ ଅର୍ନୋଲ୍ଡ ବିକାଶ ସଞ୍ଚାରର ନିର୍ଦ୍ଦେଶକ କ୍ୟାମ୍ପର ଆୟୋଜନ ଓ ନେତୃତ୍ୱ ନେଇଥିଲେ ଏବଂ ସମସ୍ତ ଅତିଥି, ଅଂଶଗ୍ରାହୀ ଓ ଦର୍ଶକମାନଙ୍କୁ ହୃଦୟପୂର୍ଣ୍ଣ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶା ହକି ସଂଘର ଉପାଧ୍ୟକ୍ଷ ଜୀବନ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଶ୍ରୀ ମହାନ୍ତି ପିଲାମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇ ସେମାନେ କ୍ୟାମ୍ପରେ ଯାହା ଶିଖିଥିଲେ ତାହା ସ୍ପଷ୍ଟ ଭାବରେ ମଞ୍ଚ ଉପରେ ପ୍ରଦର୍ଶନ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଦୀକ୍ଷାନ୍ତ ଉତ୍ସବର ମୁଖ୍ୟ ଆକର୍ଷଣଥିଲା ଛାତ୍ରଛାତ୍ରୀଙ୍କ ଦ୍ୱାରା ଜୀବନ୍ତ ମଞ୍ଚ ପ୍ରଦର୍ଶନ-ଯେଉଁଠାରେ ସେମାନେ ନିଜ ଶିଖ୍ୟା ଓ ଦକ୍ଷତାକୁ ଗରିମା ଓ ଆତ୍ମବିଶ୍ୱାସ ସହ ଦେଖାଇଥିଲେ। ଏହି କ୍ୟାମ୍ପର ସଫଳତାର ଅନ୍ୟତମ ନାୟିକା ଥିଲେ ଓଡ଼ିଶୀ ନୃତ୍ୟ ଶିକ୍ଷିକା ରୁବି ନର୍ମଦା ପ୍ରଧାନ, ଯାହାଙ୍କର ନିବେଦନ ଓ ଦିଗଦର୍ଶନ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ଉତ୍ତମ ରୂପ ଦେଇଥିଲା। ଚିହ୍ନ ସ୍ୱରୂପ ସମସ୍ତ ଅଂଶଗ୍ରାହୀ ଶିକ୍ଷାର୍ଥୀଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ବିକାଶ ସଞ୍ଚାରର ସମସ୍ତ କର୍ମଚାରୀ ଅଭିଭାବକ, ଅନୁଗ୍ରହୀ, ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଷଡ଼ବଂଶୀୟ ଗୋଣ୍ଡ ସାଂସ୍କୃତିକ ସମାଜର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣି



ଦେବଗଡ଼, ୨୫।୫(ସମିସ): ଦେବଗଡ଼ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଦେବଗଡ଼ ଜିଲ୍ଲା ଷଡ଼ବଂଶୀୟ ଗୋଣ୍ଡ ସାଂସ୍କୃତିକ ସମାଜର ଜିଲ୍ଲାସ୍ତରୀୟ କାର୍ଯ୍ୟକାରୀଣି ଓ ଜାଗରଣ ବୈଠକ ଅନୁଷ୍ଠିତ ହୋଇଛି।ଆବାହକ ମଣ୍ଡଳୀ ସଭାପତି ଉପେନ୍ଦ୍ର କୁମୁରାଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲାର ସଭାପତି ଜନାର୍ଦ୍ଦନ ନାୟକ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ଜିଲ୍ଲା ସଂଗଠନର ସଭାପତି ବଦ୍ରିକୁମାର ବରିହା, ସମ୍ପାଦକ ସେବକରାମ କୁମୁରା, ଏବଂ ସହ ସମ୍ପାଦକ ଯୁଧିଷ୍ଠିର ମାଝୀ, କୁଚିଣ୍ଡାର ହରିଭକ୍ତ ନାୟକ, ବାମରା ଉତ୍ତରଗାଁ ସଭାପତି ରବୀନ୍ଦ୍ର ନାୟକ, ହୀରାକୁଦ ସଭାପତି ବନମାଳୀ ଭୋଇ, ବରଗଡ଼ ଜିଲ୍ଲା ସଭାପତି ଲକ୍ଷ୍ମୀନାରାୟଣ ସିଂ, ସମ୍ପାଦକ ଶ୍ୟାମ କୁମାର ଭୋଇ, ବଲାଙ୍ଗିର ଜିଲ୍ଲା ସଂଯୋଜକ ମହାଦେବ ବଡଖା ଉପଦେଷ୍ଟା ମକରଧ୍ୱଜ ଧାରୁଆ, ସମ୍ପାଦକ ନବୀନ ମଲ୍ଲିକ, କେନ୍ଦୁଝରର ସଭାନେତ୍ରୀ ଅପୂର୍ବା ନାୟକ, ଝାରସୁଗୁଡ଼ା ଜିଲ୍ଲା ସମ୍ପାଦକ ତପି ମରେଇ, ଉପଦେଷ୍ଟା ନବୀନ ନାୟକ, ସୁନ୍ଦରଗଡ଼ ଜିଲ୍ଲାର ସଭାନେତ୍ରୀ ରେନୁ ମାଝୀ ଓ ଗୋପାଳ ନେଟି, ଦେବଗଡ଼ ଜିଲ୍ଲା ଉପସଭାପତି ବିଭୂତି ଭୂଷଣ ପ୍ରଧାନ, ସମ୍ପାଦକ କୃପାସିନ୍ଧୁ ନାୟକ, କୋଷାଧ୍ୟକ୍ଷ ନଳିନୀ ଧାରୁଆ, ସହ ସମ୍ପାଦକ ରୁପାନନ୍ଦ ସାହୁ, କୁମାରୀ ଭୋଇ, ଉପଦେଷ୍ଟା ଭୋଲେଶ୍ୱର୍ ନାୟକ ଓ ନିରଞ୍ଜନ କୁମୁରା ଏବଂ ନୂତନ ଆଇନ ଉପଦେଷ୍ଟା ଭାବେ ଭୁପନ୍ଦ୍ର ପ୍ରାସାଦ ନାୟକ ନିଜର ମତ ବ୍ୟକ୍ତ କରିଥିଲେ। ସଭାରେ ପ୍ରଫୁଲ୍ଲ କୁମାର ଦେହୁରୀ, ଗୁଣମଣି ଭୋଇ, ହରିଭକ୍ତ ନାୟକ, ବନମାଳୀ ଭୋଇ, ଭକ୍ତରାମ୍ କୁମୁରା, ଭାନୁଗଙ୍ଗ ନାୟକ, ବିଦ୍ୟାଧର ନାୟକ, କୁମୁଦବନ୍ଧୁ ପାତ୍ର, ଜୟକୃଷ୍ଣ ଗଡ଼ତିଆ, ଲଳିତ ମୋହନ ନାୟକ, ଭୁବନି ପାତ୍ର, ଗୋକୁଳ ପଟ୍ଟା, ସୌଦାମିନୀ ନାୟକ, ଭବାନୀ ପାତ୍ର, ସଞ୍ଜୁ ପ୍ରଧାନ, ଚିତ୍ରବତୀ ନାୟକ, ରୁକ୍ମିଣୀ ନାୟକ, ସୌଭାଗ୍ୟ ନାୟକଙ୍କ ସହ ଗୋଣ୍ଡ ସମ୍ପ୍ରଦାୟର ଆଞ୍ଚଳିକ ଗୁଡ଼ି ମୁଖିଆ ତଥା ବରିଷ୍ଠ ଭଦ୍ର ବ୍ୟକ୍ତି ବୁଦ୍ଧିଜୀବୀ ଓ ମହିଳାମାନେ ଉପସ୍ଥିତ ହୋଇ ସମାଜର ଅଖଣ୍ଡତା ବଜାୟ ପାଇଁ ଆଲୋଚନ କରିଥିଲେ। ସେହିପରି ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ ତଥା ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସମାଜର ଭାଇ ଭଉଣୀମାନେ କିଭଳି ସଶକ୍ତିକରଣ ହେବେ ଏବଂ ସମାଜରେ ଥିବା କୁସଂସ୍କାରକୁ ବିରୋଧ କରିବା ଏବଂ ଉତ୍କଳପ୍ରଦେଶେ ଜଗନ୍ନାଥ ସଂସ୍କୃତିରେ ଯେଉଁଭଳି ସଂସ୍କାର ବିଧି ପରମ୍ପରା ସେହି ସଂସ୍କୃତିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

## ଡ୍ରେନ୍ ଓ ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ଦ୍ୱାରସ୍ଥ



ବରଗଡ଼, ୨୫।୫(ସମିସ): ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ୧ ନିଗମାନନ୍ଦ ବିହାର ଗଳି ନମ୍ବର୍ ୮ର ବାସିନ୍ଦା ସ୍ଥାନୀୟ ଉନ୍ନୟନ କମିଟି ଜରିଆରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ଜନତା ଦରବାରର ଦ୍ୱାରସ୍ଥ ହୋଇ ଅଞ୍ଚଳର ସମସ୍ୟା ବିଷୟରେ ଅବଗତ କରିଛନ୍ତି। କମିଟିର ଉପସଭାପତି ଅର୍ଜୁନ ସେଟ୍‌ଙ୍କ ନେତୃତ୍ୱରେ ବର୍ଷା ଋତୁ ପୂର୍ବରୁ ପଡ଼ାର ବିଭିନ୍ନ ଗଳିର ଡ୍ରେନ ଓ ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କୁ ନିବେଦନ କରିଥିଲେ। ପ୍ରକାଶ ଯେ, ଗଳି ନମ୍ବର୍ ୮ ଓ ୪ର ଟେଣ୍ଡର ହୋଇଥିଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ବାତିଲ ହୋଇଥିଲା। ଫଳରେ ଆଜି ପର୍ଯ୍ୟନ୍ତ ପଡ଼ାର ଡ୍ରେନ ଓ ରାସ୍ତାର କାମ ହୋଇ ନାହିଁ। ଆଗକୁ ବର୍ଷା ଋତୁ ଥିବାରୁ ବିପଦର ସମ୍ଭାବନା ରହିଛି। ତେଣୁ ପଡ଼ାବାସୀ ଗଳି ଗୁଡ଼ିକର ଡ୍ରେନ ଓ ରାସ୍ତା ନିର୍ମାଣ ପାଇଁ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ବିଧାୟକ ଶ୍ରୀ ଷଡ଼ଙ୍ଗୀ ମଧ ପଦକ୍ଷେପ ଗ୍ରହଣ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ପଡ଼ାବାସୀ ବିଧାୟକଙ୍କୁ ନିଗମାନନ୍ଦ ବିହାର ପରିଦର୍ଶନ କରି ଅସୁବିଧା ଗୁଡ଼ିକର ତଦାରଖ କରିବାକୁ ନିବେଦନ କରିଥିଲେ।

## ଶୀତଳଷଷ୍ଠୀ କମିଟି ପକ୍ଷରୁ ମୀନାବଜାର ଉଦ୍‌ଘାଟିତ



ପଦ୍ମପୁର, ୨୫।୫(ସମିସ): ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କର ଶୀତଳଷଷ୍ଠୀ ପାଳନ ଅବସରରେ ଅଶୋକ ଖେଳପଡ଼ିଆରେ ମୀନାବଜାରର ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡବ ଶବର ଏବଂ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ଏହାର ଉଦ୍‌ଘାଟନ କରିଥିଲେ। ଶୀତଳଷଷ୍ଠୀ କମିଟି ମୁଖ୍ୟ ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ତଥା ମନ୍ଦିର ପୂଜକ ଟଙ୍କଧର ମହାପାତ୍ରଙ୍କ ମନ୍ତ୍ରୋଚ୍ଚାରଣ ସହ ପୂଜାପାଠ ହୋଇ ଉଦ୍‌ଘାଟନ ହୋଇଥିଲା। କମିଟି ପକ୍ଷରୁ ଆୟୋଜିତ ମୀନାବଜାରରେ ଆକାଶ ଦୋଳି, ବ୍ରେକ ଡ୍ୟାନ୍ସ, ଛୋଟ ପିଲାଙ୍କ ପାଇଁ ବିଭିନ୍ନ ଦୋଳି ସହ ବହୁ ପ୍ରକାରର ଘର ଉପଯୋଗୀ ସାମଗ୍ରୀର ଦୋକାନମାନ ରହିଛି। ପ୍ରଥମ ଦିନରୁ ହିଁ ମୀନାବଜାରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି।

## ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼, ୨୫।୫(ସମିସ):ତିଲେଇବଣି ବ୍ଲକ ତାଳକୁଣ୍ଡି ପଞ୍ଚାୟତ ଅନ୍ତର୍ଗତ କରଡ଼ାପାଳ ଗ୍ରାମରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଟା ନାଭାଲ ଏକାଡେମୀ ଦ୍ୱାରା ଗତ ୬ ତାରିଖ ଠାରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଟାଟା ନାଭଲ ଏକାଡେମୀ ସଭାପତି ପାୱେଲ କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ ମହନ୍ତ, ସମ୍ମାନିତ ଅତିଥିଭାବେ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ, ମୁଖ୍ୟ ପ୍ରଶିକ୍ଷକ ବେଲାସ ଏକ୍କା, ବିନୟ ସୁରିନ ଓ ପ୍ରେମଦୀପକ ଏକ୍କା ପ୍ରମୁଖ ଯୋଗଦେଇ ଶିବିରରେ ଅଂଶ ଗ୍ରହଣ କରିଥିବା ହକି ଖେଳାଳିଙ୍କୁ ଉତ୍ସାହିତ କରିବା ସହ କଠିନ ପରିଶ୍ରମ ବଳରେ ନିଜ ଅଞ୍ଚଳର ଆନ୍ତର୍ଜାତିକ ହକି ଖେଳାଳି ରୋଶନ ମିଞ୍ଜଙ୍କ ଭଳି ଜଣେ ଜଣେ ପ୍ରତିଷ୍ଠିତ ହକି ଖେଳାଳି ଭାବେ ନିଜକୁ ଗଢି ତୋଳିବା ସହ ସାରା ବିଶ୍ୱରେ ନିଜ ଜିଲ୍ଲାର ଗୌରବ ବୃଦ୍ଧିରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ।




## ତିଲେଇବଣିରେ ବିଧାୟକଙ୍କ ଅଭିଯୋଗ ଶୁଣାଣି



ଦେବଗଡ଼, ୨୫।୫(ସମିସ): ତିଲେଇବଣି ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଜନସାଧାରଣ ନିଜ ନିଜର ସମସ୍ୟା ନେଇ ଅଭିଯୋଗ କରିଥିଲେ। ସମୁଦାୟ ୧୭ଟି ଅଭିଯୋଗ ହୋଇଥିଲା। ବିଶେଷ କରି ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ମଣ୍ଡପ ନିର୍ମାଣ, ଚିକିତ୍ସା ସହାୟତା ସମେତ ଭୂମିହୀନ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ନିମନ୍ତେ ଅଭିଯୋଗ କରାଯାଇଥିଲା। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିତିରେ ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ ଯୋଗଦେଇ ଜନସାଧାରଣ ଆଣିଥିବା ଅଭିଯୋଗ ଗ୍ରହଣ କରିବା ସହିତ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କିନ୍ନରଙ୍କ ଆକ୍ରମଣରେ ପୁଲିସ ଆହତ



ବରଗଡ଼, ୨୫।୫(ସମିସ): ବରଗଡ଼ ଗାନ୍ଧୀ ଛକରେ ରବିବାର ପୁଲିସକୁ କିନ୍ନରମାନେ ଆକ୍ରମଣ କରିଛନ୍ତି। ଛକରେ କିନ୍ନରମାନେ ଲୋକଙ୍କୁ ଟଙ୍କା ମାଗୁଥିବା ବେଳେ ଟ୍ରାଫିକ ଇନ୍‌ଚାର୍ଜ ମଙ୍ଗଳ କିସ୍କୋ ସେମାନଙ୍କୁ ବାରଣ କରିଥିଲେ। ଏଥିରେ ଉତ୍ତ୍ୟକ୍ତ କିନ୍ନରମାନେ ଟ୍ରାଫିକ ସିଗ୍‌ନାଲରେ ପୁଲିସ ଓ ପୁଲିସ ଗାଡ଼ିକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଟାଉନ ପୁଲିସର ଜଣେ ଅଧିକାରୀ ଆହତ ହୋଇଛନ୍ତି। ତାଙ୍କ ଆଙ୍ଗୁଳିରେ ଆଘାତ ଲାଗିଥିବା ବେଳେ ପୁରୁଣା ଡାକ୍ତରଘାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଘଟଣାରେ ଦୁଇଜଣ କିନ୍ନରଙ୍କୁ ପୁଲିସ ଅଟକ ରଖିବା ସହ ଅଧିକ ତଦନ୍ତ ଚଳାଇଛି।

# ମନ୍ କି ବାତ୍ ଶୁଣିଲେ ମାଳିମୁଣ୍ଡାବାସୀ

ଝାରସୁଗୁଡ଼ା, ୨୫।୫(ସମିସ):



ଝାରସୁଗୁଡା ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୨ର ମାଳିମୁଣ୍ଡା କମ୍ୟୁନିଟି ହଲରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ମାଳିମୁଣ୍ଡା ଗ୍ରାମବାସୀ ରବିବାର ସକାଳୁ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ଶୁଣିଥିଲେ। ଅପରେସନ 'ସିନ୍ଦୂର'ରେ ଭାରତୀୟ ଯବାନଙ୍କ ବୀରତ୍ୱ ଏବଂ ସାହସର ସହିତ ଲଢେଇର ପ୍ରଶଂସା କରିବା ସହିତ ଗୁଜୁରାଟର ଗିର ଅଭୟାରଣ୍ୟରେ ବାଘଙ୍କ ସଂଖ୍ୟା ବଢ଼ିବା ଖୁସିର କଥା ବୋଲି ପ୍ରଧାନମନ୍ତ୍ରୀ କହିବା କଥାକୁ ସମସ୍ତେ ହୃଦୟର ସହିତ ଶୁଣିଥିଲେ। ଏହା ପରେ ବିଧାୟକ ଓ ମାଳିମୁଣ୍ଡା ଗ୍ରାମବାସୀ ସ୍ଥାନୀୟ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଟାଉନ ସଭାପତି ବିମଳେନ୍ଦୁ ଭୋଳ, ବୀରେନ୍ଦ୍ର ପାଣ୍ଡେ, ଧ୍ରୁବ ପାଣ୍ଡେ, ଆଶିଷ ପଟେଲଙ୍କ ସମେତ ମାଳିମୁଣ୍ଡାଗ୍ରାମବାସୀ ଉପସ୍ଥିତ ଥିଲେ।

# ଗୁରୁ ପଦ୍ମସମ୍ଭବଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

ଝାରସୁଗୁଡା, ୨୫।୫(ସମିସ):ଆସନ୍ତା ଜୁନ ୨୬ ଓ ୨୭ ଦୁଇଦିନ ଧରି ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଗୁରୁ ପଦ୍ମସମ୍ଭବଙ୍କ ଜୟନ୍ତୀ ମହୋତ୍ସବ ତାଙ୍କ ଜନ୍ମପୀଠରେ ଅନୁଷ୍ଠିତ ହେବ। ଏହି ଅବସରରେ ମହୋତ୍ସବରେ ସାମିଲ ହେବାକୁ ଥିବା ଆନ୍ତର୍ଜାତିକସ୍ତରର ଗବେଷକଙ୍କୁ ନେଇ ଜାତୀୟ ସେମିନାର ଆୟୋଜନ ହେବ ବୋଲି ରବିବାର ଅନୁଷ୍ଠିତ ତୃତୀୟ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭିକମପାଲି ଘଣ୍ଟେଶ୍ୱରୀ ପୀଠରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଝାରସୁଗୁଡା ଏଲ୍ଏନ୍ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଟହଲୁ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମହୋତ୍ସବ ଆୟୋଜନ ପାଇଁ ବିଭିନ୍ନ କମିଟି ଗଠନ କରା ଯାଇଥିଲା। ଏହାଛଡା ୨୬ ତାରିଖ ପୂର୍ବାହ୍ନରେ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରାରେ ଯାଇ ଗୁରୁ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସ୍ଥିର ହୋଇଛି। ଅପରାହ୍ନରେ ସାଧାରଣ ଅଧିବେଶନରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାମିଲ ହେବାକୁ ନିମନ୍ତ୍ରଣ କରିବାକୁ ସ୍ଥିରୀକୃତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦେଶରୁ ମଧ ଆସିବାକୁ ଥିବା ଗବେଷକଙ୍କୁ ନେଇ ଜାତୀୟ ସେମିନାର ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ୨୭ ତାରିଖ ପୂର୍ବାହ୍ନରେ ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ପ୍ରତିମୂର୍ତ୍ତି ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯିବ। ଏହି ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପାଇଁ ଲେଖା ଆହ୍ୱାନ କରାଯାଇଛି। ବୈଠକରେ ବିଶିଷ୍ଟ ଶିକ୍ଷାବିତ ସେବକରାମ ଭୋଇ, ଭାଷାବିତ କ୍ଷମାସାଗର ଭୋଇ, ସମାଜସେବୀ ଲଳିତ ପୂଜାରୀ, ଶିକ୍ଷାବିତ ଦୟାକର ପ୍ରଧାନ, ଜଗଦୀଶ ପ୍ରସାଦ ମିଶ୍ର, ଅଧ୍ୟାପକ ତପନ ବାରିକ, ଗୋବିନ୍ଦ ଦର୍ଜୀ ପ୍ରମୁଖ ମଞ୍ଚାସୀନ ହୋଇ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବରିଷ୍ଠ ସାମ୍ବାଦିକ ମେହେବୁବ ମହତାବ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସଭାକୁ ଜ୍ଞାନବ୍ରତ ଭୋଇ ପରିଚାଳନା କରିଥିଲେ।

# ଉଦ୍‌ଘାଟିତ ହେଲା ସମ୍ବଲପୁର ରେଳ ଓଭରବ୍ରିଜ୍



**ସମ୍ବଲପୁର, ୨୫।୫(ସମିସ)**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ୬୦ କୋଟି ୪୩ ଲକ୍ଷ ୭୮ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଦୁର୍ଗାପାଲି ରେଳବାଇ ଓଭରବ୍ରିଜର ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି ଏହି ଓଭରବ୍ରିଜ୍ ସମ୍ବଲପୁର ସହରକୁ ଅଧିକ ସୁନ୍ଦର ଓ ଆଧୁନିକ କରିବା ପାଇଁ ଏକ ଭଲ ପଦକ୍ଷେପ। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ହ୍ରାସ ହେବା ସହ ଜନସାଧାରଣଙ୍କ ଯାତାୟତ ସୁରକ୍ଷିତ ଓ ସୁଗମ ହେବ। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ସହରକୁ ଏକ ଶ୍ରୀମନ୍ତ ସହରରେ ବିକଶିତ କରାଯିବ। ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଅଣାଯିବ। ଯୋଗାଯୋଗ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ କରାଯିବ। ସମ୍ବଲପୁରରେ ରିଙ୍ଗ୍ ରୋଡ୍ କରାଯିବ। ସହର ମଧ୍ୟରେ ଥିବା ଆଭ୍ୟନ୍ତରୀଣ ରାସ୍ତା ତିଆରି କରାଯିବ। ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହେବ, ଯାଗା ବୁର୍ଲା ଓ ହୀରାକୁଦକୁ ସଂଯୋଗ କରିବ ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତି ରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ଆରଡିସି ସଚିନ୍ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମୁଖ୍ୟ ବନ ସଂରକ୍ଷକ କେନ୍ଦୁପତ୍ର ସୁଦର୍ଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗର ସହଯୋଗରେ ବ୍ୟୟ ବରାଦ ନିର୍ମାଣ କରାଯାଇଛି। ଏହି ଓଭରବ୍ରିଜ୍ ସାଧାରଣ ଲୋକଙ୍କ ପାଇଁ ଦୀର୍ଘଦିନର ଆବଶ୍ୟକତା ଥିଲା। ରେଳ ଲାଇନ କାଟି ଯାଇଥିବା ଆଞ୍ଚଳିକ ସଡ଼କରେ ପ୍ରତିଦିନ ବିପଦ ଓ ବିଳମ୍ବ ସାମ୍ନା କରିବାକୁ ପଡୁଥିଲା। ଏହି ବ୍ରିଜ୍ ନିର୍ମାଣ ହେବା ଦ୍ୱାରା ଜନସାଧାରଣଙ୍କ ଯୋଗାଯୋଗ ଏବଂ ସୁରକ୍ଷାର ବୃଦ୍ଧି ଘଟିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶୀତଳଷଷ୍ଠୀ ଅବସର ଏହି ଓଭରବ୍ରିଜ୍‌ର ଉନ୍ମୋଚନ ହେବା ସହରବାସୀଙ୍କ ଏକ ଆନନ୍ଦରରେ ବିଷୟ ବୋଲି କହିଥିଲେ।

## ଦୁର୍ଗାପାଲି ଫ୍ଲାଏ ଓଭରର ଶ୍ରେୟ ପୂର୍ବ ସରକାର

**ଜନସାଧାରଣଙ୍କ ପାଇଁ ନବୀନ ପଟ୍ଟନାୟକ ପରିକଳ୍ପନା କରିଥିଲେ:ରୋହିତ**

ଦୁର୍ଗାପାଲି ଫ୍ଲାଏ ଓଭର ବ୍ରିଜ ଆଜି ଜନସାଧାରଣଙ୍କ ସୁବିଧା ପାଇଁ ଉଦ୍‌ଘାଟିତ ହୋଇଛି।ଏହି ବ୍ରିଜ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିକଳ୍ପନା କରିଥିଲେ।ଏହାକୁ ମଞ୍ଜୁର କରି ଲୋକଙ୍କ ହିତ ପାଇଁ କାର୍ଯ୍ୟମଧ୍ୟ ଆରମ୍ଭ କରିଥିଲେ। ତେଣୁ ଏହି ବ୍ରିଜର ଶ୍ରେୟ ପୂର୍ବତନ ସରକାରଙ୍କ ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଙ୍କ ରୋହିତ ପୂଜାରୀ। ସେ କହିଛନ୍ତି ଯେ ଏହା କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ସମ୍ଭବ ହୋଇପାରିଛି। ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ୍ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଗତ ଦିନରେ ବୁର୍ଲା ମେଡିକାଲକୁ ବିଭିନ୍ନ ଅଞ୍ଚଳରୁ ରୋଗୀଙ୍କ ଏବଂ ଛାତ୍ରଛାତ୍ରୀଙ୍କ ଯାତାୟତରେ ଦୂର୍ଗାପାଲି ରେଳୱେ ଫାଟକ ଦିନର ବିଭିନ୍ନ ସମୟରେ ବନ୍ଦ ରହୁଥିବା ଯୋଗୁଁ ଶିକ୍ଷା ନଗରୀ ବୁର୍ଲାରେ ଅଧ୍ୟୟନରତ ବିଦ୍ୟାର୍ଥୀମାନେ ବିଭିନ୍ନ ପରୀକ୍ଷାରେ ବିଳମ୍ବରେ ପହଞ୍ଚୁଥିଲେ, ଅନୁରୂପ ଭାବରେ ସମ୍ବଲପୁର ଜିଲ୍ଲା ଓ ସହରର ବିଭିନ୍ନ ଡାକ୍ତରଖାନାରୁ ଭୀମସାରକୁ ରେଫର୍ କରାଯାଉଥିବା ଗୁରୁତର ରୋଗୀମାନେ ସଠିକ୍ ସମୟରେ ପହଞ୍ଚିନପାରି ଉତ୍ତମ ଚିକିତ୍ସାର ଅଭାବ ଯୋଗୁଁ ରାସ୍ତାରେ ହିଁ ମୃତ୍ୟୁବରଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବିଜେଡି ସରକାର ସମୟରେ ପୂର୍ବୋକ୍ତ ଫ୍ଲାଏ ଓଭର ବ୍ରିଜ ପାଇଁ ଡିପିଆର୍ ପ୍ରସ୍ତୁତ କରି ଜମି ଅଧିଗ୍ରହଣ କରିବା ସହ ଏହି ପ୍ରକଳ୍ପ ପାଇଁ ଅନୁଦାନ ମଧ୍ୟ ଯୋଗାଇଦେଇ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି କାର୍ଯ୍ୟାରମ୍ଭ କରିଥିଲେ। କିନ୍ତୁ ଅତି ଦୁଃଖର କଥା ବହୁ ଦିନ ପୂର୍ବରୁ କାର୍ଯ୍ୟ ସରିଥିଲେ ମଧ୍ୟ ଉଦ୍‌ଘାଟନ ଜନିତ ସମସ୍ୟା ପାଇଁ ଏହା ଜନସାଧାରଣଙ୍କ ସେବାରେ ନିୟୋଜିତ ହୋଇପାରିନଥିଲା। ସେ ଆହୁରି ଦାବି କରିଛନ୍ତି ଯେ ଯଥାଶୀଘ୍ର ବୁର୍ଲା ଭିମାସର ସ୍ଥିତ ସୁପର ସ୍ପେସାଲିଟି ହସ୍ପିଟାଲ ଉଦ୍‌ଘାଟିତ କରି ଲୋକଙ୍କ ସେବାରେ ଲଗାଯାଉ। ଏହା ଦ୍ୱାରା ଗରିବ ରୋଗୀଙ୍କ ପାଇଁ କେବଳ ଯେ ଆଇସିୟୁ ସଂଖ୍ୟା ବୃଦ୍ଧିପାଇବ ତାହା ନୁହେଁ ଭିମସାର ମଧ୍ୟରେ ଚଟାଣରେ ଶୋଇ ଚିକିତ୍ସିତ ହେଉଥିବା ରୋଗୀମାନେ ବେଡର ସୁବିଧା ପାଇପାରିବା ସହ ଅତ୍ୟାଧୁନିକ ଚିକିତ୍ସାର ଉପଯୋଗୀତା ମଧ୍ୟ ସେମାନଙ୍କ ପାଇଁ କାର୍ଯ୍ୟକାରିତା ହେବ।

## ସାବିତ୍ରୀ ପାଇଁ ବଜାରରେ ପ୍ରବଳ ଭିଡ଼



**କୁଚିଣ୍ଡା, ୨୫।୫(ସମିସ):** ସୋମବାର ସାବିତ୍ରୀ ବ୍ରତ ପାଇଁ କୁଚିଣ୍ଡାରେ ବିଭିନ୍ନ ଫଳ ଓ ଲୁଗା ଦୋକାନରେ ପ୍ରବଳ ଭିଡ଼ ଲାଗିଥିଲା। ଗ୍ରାହକଙ୍କ ଚାହିଦାକୁ ଦେଖି ଦୋକାନୀ ସାମଗ୍ରୀ ଚଢ଼ାଦରରେ ବିକ୍ରି କରୁଛନ୍ତି। ୫ଶହ ଟଙ୍କାରେ ଫଳ ବ୍ୟାଗ ଭର୍ତ୍ତି ହେଉନାହିଁ। କଦଳୀ ଡ଼ଜନ ୮୦ରୁ ୧୦୦ ଟଙ୍କା, ନଡ଼ିଆ ୩୦ରୁ ୫୦ ଟଙ୍କା, ସେଓ ଗୋଟାକୁ ୨୦ରୁ ୩୦ ଟଙ୍କା, କମଳା ୨୦ରୁ ୩୦ ଟଙ୍କା, ସପୁରୀ ୫୦ରୁ ୬୦ଟଙ୍କା, ତରଭୁଜ ୩୦ରୁ ୫୦ ଟଙ୍କା, ଲିଚୁ ଗୋଟାକୁ ଦୁଇ ଟଙ୍କା, ଆମ୍ବ ୬୦ରୁ ୮୦ଟଙ୍କା, ପଣସ ୫୦ରୁ ୨୦୦ଟଙ୍କା ଥିବା ବେଳେ କେନ୍ଦୁ, ଚାର, ଡ଼ିମ୍ବିରି, ଖଜୁରୀ ସହିତ ପଲାସ ପତ୍ର, ଦୁବ ଅନ୍ୟ ଜଙ୍ଗଲି ସାମଗ୍ରୀ ଚଢ଼ା ଦାମରେ ମିଳିଯାଉଛି। ସେହି ପରି ଶାଢ଼ୀ ଦୋକାନରେ ମଧ୍ୟ ଭିଡ଼ ଲାଗିଛି।

## ଆରିୟନ୍ ଫାଉଣ୍ଡେସନ ସମ୍ମାନିତ




**ରେଢ଼ାଖୋଲ, ୨୫।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରୀୟନ୍ ଫାଉଣ୍ଡେସନକୁ କଟକ ଠାରେ ସେବାସମ୍ମାନରେ ସମ୍ମାନିତ କରାଯାଇଛି। କଟକ ଠାରେ ଅନୁଷ୍ଠିତ ହୋଇଥିବା ଦୁଃଖର ସାଥି ପରିବାର ପକ୍ଷରୁ ଆୟୋଜିତ ପଞ୍ଚମ ବାର୍ଷିକ ଉତ୍ସବ ଉଦଯାପିତ ସମାରୋହରେ ଆରୀୟନ ଫାଉଣ୍ଡେସନର ସଭାପତି ପପୁନ କୁମାର ସାମଲ ଏବଂ ସୁମନ୍ତ ସେଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରିୟନ ଫାଉଣ୍ଡେସନକୁ ସାମାଜିକ ସେବା ପ୍ରତି ଦାୟିତ୍ୱବୋଧ ପାଇଁ ଦୁଃଖର ସାଥୀ ପରିବାର ପକ୍ଷରୁ ସେବା ସମ୍ମାନରେ ସମ୍ମାନିତ କରି ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବଉଁଶରା ଗ୍ରାମରେ ଶୈକ୍ଷିକ କର୍ମଶାଳା



**ସମ୍ବଲପୁର, ୨୫।୫(ସମିସ):** ବରଗାଁ ନିକଟସ୍ଥ ବଉଁଶରା ଗ୍ରାମର ଆଠ ଜଣ ବାପଛେଉଣ୍ଡ ଝିଅ ମାନଙ୍କର ଶିକ୍ଷା ତଥା ସାମଗ୍ରିକ ବିକାଶ ନିମନ୍ତେ ଏକ ପ୍ରୟାସ ଆରମ୍ଭ କରିବା ପାଇଁ ସ୍ଥାନୀୟ କଲ୍ୟାଣ ଆଶ୍ରମ ପ୍ରାଙ୍ଗଣରେ ଏକ ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅସହାୟ ଶିଶୁ ଓ ସେମାନଙ୍କ ମା'ମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାରେ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ନୈତିକ ମୂଲ୍ୟବୋଧର ବିକାଶ ଓ ଦୈନନ୍ଦିନ ଜୀବନଶୈଳୀ ଉପରେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ସଭାରେ ପ୍ରଫେସର ସଚ୍ଚିଦ୍ର କୁମାର ମିଶ୍ର, ଇଂ. ବିଭୂତି ନାରାୟଣ ମାଝୀ, ଇଂ. ଅଭେଦ ପାଣିଗ୍ରାହୀ, ସୁଧୀର ପଣ୍ଡା, ସୂର୍ଯ୍ୟ ପଣ୍ଡା, ଅଶୋକ ପୋଢ଼ ତଥା ଗ୍ରାମର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପିଲାଙ୍କ ପାଠପଢ଼ା, ପାଠ୍ୟ ଉପକରଣ, ପୋଷାକ ଓ ସ୍ୱାସ୍ଥ୍ୟ ବିକାଶ ସହ ନୈତିକ, ଆଧ୍ୟାତ୍ମିକ ଓ ଗୁଣାତ୍ମକ ଶିକ୍ଷା ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେବ ବୋଲି ଉଦ୍ୟୋକ୍ତା ମାନେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଅଧିକ ଅନାଥ ଓ ଅନଗ୍ରସର ବର୍ଗର ଶିଶୁଙ୍କୁ କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କୁ ସୁନାଗରିକ ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି।

## 'ସମ୍ବଲପୁରୀ' ପାଇଁ ଆସୁନ୍ ଚିଠି ଲେଖ୍‌ମା କାର୍ଯ୍ୟକ୍ରମ



**ସମ୍ବଲପୁର, ୨୫।୫ (ସମିସ):** ଚିଠି ମାଧ୍ୟମରେ ବିଶ୍ୱର ଅନେକ ଆନ୍ଦୋଳନ ସଫଳ ହୋଇଛି। ଚିଠି ମଣିଷର ଭାବନାକୁ କେବଳ ପ୍ରକାଶ କରେନାହିଁ, ସମ୍ପର୍କକୁ ମଧ୍ୟ ସୁଦୃଢ କରେ। ବର୍ତ୍ତମାନ 'ସମ୍ବଲପୁରୀ' ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ ପାଇଁ ଆନ୍ଦୋଳନ ଚାଲିଛି। କଲମ ପରିବାର ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସମ୍ବଲପୁରୀ ଚିଠି ଅଭିଯାନ ଆନ୍ଦୋଳନକୁ ସୁଦୃଢ଼ କରିବ ବୋଲି ମୁଖ୍ୟଅତିଥି ଓଡ଼ିଶା ସଂସ୍କୃତିକ ସମାଜର ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ମତ ରଖିଛନ୍ତି। ଆଜି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ 'ସମ୍ବଲପୁରୀ' ଭାଷାର ପ୍ରଚାରପ୍ରସାର ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ଆସୁନ୍ ଚିଠି ଲେଖ୍‌ମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟତମ ଅତିଥି ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀ ଶଙ୍କର ଭୋଇ ସମ୍ବଲପୁରୀ ଭାଷାର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଅନୁଷ୍ଠାନ ଏକ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତେ ମିଶି ୫୦ରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ଚିଠି ଲେଖିଥିଲେ। କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ବଲପୁରୀ ଏକପଦୀ ସାହିତ୍ୟିକ ସ୍ୱର୍ଗତ ବୃନ୍ଦାବନ ସାହୁଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ବକ୍ତବ୍ୟ ରଖିବାସହ ଚିଠିର ମହତ୍ତ୍ୱ ଓ ଏହାର ଇତିହାସ ବିଷୟରେ କହିଥିଲେ। ଅନୁଷ୍ଠାନର ଉପସଭାପତି ଜୟକୃଷ୍ଣ ବେହେରା କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଏହାପରେ ଲଳିତ ମୋହନ ବେବର୍ତ୍ତାଙ୍କ ସଂଯୋଜନାରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନୁଷ୍ଠାନର ପରାମର୍ଶଦାତା ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରରେ ଏକାଠି ହେବ ମନ୍ତ୍ରୀମଣ୍ଡଳ

**ସମ୍ବଲପୁର, ୨୫।୫ (ସମିସ):** ଚଳିତ ବର୍ଷ ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ଦେବ ବିବାହରେ କନ୍ୟା ପିତାମାତା ଦାୟିତ୍ୱ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ତାଙ୍କ ପତ୍ନୀ ପଦ୍ମିନୀ ନାୟକ ତୁଲାଉଛନ୍ତି। ବହୁବର୍ଷ ପରେ ସମ୍ବଲପୁର ଶୀତଳଷଷ୍ଠୀରେ ରାଜ୍ୟ ମନ୍ତ୍ରୀମଣ୍ଡଳର ଜଣେ ବରିଷ୍ଠ ମନ୍ତ୍ରୀ ଏହି ଦାୟିତ୍ୱ ବହନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ ସମ୍ବଲପୁରକୁ ଆସିବେ ବୋଲି ଆଶାପ୍ରକାଶ କରାଯାଇଛି। ଏହାସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ଏହି ମହୋତ୍ସବରେ ସାମିଲ ହୋଇପାରନ୍ତି। ବିଭିନ୍ନ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଯୁଗଳ ଦର୍ଶନ ଶୋଭାଯାତ୍ରାକୁ ଆହୁରି ଭବ୍ୟ ଓ ବର୍ଣ୍ଣାଢ଼୍ୟ କରିବାକୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଏହି ପରିପ୍ରେକ୍ଷୀରେ ଅନ୍ୟ ବର୍ଷ ତୁଳନାରେ ଚଳିତବର୍ଷ ଶୀତଳଷଷ୍ଠୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ହେବ।

## ବିଧାୟିକାଙ୍କ ବିଭିନ୍ନ ଗାଁ ପରିଦର୍ଶନ

**ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଲେ**



**ପାଇକମାଲ, ୨୫।୫(ସମିସ):** ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ପାଇକମାଲ ବ୍ଲକ ଝାରବନ୍ଧ ପଞ୍ଚାୟତର ବିଭିନ୍ନ ଗାଁ ଗୁଡ଼ିକର ରବିବାର ପରିଦର୍ଶନ କରିଛନ୍ତି। ବିଧାୟିକା ଝାରବନ୍ଧ ପଞ୍ଚାୟତ ଗଞ୍ଜାଡାବର, ମେନକାମୁଣ୍ଡା, ପତ୍ରାଗୁଡ଼ା, ଝାରବନ୍ଧ ଓ ଟେମ୍ରିମାଲ ଗାଁ ଗୁଡ଼ିକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଗ୍ରାମବାସୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଗ୍ରାମବାସୀଙ୍କ ପାଖରେ ବସି ସେ ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି। ବିଶେଷ କରି ବୟସ୍କଙ୍କ ପାଇଁ ନୂତନ ଭତ୍ତା ପ୍ରଦାନ ହେଉନଥିବା, ଆୟୁଷ୍ମାନ ଯୋଜନାରେ ବଞ୍ଚିତ ହେଉଥିବା ହିତାଧିକାରୀ ତଥା ସୁଭଦ୍ରା ଯୋଜନାରେ ବଞ୍ଚିତ ହେଉଥିବା ମହିଳାଙ୍କ ଉପରେ ଆଲୋଚନା କରି ଏ ଦିଗରେ ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟିକାଙ୍କ ପରିଦର୍ଶନ ସମୟରେ ବରିଷ୍ଠ ନେତା ହୃଦାନନ୍ଦ ବାରିକ, ପାକ୍ସ ଅଧ୍ୟକ୍ଷ ବିଜୟ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ସମାଜସେବୀ ଗୌତମ ସିଂ ସମେତ ଝାରବନ୍ଧ ଅଞ୍ଚଳର ଦଳୀୟକର୍ମୀ ଉପସ୍ଥିତ ଥିଲେ।

## ବ୍ୟକ୍ତିର ମୃତ୍ୟୁ ଅଛି; ହେଲେ ବ୍ୟକ୍ତିତ୍ୱର ନୁହେଁ



**ବରଗଡ଼, ୨୫।୫(ସମିସ):** ବରଗଡ଼ କଲ୍ୟାଣ ମଣ୍ଡପରେ ଦିବଙ୍ଗତ କବି ବୃନ୍ଦାବନ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୧୯୮୬ ଜର୍ଜ ହାଇସ୍କୁଲ ବ୍ୟାଚ୍ ତରଫରୁ ସଭା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ତାଙ୍କ ପରିବାର ସଦସ୍ୟ ତଥା ତାଙ୍କର ସହପାଠୀମାନେ ସାମିଲ ହୋଇଥିଲେ। କବି ବୃନ୍ଦାବନ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ବଲପୁରୀ ଭାଷାରେ ତାଙ୍କର ଦକ୍ଷତା, ସାଙ୍ଗଙ୍କ ମେଳରେ ମେଳାପି ଗୁଣ ତାଙ୍କୁ ଅନ୍ୟମାନଙ୍କ ଠାରୁ ଭିନ୍ନ ଏକ ପରିଚୟ ଦେଇଥିଲା। ତାଙ୍କର ସାଂଗଠାନିକ ଦକ୍ଷତାକୁ ସମସ୍ତେ ପ୍ରଶଂସା କରିଥିଲେ। ବ୍ୟକ୍ତିର ମୃତ୍ୟୁ ହୋଇପାରେ ହେଲେ ତାଙ୍କର ସୃଜନଶୀଳ କୃତୀ ସବୁଦିନ ପାଇଁ ଅମର ହୋଇରହିବ। ତାଙ୍କର ବ୍ୟକ୍ତିତ୍ୱ ସର୍ବଦା ଅମଳିନ ହୋଇ ରହିବ ବୋଲି ସମସ୍ତେ ସ୍ମୃତିଚାରଣ କରି ମତ ପ୍ରକାଶ କରିଥିଲେ।

## ଶାନ୍ତି ହିଁ ବିଶ୍ୱବାସୀଙ୍କ କାମନା ହେବା ଉଚିତ

**ସମ୍ବଲପୁର, ୨୫।୫ (ସମିସ)**

**ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ**



ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଆଜି ଯୁବପ୍ରସ୍ତୁତି ପ୍ରଶିକ୍ଷଣ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଷଷ୍ଠ ସପ୍ତାହର ଶିକ୍ଷାଦାନ ହୋଇଯାଇଛି। ଆଜିର ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ପ୍ରଶିକ୍ଷଣର ପ୍ରସଙ୍ଗ 'ଶାନ୍ତି' ଉପରେ ପ୍ରଶିକ୍ଷଣ ଆରମ୍ଭ କରି ସମାଜସେବୀ ମୁକ୍ତକଣ୍ଠ ପ୍ରଧାନ ବର୍ତ୍ତମାନ ପରିପ୍ରେକ୍ଷୀରେ ଶାନ୍ତିର ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଶାନ୍ତି ହିଁ ବିଶ୍ୱବାସୀଙ୍କ କାମନା ହେବା ଉଚିତ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନ ସ୍ୱାସ୍ଥ୍ୟବିଜ୍ଞାନ ଉପରେ ଆଲୋଚନା ଆରମ୍ଭ କରି ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ଚକ୍ଷୁର ସୁକ୍ଷ୍ମଗଠନ, ଚକ୍ଷୁଜନିତ ବିଭିନ୍ନ ରୋଗ ଏବଂ ଏହାର କାରଣ ଓ ନିରାକରଣ ଉପରେ ଆଲୋକପାତ କରି ଚକ୍ଷୁର ନିୟମିତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଡାକ୍ତର ଜୟଦେବ ମେହେର ପିଲା ମାନଙ୍କୁ ଯୋଗାସନର ମୁଦ୍ରା ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ କୋଭିଡ-୧୯ ମହାମାରୀର ଆଶଙ୍କା ଦୃଷ୍ଟିରୁ ଆସନ୍ତା ସପ୍ତାହରୁ ପିଲାମାନେ ସତର୍କତା ସ୍ୱରୂପ ମାସ୍କ ପିନ୍ଧି ଆସିବାକୁ କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ସେବକ ତ୍ରିପାଠୀ, ରଘୁନାଥ ମିଶ୍ର, ଇଂ. ସୁଶାନ୍ତ ଗୁରୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଗୋଲକ ବିହାରୀ ମିଶ୍ର, ବିଜୟ କୁମାର ସାହୁ, ତୁଷାର ଓ ଜିଲୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଶିବିରରେ ମୋଟ ୧୯ଟି ହାଇସ୍କୁଲରୁ ୫୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଅଠର ବର୍ଗ କନ୍ଧ ସମାଜର ବାର୍ଷିକ ବୈଠକ




**ଜମନକିରା, ୨୫।୫(ସମିସ):** ସଡୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତୁରାଙ୍ଗ ଗ୍ରାମରେ ଓଁ ଶ୍ରୀ ଅଠର ବର୍ଷ କନ୍ଧ ସମାଜ ବଡ଼ ପଞ୍ଚଳା ପ୍ରଗଣାର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାଁ ଭୈରବୀଙ୍କୁ ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ ହୋଇଥଲା। ଅମୂଲ୍ୟ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଗବନ୍ଧୁ ଅଡ଼ା ବାର୍ଷିକ ବିବରଣୀ ପଠନ କରିଥିଲେ।ସଭାର ମୁଖ୍ୟ ଅତିଥି ଝରଣା ଦେହୁରୀ (ଅଧ୍ୟାପିକା), ମୁଖ୍ୟ ବକ୍ତା ସୁଶିଲ କୁମାର ପଧାନ, ସମ୍ମାନିତ ଅତିଥି ଭାରତୀ ପଧାନ (ସମିତି ସଭ୍ୟା), ଟଙ୍କଧର ଝାଙ୍କର, ଅକ୍ଷୟ ଦେହୁରୀ, ବୃନ୍ଦାବନ ପଧାନ, ତରଣୀସେନ ପଧାନ, ଯୋଗ ଦେଇ ସମାଜର ସୁଚିନ୍ତିତ ମତାମତ ଦେଇଥିଲେ। ଏହି ସଭାରେ ବିରିଆମ୍, ଲଇଣ୍ଡା, ଭୂତେଲ, ରଇଡ଼ା, ତୁରାଙ୍ଗ, ଗମ୍ଭାରୀଭୂଇଁ, ଖମାରବାହାଲ, କନିକୋଟିୟର, ପାଲୁଣିପଡ଼ା, ପାଳକୁଦର, ଡଙ୍ଗାପଥର, ଗୁରୁଲିଆ, ଟାଙ୍ଗରପାଲି, କୁରେଇବାହାଳ, ତୁଲୁବୁଡିହି, ପତ୍ରାଝରୀ, ବେଲୁଆମ୍, ସଡୋଙ୍କ ସମେତ ୭୦୦ ଶହରୁ ଅଧିକ ପୁରୁଷ, ମହିଳା ଯୋଗ ଦେଇଥିଲେ। କନ୍ଧ ସମାଜକୁ ଏକବିଂଶ ଶତାବ୍ଦୀରେ ଖାପଖୁଆଇ ଚାଲିବା ପାଇଁ ଶିକ୍ଷା, ନିଶା ନିବାରଣ, ଶୃଙ୍ଖଳା ଓ ସମୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଶେଷରେ ପ୍ରଶାନ୍ତ ଦେହୁରୀ ଧନ୍ୟବାଦଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୨୨- ନରୱେର ଏକ ଚର୍ଚ୍ଚରେ ନିଆଁ ଲାଗିଯିବାରୁ ୧୨୨ ଲୋକଙ୍କ ମୃତ୍ୟୁ।
- ୧୯୫୭- ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ।
- ୧୯୬୯- ଆପୋଲୋ-୧୦ର ମହାକାଶଚାରୀ ପୃଥିବୀପୃଷ୍ଠକୁ ଫେରିଲେ।
- ୧୯୮୩- ଜାପାନରେ ୭.୮ ତୀବ୍ରତାର ଭୂମିକମ୍ପ ହେବାରୁ ୧୦୪ ଲୋକ ମୃତ।
- ୧୯୯୧- ବ୍ୟାଙ୍କକ୍‌ରେ ଏକ ବିମାନ ଦୁର୍ଘଟଣାରେ ୨୨୩ ଜଣଙ୍କ ମୃତ୍ୟୁ।
- ୨୦୧୪-ନରେନ୍ଦ୍ର ମୋଦୀ ଭାରତର ୧୫ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ।

# କୁଞ୍ଚିକେୟାର

## ରୋଗୀ ଓ ବୟସ୍କଙ୍କ ମନୋବଳ ବଢ଼ାଉଛନ୍ତି ଛାତ୍ର



କେରଳର ପତନମତିଟ୍ଟା ଜିଲ୍ଲା ନେଦୁବପୁରମ୍ ଗ୍ରାମ ପଞ୍ଚାୟତ ପିଲାମାନଙ୍କୁ ନିଶାଦ୍ରବ୍ୟ ତଥା ମୋବାଇଲ ଫୋନ୍ ବ୍ୟବହାରରୁ ଦୂରେଇ ରଖିବା ପାଇଁ ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଏହା କୁଞ୍ଚିକେୟାର ନାମରେ ପରିଚିତ। ପିଲାଙ୍କୁ ସାମାଜିକ ସମ୍ପର୍କ ସହ ପରିଚିତ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି ପ୍ରୋଜେକ୍ଟ ଜରିଆରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରମାନେ ଗାଁ ଗାଁ ବୁଲି ବୃଦ୍ଧ ଓ ରୋଗାକ୍ରାନ୍ତ ଲୋକଙ୍କୁ ଭେଟିଥାନ୍ତି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ଶୀଘ୍ର ସୁସ୍ଥ ହେବା ନେଇ ସେମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି। ୪ ଏପ୍ରିଲ୍, ୨୦୨୪ ମସିହାରେ ଏଭଳି ଏକ ପ୍ରୟାସର ଆରମ୍ଭ ହୋଇଥିଲା। ଛାତ୍ରମାନେ ଗାଁର ବିଭିନ୍ନ ୱାର୍ଡ ବୁଲି ବୃଦ୍ଧ କିମ୍ବା ରୋଗୀ ଥିବା ଲୋକଙ୍କ ପାଖରେ ପହଞ୍ଚିଥାନ୍ତି। ଏହାଦ୍ୱାରା ପିଲାଙ୍କଠାରେ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ହେଉଥିବାର ଲକ୍ଷ୍ୟ କରାଯାଇଛି। ଏମାନେ ରୋଗୀଙ୍କୁ ସାନ୍ତ୍ୱନା ଦେବା ସହ ଜରୁରୀ ସୂଚନା ମଧ୍ୟ ଦେଇଥାନ୍ତି। ସେହିପରି କୁଞ୍ଚିକେୟାରରେ ୧୬ ଜଣ ପିଲାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତାଲିମ ଦିଆଯାଇଛି। ଆୟୁର୍ବେଦିକ ଡାକ୍ତର ଅଧିନେଶ ଗୋପନ ଏହି ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଅଧିନେଶଙ୍କ କହିବା ଅନୁଯାୟୀ, 'ପିଲାମାନେ ପ୍ରଥମେ ସର୍ଭେ କରି ଗାଁରେ ରୋଗୀମାନଙ୍କ ତଥ୍ୟକୁ ଏକତ୍ର କରନ୍ତି। ପରେ ସେହି ତଥ୍ୟକୁ ବିଶ୍ଳେଷଣ କରନ୍ତି। ଏଥିସହ ଗୋଟିଏ ମାସରେ ଅତି କମ୍‌ରେ ଜଣେ ହେଲେ ରୋଗୀକୁ ସେମାନେ ଭେଟିଥାନ୍ତି। ଅବଶ୍ୟ ପିଲାମାନେ ଚାହିଁଲେ ଅଧିକ ରୋଗୀଙ୍କୁ ମଧ୍ୟ ଭେଟି ପାରିବେ। ପ୍ରତିପିଲାଙ୍କୁ ଗୋଟିଏ ଗୋଟିଏ ଡାଏରୀ ଦିଆଯାଇଛି, ଯେଉଁଥିରେ ସେମାନେ ସେମାନଙ୍କ ଅନୁଭୂତି, ଭାବନା ଓ ରୋଗୀଙ୍କ ସହ ଜଡ଼ିତ ତଥ୍ୟ ଲେଖନ୍ତି। ପିଲାଙ୍କ ଡାଏରୀଗୁଡ଼ିକ ଯାଞ୍ଚ ହୁଏ। ଏଥିସହ ସବୁଠୁ ଭଲ ସେବା ପ୍ରଦାନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଏ। ଏନ୍‌ସିସି ଓ ରେଡ୍‌କ୍ରସ୍‌ରେ ଭାଗ ନେଉଥିବା ପିଲାଙ୍କୁ ଗ୍ରେସ୍ ମାର୍କ ମିଳିଥାଏ। ସେହିଭଳି କୁଞ୍ଚିକେୟାରରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ପିଲାଙ୍କୁ ମଧ୍ୟ ଦ୍ୱାଦଶ ପରୀକ୍ଷାରେ ଗ୍ରେସ୍ ମାର୍କ ମିଳିଥାଏ।



## 'ଲଭ୍ ଆଣ୍ଡ ୱାର୍' ଓଜନ କମାଇଲେ ରଣବୀର, ଭିକି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର ବହୁତ ଜଲ୍‌ଦି 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ନଜର ଆସିବେ। ତାଙ୍କ ସହ ଭିକି କୌଶଲ ଓ ଆଲିଆ ଭଟ୍ଟ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ତେବେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବା ପୂର୍ବରୁ ଭିକି ଓ ରଣବୀର ସେମାନଙ୍କ ଶରୀରରେ ପରିବର୍ତ୍ତନ ଆଣିଛନ୍ତି। ଉଭୟ ସେମାନଙ୍କ ଚରିତ୍ରକୁ ପରଦା ଉପରେ ସଫଳ ରୂପାୟନ ପାଇଁ ଓଜନ ହ୍ରାସ କରିଛନ୍ତି। ରଣବୀର ପାଖାପାଖି ୧୨ କେଜି ଓଜନ ହ୍ରାସ କରିଥିବାବେଳେ ଭିକି ୧୫ କେଜି କମାଇଛନ୍ତି। 'ଲଭ୍ ଆଣ୍ଡ ୱାର୍'ର କାହାଣୀ ଯୁଦ୍ଧପୃଷ୍ଠ ଭୂମି ଉପରେ ଗଢ଼ିଉଠିଥିବା ଏକ ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ। ସଞ୍ଜୟ ଲୀଲା ଭଁସାଲୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହାପୂର୍ବରୁ ରଣବୀର, ସଞ୍ଜୟଙ୍କ ଫିଲ୍ମ 'ସାଓଁରିୟା'ରେ କାମ କରିଥିଲେ। ତେବେ ଭିକି ପ୍ରଥମ ଥର ପାଇଁ ସଞ୍ଜୟଙ୍କ ସହ କାମ କରୁଛନ୍ତି। ଏହା ୨୦୨୬ରେ ପରଦାକୁ ଆସିପାରେ ବୋଲି କୁହାଯାଉଛି।

## ଦୋକାନରେ ନାହାନ୍ତି ଦୋକାନୀ

ଦକ୍ଷିଣ କୋରିଆ ରାଜଧାନୀ ସିଓଲରେ କିଛି ଦୋକାନ ଏମିତି ଅଛି, ଯେଉଁଠି କୌଣସି ଦୋକାନୀ ନାହାନ୍ତି। ଏଠାରେ ଗ୍ରାହକଙ୍କ ହାତକୁ ଜିନିଷ ଦେବା ପାଇଁ ନା ଦୋକାନୀ ଥାଆନ୍ତି ନା ଦୋକାନକୁ ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ। ଏଠାରେ ଗ୍ରାହକଙ୍କ ଭରସାରେ ହିଁ ଦୋକାନ ଚାଲେ। ଗ୍ରାହକ ଦୋକାନକୁ ଆସନ୍ତି ଏବଂ ଟଙ୍କା ଦେଇ ଆବଶ୍ୟକ ଜିନିଷ କିଣନ୍ତି। ଏ ଲାଗି ସ୍ୱୟଂଚାଳିତ ମେସିନ୍‌ର ବ୍ୟବସ୍ଥା କରାଯାଇଛି। ଗ୍ରାହକ ମେସିନ୍‌ରେ ଟଙ୍କା ପୈଠ କରି ନିଜ ମନ ମୁତାବିକ ଜିନିଷ କିଣନ୍ତି। କେବଳ ଦୋକାନ ନୁହେଁ, ଏଠାରେ ଥିବା କିଛି ବାର୍ ବି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ। ଗ୍ରାହକଙ୍କୁ ପରଷିବା ପାଇଁ ଏଠାରେ ୱେଟର୍‌ଙ୍କ ସ୍ଥାନରେ ରୋବଟ୍ ଅଛନ୍ତି। ଲୋକେ ଦୋକାନରେ ଲାଗିଥିବା ମେସିନ୍‌ରେ ପେମେଣ୍ଟ କରିଥାନ୍ତି। ତେବେ ଦୋକାନରେ ଦୋକାନୀ ନ ରହିବାର ଏକ ନିର୍ଦ୍ଦିଷ୍ଟ କାରଣ ଅଛି। ସିଓଲରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ଏଭଳି ବ୍ୟବସ୍ଥାକୁ ପରିଚିତ କରାଯାଇଛି। ବିଶେଷକରି ଏଠାରେ ଯୁବପିଢ଼ିଙ୍କ ସଂଖ୍ୟା ଦ୍ରୁତ ଭାବେ କମୁଛି। ଫଳରେ ଦୋକାନ ତଥା ଅନ୍ୟ ସ୍ଥାନରେ କାମ କରିବା ପାଇଁ ଲୋକଙ୍କ ଅଭାବ ପରିଲକ୍ଷିତ ହେଉଛି। ଶ୍ରମିକଙ୍କ ଅଭାବ ଯୋଗୁଁ ମଜୁରି ମଧ୍ୟ ବଢୁଛି। ଏଭଳି ସ୍ଥିତିରେ କୌଣସି ଦୋକାନୀ ଲୋକଙ୍କୁ ରଖିବା ପରିବର୍ତ୍ତେ ରୋବଟ୍‌କୁ ରଖୁଛନ୍ତି। ଯାହାକି ସେମାନଙ୍କୁ ଶସ୍ତା ଓ ସୁବିଧାଜନକ ହେଉଛି।




## ସାବିତ୍ରୀ ଅମାବାସ୍ୟା

ଆଜି ପବିତ୍ର ସାବିତ୍ରୀ ବ୍ରତ। ଏହାକୁ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏହି ଦିନ ମହିଳାମାନେ ଉପବାସ ରଖନ୍ତି। ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ। ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ। ଏହାବାଦ୍ ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣା।


ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା' ସାବିତ୍ରୀ। ସ୍ୱାମୀଙ୍କର ନିରାମୟ ଜୀବନ ତଥା ମଙ୍ଗଳ କାମନା କରି ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିବାର ପ୍ରଥା ରହିଛି। ଅନ୍ନ ଜଳ ସ୍ପର୍ଶ ନ କରି ସଧବା ନାରୀମାନେ ଏହି ବ୍ରତ ପାଳନ କରି ସ୍ୱାମୀଙ୍କୁ ପୂଜା କରିବାର ପରମ୍ପରା ରହିଛି। ଚଉଁରା ମୂଳ, ଠାକୁର ଘର ଏବଂ ବରଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି। ଏହାବାଦ୍ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତି। ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି। ପୂଜା ଶେଷ ପରେ ଫଳାହାର କରନ୍ତି। ବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି। ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି। ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଯୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା। ସେଇଠୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ସ୍ୱାମୀଙ୍କ ଜୀବନ ମାଗିଥିଲେ। ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ।





ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ 'ନୌତପା' ବା 'ନୌତାପ' କୁହାଯାଏ। ମଇ ୨୫ରୁ ଏହା ଆରମ୍ଭ ହୋଇଛି ଏବଂ ଜୁନ୍ ୮ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପମାତ୍ରା ଅଧିକ ରହେ। କୁହାଯାଏ କି, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ। ଏହି ସମୟରେ ସୂର୍ଯ୍ୟଙ୍କ ଉପାସନା ମହତ୍ତ୍ୱ ରଖେ। ତେବେ ଜାତକରେ ସୂର୍ଯ୍ୟଙ୍କୁ ମଜଭୁତ କରିବା ପାଇଁ ନୌତାପରେ କିଛି ଉପାୟ ଆପଣାଇବା ଉଚିତ।

- ନୌତପା ସମୟରେ ନିତିଦିନ ସୂର୍ଯ୍ୟଦେବଙ୍କ ଆରାଧନା କରନ୍ତୁ।
- ଭୋର୍‌ରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ।
- ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରନ୍ତୁ।
- ନୌତାପରେ ଦହି, ନଡ଼ିଆ, ଜଳ, ଗୁଡ଼, ବସ୍ତ୍ର ଆଦି ଦାନ କରନ୍ତୁ।




## ଜ୍ୟେଷ୍ଠ ମାସରେ ଜଳ ଦାନ

**ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।**

**ଜଳର ମହତ୍ତ୍ୱ:** ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

**ବିଷ୍ଣୁଙ୍କ ପ୍ରିୟ ମାସ:** ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା'ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।



## କାଚ ଭାଙ୍ଗିବା ଅଶୁଭ

ଘରେ କାଚ ଭାଙ୍ଗିବାକୁ ଅଶୁଭ ବୋଲି କୁହାଯାଏ। ଏହା ନକାରାତ୍ମକ ଶକ୍ତି, ଦୁର୍ଭାଗ୍ୟର କାରଣ ସାଜିଥାଏ। ତେବେ ବାସ୍ତୁ ଶାସ୍ତ୍ରରେ କାଚ ଭାଙ୍ଗିବା କେଉଁ ସଙ୍କେତ ଦିଏ, ସେ ସମ୍ପର୍କରେ ଜାଣିବା।



- ବାସ୍ତୁ ଶାସ୍ତ୍ର ଅନୁସାରେ, କାଚ ଭାଙ୍ଗିବା ଘରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହା ଦ୍ୱାରା ମାନସିକ ଅଶାନ୍ତି, ପାରିବାରିକ ଝଗଡ଼ା ଏବଂ ଅଶାନ୍ତି ବୃଦ୍ଧି ପାଏ।
- କାଚକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ ଭଙ୍ଗା କାଚ ରଖିବା ଲକ୍ଷ୍ମୀଙ୍କ ପ୍ରତି ଅସମ୍ମାନକୁ ସୂଚାଏ। ଏହାଦ୍ୱାରା ଆର୍ଥିକ ସମସ୍ୟା ଉପୁଜେ।
- ଭଙ୍ଗା କାଚ ପରିବାର ମଧ୍ୟରେ ଫାଟ ସୃଷ୍ଟି କରେ। ଏହା ପ୍ରେମ ଜୀବନକୁ ପ୍ରଭାବିତ କରିଥାଏ।
- ଶୁଭ କାର୍ଯ୍ୟରେ ବାଧା ସୃଷ୍ଟି କରେ। ଫଳରେ କାର୍ଯ୍ୟରେ ବାରମ୍ବାର ବାଧା ଆସେ।
- ଘର ଦର୍ପଣ କାଚ ଭାଙ୍ଗିବାକୁ ମଧ୍ୟ ଅଶୁଭ ବୋଲି କୁହାଯାଇଛି। ଏହା ଦୁର୍ଭାଗ୍ୟ ଆଣେ ଓ ଆତ୍ମବିଶ୍ୱାସକୁ ପ୍ରଭାବିତ କରେ।

### ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆରମ୍ଭ

## ସାବାଲେଙ୍କା, ଝେଙ୍ଗ୍‌ଙ୍କ ବିଜୟ



ପ୍ୟାରିସ,୨୫ ।୫(ସମିସ): ଐତିହାସିକ ରୋଲାଣ୍ଡ ଗ୍ୟାରସ୍ ଷ୍ଟାଡିୟମରେ ବର୍ଷରୁ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ରବିବାରଠାରୁ ଆରମ୍ଭ ହୋଇଛି । ଉଭୟ ପୁରୁଷ ଓ ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି । ମହିଳା ଏକକରେ ବିଜୟର ନ ୧ ଖେଳାଳି ତଥା ଟପ୍ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ୬-୧, ୬-୦ ସିଧା ସେଟ୍‌ରେ ରୁଷିଆର କାମିଲା ରାଖିମୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ଅଭିଯାନ ଆରମ୍ଭ କରିଛନ୍ତି । ସେହିପରି ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ୍ ୬-୪, ୬-୩ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ, ୧୩ତମ ସିଡ୍ ଏଲିନା ଭିଟୋଲିନା ୬-୧,୬-୧ ସେଟ୍‌ରେ ତୁର୍କୀର ସେନେପ ସୋନମେଜଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି । ଆମେରିକାର ୨୮ତମ ସିଡ୍ ଖେଳାଳି ପେଟୋନ ଷ୍ଟେର୍ଣ୍ଣସ ୦-୬, ୩-୬ ସେଟ୍‌ରେ ଜର୍ମାନୀର ଇଭା ଲିସ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।


### ଦ୍ୱିତୀୟ ରାଉଣ୍ଡରେ ଟମି ପଲ୍

ପୁରୁଷ ଏକକରେ ଦ୍ୱାଦଶ ସିଡ୍ ଆମେରିକାର ଟମି ପଲ ପ୍ରଥମ ରାଉଣ୍ଡରେ ବିଜୟ ହୋଇ ଅଭିଯାନ ଆରମ୍ଭ କରିଛନ୍ତି । ପଲ୍ ୬-୭, ୬-୨, ୬-୩, ୬-୧ ମାରାଥନ ସେଟ୍‌ରେ ଡେନମାର୍କର ଏଲମେର ମୋଲୋରଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଫ୍ରାନ୍ସର ୩୧ତମ ସିଡ୍ ଜିଓଭାନି ଏମ୍‌ପେସି ପେରିକାର୍ଡ ୪-୬, ୬-୩, ୭-୬, ୬-୪ ସେଟ୍‌ରେ ବେଲଜିୟମର ଜିଜୋଉ ବେର୍ଗ୍‌ସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି । ୨୮ତମ ସିଡ୍ ଆମେରିକାର ବ୍ରାଣ୍ଡନ ନାକାସିମା ୬-୭, ୬-୪, ୧-୬, ୨-୬ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ପ୍ରଥମ ରାଉଣ୍ଡରେ ଜାପାନର କେଇ ନିଶିକୋରୀଙ୍କୁ ଭେଟିବେ । ସେହିପରି ଅନ୍ୟଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ଆମେରିକାର ରେଇଲି ଓପେଲକା ୧-୬, ୬-୩, ୭-୫, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ପରାସ୍ତେ କରି ଅଗ୍ରଗତି କରିଛନ୍ତି । ସର୍ବିଆର ହମାଦ ମେଡଜେଡୋଭିକ ୬-୩, ୬-୩, ୭-୬ ସେଟ୍‌ରେ କାମିଲ୍ ମାଜଚରଜାକଙ୍କୁହ ହରାଇ ଅଗ୍ରଗତି କରିଛନ୍ତି ।

### ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରି

## ସିଜିନର ଦ୍ୱିତୀୟ ଟାଇଟଲ୍ ଜିତିଲେ ନୋରିସ୍

ମୋନାକୋ,୨୫ ।୫(ସମିସ): ମ୍ୟାକଲରେନ୍ ଡ୍ରାଇଭର ତଥା ବ୍ରିଟ୍ ଫର୍ମୁଲା-୧ ରେସନ ଲାଣ୍ଡୋ ନୋରିସ ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରିରେ ବାଜି ମାରିଛନ୍ତି । ରବିବାର ଅନୁଷ୍ଠିତ ଅନ୍ତିମ ରେସ୍‌ରେ ସେ ଫେରାରୀର ଚର୍ଲ୍ସ ଲେକଲେର୍କ ଓ ମ୍ୟାକଲରେନ ସାଥି ଡ୍ରାଇଭର ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ସେ ସିଜିନର ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି । ପୂର୍ବରୁ ସେ ସିଜିନ ଆରମ୍ଭରେ ଅଷ୍ଟ୍ରେଲିଆନ୍ ଗ୍ରାଁପ୍ରି ଟାଇଟଲ ହାସଲ କରିଥିଲେ । ସେହିପରି ରେଡବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଚତୁର୍ଥ ଓ ଫେରାରୀର ଲୁଇସ ହାମିଲଟନ ୫ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି । ୨୫ ବର୍ଷୀୟ ନୋରିସ୍ ଏପର୍ଯ୍ୟନ୍ତ ୭ଟି ସଜିନ୍‌ରେ ଅଂଶଗ୍ରହଣ କରି ମୋଟ୍ ଉପରେ ୫ଟି ଗ୍ରାଁପ୍ରିରେ ଟାଇଟଲ ହାସଲ କରିଛନ୍ତି ।



### ଜର୍ମାନୀ କପ୍ ଫୁଟବଲ

## ୨୮ ବର୍ଷ ପରେ ଷ୍ଟର୍ଟଗାର୍ଟକୁ ପ୍ରଥମ ଟାଇଟଲ




ବର୍ଲିନ୍,୨୫ ।୫(ସମିସ): ଜର୍ମାନୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭିଏଫ୍‌ବି ଷ୍ଟର୍ଟଗାର୍ଟ ଚାମ୍ପିଅନ ହୋଇଛି । ଫାଇନାଲ ମୁକାବିଲାରେ ଷ୍ଟର୍ଟଗାର୍ଟ ୪-୨ ଗୋଲରେ ଥାର୍ଡ ଟାୟର ଦଳ ଅର୍ମିନିଆ ବିଏଲେଫେଲ୍ଡକୁ ପରାସ୍ତ କରି ଦୀର୍ଘ ୨୮ ବର୍ଷରେ ପ୍ରଥମ ଟାଇଟଲ ହାସଲ କରିଛି । ପୂର୍ବରୁ ୧୯୯୭ରେ ଷ୍ଟର୍ଟଗାର୍ଟ ପ୍ରଥମ ଜର୍ମାନ କପ୍ ଟାଇଟଲ ଜିତିଥିଲା । ସ୍ଥାନୀୟ ଅଲିମ୍ପିଆଷ୍ଟାଡିଅନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଷ୍ଟର୍ଟଗାର୍ଟ ତରଫରୁ ଏଞ୍ଜୋ ମିଲୋଟ ୨୨ ଓ ୬୬ତମ ମିନିଟ୍‌ରେ ଦୁଇଟି, ନିକ ଓଲ୍ଟମେଡ୍ ୧୫ ଓ ଡେନିଜ ଉନଦାଭ ୨୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ । ସେହିପରି ଅର୍ମିନିଆ ତରଫରୁ ୮୨ତମ ମିନିଟ୍‌ରେ ଜୁଲିଆନ କାନିଆ ଗୋଲ ଦେଇଥିଲେ । କିନ୍ତୁ ୮୫ତମ ମିନିଟ୍‌ରେ ଷ୍ଟର୍ଟଗାର୍ଟର ଜୋଶା ଭାଗନୋମାନଙ୍କ ଆତ୍ମଘାତୀ ଗୋଲ ଫଳରେ ଅର୍ମିନିଆ ପରାଜୟ ବ୍ୟବଧାନ କମିଥିଲା ।

### ଆଇପିଏଲ୍ ୧୮ ରେ କ୍ଲାସେନ୍‌ଙ୍କ ଶତକ; କୋଲକାତା ୧୧୦ ରନ୍‌ରେ ପରାସ୍ତ

# ପ୍ରଥମ ଓ ଶେଷରେ ହାଇଦରାବାଦ୍‌ର ଦମ୍‌ଦାର ବିଜୟ

ଦିଲ୍ଲୀ,୨୫।୫ (ଏଜେନ୍ସି)

ହେନ୍‌ରିକ୍ କ୍ଲାସେନ (୧୦୫*) ଓ ଟ୍ରାଭିସ ହେଡ୍ (୭୮)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୮ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୧୧୦ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି । ଏହା ଫଳରେ ଦଳ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଆଇପିଏଲ୍-୧୮ ଅଭିଯାନ ଶେଷ କରିଛି । ଚଳିତ ଆଇପିଏଲ୍‌ରେ ହାଇଦରାବାଦ୍ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୪୪ ରନ୍‌ରେ ପରାସ୍ତ କରିଥିଲା । ଏଥିରେ ଇଶାନ କିଶାନ ଅପରାଜିତ ୧୦୬ ଓ ଟ୍ରାଭିସ୍ ହେଡ୍ ୬୭ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୨୮୬ (ଚଳିତ ସଂସ୍କରଣରେ ସର୍ବାଧିକ) ରନ୍ କରିଥିଲା । ଜବାବରେ ରାଜସ୍ଥାନ ୬/୨୪୨ ରନ୍ କରିଥିଲା । ସେହିପରି ଆଜି କ୍ଲାସେନ ୩୯ ବଲ୍‌ରେ ୧୦୫ ଓ ହେଡ୍ ୪୦ ବଲ୍‌ରେ ୭୬ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୭୮ ରନ୍ ବା ଆଇପିଏଲ୍ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର କରିଥିଲା । ଜବାବରେ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ଆଉ ୮ଟି ବଲ ବାକିଥାଇ ୧୬୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଫଳରେ ଦଳ ୧୧୦ ରନ୍‌ରେ ମ୍ୟାଚ୍‌କୁ ଜିତିବା ସହ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ଖେଳିବାରେ ସମର୍ଥ ହୋଇଥିଲା । ଏହି ବିଜୟ ପରେ ହାଇଦରାବାଦ୍ ୧୪ଟି ମ୍ୟାଚ୍‌ରୁ ୬ ବିଜୟ ସହ ୧୩ ପଏଣ୍ଟ ପାଇ ଟେବଲର ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ଅନ୍ୟ ପକ୍ଷରେ କୋଲକାତା ୧୪ ମ୍ୟାଚ୍‌ରୁ ୫ ବିଜୟ ସହ ୧୨ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି । ଆଇପିଏଲ୍ ଇତିହାସରେ ଏହା କୋଲକାତା ରନ୍ ବ୍ୟବଧାନରେ ସର୍ବବୃହତ ପରାଜୟ ବରଣ କରିଛି । ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକୀୟ କ୍ଲାସେନ ୩୭ ବଲ୍‌ରେ ଶତକ ହାସଲ କରିବା ସହ ୩୯ ବଲ୍‌ରେ ୭ ଚୌକା ଓ ୯ ଛକା ସହ ୧୦୫ ରନ୍‌ରେ ଅପରାଜିତ ରହିଥିଲେ । ଫଳରେ ଆଇପିଏଲ୍ ଇତିହାସରେ କ୍ଲାସେନ ତୃତୀୟ ଯୁଗ୍ମ ଦ୍ରୁତତମ ଶତକ ହାସଲ କରିଥିଲେ । ତାଙ୍କ ବ୍ୟତୀତ ଟ୍ରାଭିସ ହେଡ୍ ୪୦ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହ ୭୬, ଅଭିଷେକ ଶର୍ମା ୧୬ ବଲ୍‌ରେ ୩୨, ଇଶାନ କିଶାନ ୨୦ ବଲ୍‌ରେ ୨୯ ରନ୍ କରିଥିଲେ । ଜବାବରେ କୋଲକାତା ୧୮.୪ ଓଭରରେ ୧୬୮ ରନ୍ କରିଥିଲା । ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ନ ଥିଲାବେଳେ ମନୀଷ ପାଣ୍ଡେ ସର୍ବାଧିକ ୩୭, ହର୍ଷିତ ରାଣା ୩୪ ଓ ସୁନୀଲ ନାରାୟଣ ୩୧ ରନ୍ କରିଥିଲେ । ହାଇଦରାବାଦ୍ ପକ୍ଷରୁ ଜୟଦେବ ଉନାଦକତ, ଏଶାନ ମାଲିଙ୍ଗା ଓ ବାମହାତୀ ସ୍ପିନର ହର୍ଷ ଦୁବେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରି ଦଳକୁ ବଡ଼ ବିଜୟ ପ୍ରଦାନ କରିଥିଲେ ।



**ଆଇପିଏଲ୍‌ରେ ୫ ଉଚ୍ଚତମ ସ୍କୋର**

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ |
|---|---|---|---|
| ହାଇଦରାବାଦ୍ | ୨୮୭/୩ | ବେଙ୍ଗାଲୁରୁ | ବେଙ୍ଗାଲୁରୁ |
| ହାଇଦରାବାଦ୍ | ୨୮୬/୬ | ରାଜସ୍ଥାନ | ହାଇଦରାବାଦ୍ |
| ହାଇଦରାବାଦ୍ | ୨୭୭/୩ | ମୁମ୍ବାଇ | ହାଇଦରାବାଦ୍ |
| କୋଲକାତା | ୨୭୨/୭ | ଦିଲ୍ଲୀ | ବିଶାଖାପାଟନମ |
| ହାଇଦରାବାଦ୍ | ୨୬୬/୭ | ଦିଲ୍ଲୀ | ଦିଲ୍ଲୀ |

**ଆଇପିଏଲ୍‌ରେ ଦ୍ରୁତତମ ଶତକ**

| ଖେଳାଳି | ବଲ୍ | ମ୍ୟାଚ୍ | ଭେନ୍ୟୁ |
|---|---|---|---|
| କ୍ରିସ୍ ଗେଲ୍ | ୩୦ | ବେଙ୍ଗାଲୁରୁ- ପୁଣେ | ବେଙ୍ଗାଲୁର |
| ବୈଭବ ସୂର୍ଯ୍ୟବଂଶୀ | ୩୫ | ରାଜସ୍ଥାନ- ଗୁଜରାଟ | ଜୟପୁର |
| ୟୁସୁଫ ପଠାନ | ୩୭ | ରାଜସ୍ଥାନ- ମୁମ୍ବାଇ | ମୁମ୍ବାଇ |
| ଡେଭିଡ ମିଲର | ୩୮ | ପଞ୍ଜାବ-ବେଙ୍ଗାଲୁରୁ | ମୋହାଲି |
| ଟ୍ରାଭିସ ହେଡ | ୩୯ | ହାଇଦରାବାଦ- ବେଙ୍ଗାଲୁରୁ | ବେଙ୍ଗାଲୁରୁ |

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

### ଆସାମ ପ୍ରିମିୟର ଲିଗ୍

## କଳିଙ୍ଗ ୱାରିୟର୍ସ ଚାମ୍ପିଅନ



ଭୁବନେଶ୍ୱର, ୨୫।୫ (ସମିସ): ଆସାମର ଗୁଆହାଟୀଠାରେ ଚାଲିଥିବା ଆସାମ ଚେସ୍ ପ୍ରିମିୟର ଲିଗ୍ ରବିବାର ଶେଷ ହୋଇଛି । ଏଥିରେ ଭାଗ ନେଇଥିବା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ କଳିଙ୍ଗ ୱାରିୟର୍ସ ସର୍ବାଧିକ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଏହି ଫ୍ରାଞ୍ଚାଇଜ୍‌ର ମାଲିକ ଅଲ୍ ଓଡ଼ିଶା ଚେସ ସଂଘ ରହିଛି । ଏହି ସଂଘର ସମ୍ପାଦକ ଦେବବ୍ରତ ଭଟ୍ଟଙ୍କ ନେତୃତ୍ୱରେ କଳିଙ୍ଗ ୱାରିୟର୍ସ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଶ୍ରେଷ୍ଠ ସଫଳତା ପାଇଛି । ଏହି ଦଳରେ ଜିଏମ୍ ଅଙ୍କିତ ରାଜପାରା, ଅମେୟ ଗୁପ୍ତା, ଅମ୍ଳାନ ମହନ୍ତ, ମୃଣ୍ମୟ ରାଜଖୋୱା ପ୍ରମୁଖ ଭାଗ ନେଇଛନ୍ତି । ଓଡ଼ିଆ ଖେଳାଳି ସିଏମ୍ ହର୍ଷିତ ରଞ୍ଜନ ସାହୁ ଓ ଏଫ୍‌ଏମ୍ ରାଜେଶ ନାୟକ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ । କଳିଙ୍ଗ ୱାରିୟର୍ସ ସର୍ବାଧିକ ୫.୫ ପଏଣ୍ଟ ପାଇଥିଲା । ପୁରସ୍କାର ବାବଦରେ ଓଡ଼ିଶା ଭିତ୍ତିକ ଦଳ ୩ ଲକ୍ଷ ଟଙ୍କା ଓ ଟ୍ରଫି ପାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲା । ଅନ୍ୟ ଦଳଗୁଡ଼ିକ ହେଲେ ଆକ୍ୱମ ରାଇନୋସ ଚେକ୍‌ମେଟ୍ସ, ରାଞ୍ଚି କ୍ୟାପିଟାଲ୍ସ, ସାଭୟ ଚେକ୍‌ମେଟ୍ସ, ନାଇଟ୍ ମୁଭର୍ସ, ଏଜୁ ହବ୍ ଚେକ୍‌ମେଟ୍ସ, ବିଟିଆର୍ ୱାରିୟର୍ସ ଓ ୯୧ ୟାର୍ଡ୍ସ କ୍ଲବ୍ ।

## ଟ୍ରଏ କୁଲେ ଭାରତ-ଏ ବୋଲିଂ କୋଚ୍

ମୁମ୍ବାଇ,୨୫ ।୫(ସମିସ): ଅଷ୍ଟ୍ରେଲିଆର ପୂର୍ବତନ ଘରୋଇ କ୍ରିକେଟର ଟ୍ରଏ କୁଲେ ଭାରତ-ଏ ଦଳର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି । ସେ ଆଗାମୀ ଇଂଲଣ୍ଡ ଗସ୍ତରେ ଦାୟିତ୍ୱ ବହନ କରିବେ । ରବିବାର ଭାରତ-ଏ ଦଳ ଇଂଲଣ୍ଡରେ ପହଞ୍ଚିଛି । କୁଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ରେ ବୋଲିଂ କୋଚ୍ ରହିଛନ୍ତି । ସେ ମଧ୍ୟ ଇଂଲଣ୍ଡର ବୋଲିଂ କୋଚ୍ ରହିଥିଲେ । ତାଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ୨୦୦୫ ଆଶେଶ୍‌ରେ ୨-୧ରେ ସିରିଜ ବିଜୟୀ ହୋଇଥିଲା । ୫୭ ବର୍ଷୀୟ କୁଲେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଦ୍ରୁତ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରିଆସୁଛନ୍ତି । ୨୦୨୨ ଫେବୃଆରୀରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଭାରତୀୟ ମହିଳା ଦଳର ବୋଲିଂ କୋଚ୍ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ହୃଷିକେଶ କାନିତକର ଭାରତ-ଏ ଦଳର ମୁଖ୍ୟ କୋଚ୍ ରହିଛନ୍ତି ।



ଇଂଲଣ୍ଡ ଗସ୍ତରେ ଯାଇ ଲଣ୍ଡନରେ ପହଞ୍ଚିଥିବା ଭାରତ-ଏ କ୍ରିକେଟ ଦଳର ଖେଳାଳିମାନେ ।


## ଓସିଏର ଅମ୍ପାୟାର ପଦୋନ୍ନତି ପରୀକ୍ଷା

କଟକ,୨୫।୫(ସମିସ): ଓଡିଶା କ୍ରିକେଟ ଆସୋସିଏସନ(ଓସିଏ)ର ଅମ୍ପାୟାର ପଦୋନ୍ନତି ପରୀକ୍ଷା ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହୋଇଛି । ଏଥିରେ ଓସିଏର ୨୧ଜଣ ପ୍ୟାନେଲ ଅମ୍ପାୟାର ଅଂଶ ଗ୍ରହଣ କରିଥିଲେ । ବିସିସିଆଇର ବରିଷ୍ଠ ଅମ୍ପାୟାର ଅରୁଣ କୁମାର ବାସା ପରୀକ୍ଷା ପରିଚାଳନା କରିଥିଲେ । ରାଜ୍ୟରେ କ୍ରିକେଟର ବିକାଶ ଦିଗରେ ଓସିଏ ନିରନ୍ତର କାର୍ଯ୍ୟ କରୁଛି । ଏହି ପରିପ୍ରେକ୍ଷୀରେ ଅମ୍ପାୟାରମାନଙ୍କ କୌଶଳ ବିକାଶ ପାଇଁ ଏଭଳି ପରୀକ୍ଷା ହୋଇଥିବା ନେଇ ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।




### ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ


## ପେଞ୍ଚକ ସିଲାଟ୍‌ରେ ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର,୨୫ ।୫(ସମିସ)

ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ୮ଟି ପଦକ ହାସଲ କରିଛି । ଏହି ଇଭେଣ୍ଟରେ ୨୦ ଜଣ ଓଡ଼ିଆ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରିଥିଲେ । ଓଡ଼ିଆ ଖେଳାଳିମାନେ ୩ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ହାସଲ କରିଛନ୍ତି । ଓଡ଼ିଶାର ସୋହିଲ ଗୁରୁଙ୍ଗ୍ ସୋଲୋ ଓ ଟେଣ୍ଡି ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତିଛନ୍ତି । ପୁରୁଷ ଗାଣ୍ଡା ଓ ଉଭୟ ପୁରୁଷ ଓ ମହିଳା ରେଗୁ ଟିମ୍ କାଂସ୍ୟ ପଦକ ଜିତିଛନ୍ତି । ଅନିନ୍ଦିତା ପାତ୍ର ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ, ରୁଦ୍ର ପ୍ରତାପ ଷଡଙ୍ଗୀ ରତ୍ନ ଗିଲ୍ କାଂସ୍ୟ ପଦକଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ଖେଳାଳିମାନଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଦାୟିତ୍ୱର ରେଫ୍ରିସିପ୍ କରିଥିବାରୁ ଇଣ୍ଡିଆ ଫେଡେରେସନ ତରଫରୁ ସମ୍ମାନିତ ହୋଇଥିଲେ । କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅନୁସଚିବ ବିଜୟ ସ୍ୱାଇଁ, ଓଏସ୍‌ଡି ଧିରଜ ପଟ୍ଟନାୟକଙ୍କ ସମେତ ସମାଜସେମୀ ତଥା ପେଞ୍ଚକ ସିଲାଟ ଆସୋସିଏସନ ଖୋର୍ଦ୍ଧାର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ, ଆସୋସିଏସନ ଓଡ଼ିଶା ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପ-ସଭାପତି ମନୋରଞ୍ଜ ଭଞ୍ଜ, ଅରବିନ୍ଦ ନାୟକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଏସୀୟ ଜୁ ଜିତ୍ସୁରେ ଅନୁପମାଙ୍କୁ ଦ୍ୱିତୀୟ ପଦକ



ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶାର ଅନୁପମା ସ୍ୱାଇଁ ଭାରତ ପକ୍ଷରୁ ନବମ ଏସୀୟ ଜୁ ଜିତ୍ସୁରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ଜୋର୍ଡାନ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ମହିଳା ୫୨ କିଲୋଗ୍ରାମ୍ କାଟାଗୋରୀରେ କଣ୍ଟାକ୍ଟରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଅନୁପମା ଦ୍ୱିତୀୟ ପଦକ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି ।

### ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

## ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍

କଟକ,୨୫।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି । ପ୍ରଥମ ପର୍ଯ୍ୟାୟରେ ଗ୍ରୁପ-ଏ ଏବଂ ଗ୍ରୁପ-ବିର ମ୍ୟାଚ୍ ଶେଷ ହୋଇଛି । ଗ୍ରୁପ-ଏରୁ ଝାରସୁଗୁଡା ଏବଂ ଗ୍ରୁପ-ବିରୁ ଖୋର୍ଦ୍ଧା ଉଭୟ ୧୬ ପଏଣ୍ଟ ଲେଖାଏ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି । ସୋମବାର ଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ । ଗ୍ରୁପ-ସି ଏବଂ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଦଳ ପ୍ରତିଯୋଗିତାକୁ ଓହ୍ଲାଇବେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ଗ୍ରାଉଣ୍ଡ ସମେତ ଅଡଶପୁର, ଡ୍ରିମସ, ସନସାଇନ ଏବଂ ବିଡାନାସୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ । ୩୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚସୂଚୀ ରହିଛି । ସୋମବାର କଟକ-ଏ ଏବଂ କେନ୍ଦୁଝର, ବାଲେଶ୍ୱର ଓ ଢେଙ୍କାନାଳ, ପୁରୀ ଓ କନ୍ଧମାଳ, ଭୁବନେଶ୍ୱର-ଏ ଓ ରାଉରକେଲା, ଗଞ୍ଜାମ ଓ ବରଗଡ, ନୂଆପଡା ଏବଂ ପୁରୀ ମଧ୍ୟରେ ମୁକାବିଲା ହେବ ।

### ୩୮ତମ ଭୁବନେଶ୍ୱର ସ୍କୁଲ ଓପନ ଚେସ୍

## ସତ୍ୟମ୍ ଚାମ୍ପିଅନ, ପ୍ରୀତମ ରନର୍ସ ଅପ୍



ଭୁବନେଶ୍ୱର, ୨୫।୫ (ସମିସ): ସତ୍ୟମ ସ୍ୱରୂପ ସାହୁ ଓ ପ୍ରୀତମ ହୋତା ୩୮ତମ ଭୁବନେଶ୍ୱର ସ୍କୁଲ୍ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି । କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ୫ ରାଉଣ୍ଡରୁ ସର୍ବାଧିକ ୪.୫ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପ୍ରୀତମ ୪ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି । ଏମାନଙ୍କ ପଛକୁ ୫ମ ସ୍ଥାନ ଯାଏ ଥିବା ପ୍ରତିଯୋଗୀ ମଧ୍ୟ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନଙ୍କ ମଧ୍ୟରୁ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିସ ନନ୍ଦ ଗୋସ୍ୱାମୀ, କଟକ ମେଡିକାଲ ଡିଏଭି ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ । ଭୁବନେଶ୍ୱର ଚେସ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର (ଆଜି) ଅନୁଷ୍ଠିତ ହୋଇଥିଲା । ଏହାକୁ ସ୍କୁଲ୍‌ର ପ୍ରିନ୍ସିପାଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଖେଳ ଶେଷରେ ଟାଟା ଷ୍ଟିଲର ଏରିଆ ମ୍ୟାନେଜର ସୁଶାନ୍ତ ରଥ ମୁଖ୍ୟ ଅତିଥି ଓ ଭୁବନେଶ୍ୱର ଚେସ ସଂଘ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

■ ଚତୁଃରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ

## ଚିଲିକୁ ହରାଇଲା କନିଷ୍ଠ ଭାରତୀୟ ମହିଳା ଦଳ



ରୋସାରିଓ,୨୫।୫(ସମିସ): ଆର୍ଜେଣ୍ଟିନାର ରୋସାରିଓ ଚାଲିଥିବା ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କନିଷ୍ଠ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଭାରତୀୟ ଦଳ ୨-୧ ଗୋଲରେ ଦକ୍ଷିଣ ଆମେରିକୀୟ ଦେଶ ଚିଲିକୁ ପରାସ୍ତ କରିଛି। ଭାରତ ପାଇଁ ଶୁଖବୀର କୌର ୩୯ତମ ଓ କନିକା ସିୱାଚ୍ ୫୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଚିଲି ତରଫରୁ ଜାଭେରିଆ ସାଏଞ୍ଜ ବିଂଶତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଭାରତ ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ଭାରତ ଏବେ ତା'ର ଦ୍ୱିତୀୟ ମୁକାବିଲାରେ ସୋମବାର ଅନ୍ୟତମ ଲାଟିନ ଆମେରିକୀୟ ଦେଶ ଉରୁଗୁଏକୁ ଭେଟିବ।

■ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଫାଇନାଲ ହାରି ଶ୍ରୀକାନ୍ତ ରନର୍ସଅପ୍

କ୍ୱାଲାଲମ୍ପୁର,୨୫।୫(ସମିସ): ସ୍ଥାନୀୟ ଅକ୍ସିଆଟା ଏରିନାରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି ଉପ- ବିଜେତା ହୋଇ ଅଭିଯାନ ଶେଷ କରିଛନ୍ତି। ରବିବାର ଅନୁଷ୍ଠିତ



ପୁରୁଷ ଏକକ ଫାଇନାଲ ମୁକାବିଲାରେ ଶ୍ରୀକାନ୍ତ ୧୧-୨୧, ୯-୨୧ ସିଧାସଳଖ ଗେମ୍‌ରେ ଚୀନ୍‌ର ଲି ସି ଫେଙ୍ଗଠାରୁ ମାତ୍ର ୩୬ ମିନିଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ୩୨ ବର୍ଷୀୟ ଶ୍ରୀକାନ୍ତ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲ କରିବାରେ ବିଫଳ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ଇଣ୍ଡିଆନ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ହୋଇଥିଲେ। ଶନିବାର ସେମିଫାଇନାଲରେ ସେ ଜାପାନର ବିଶ୍ୱର ୨୩ ନଂ ଖେଳାଳି ୟୁସି ତନାକାଙ୍କୁ ୨୧-୧୮, ୨୪-୨୨ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଶ୍ରୀକାନ୍ତ ଏବେ ବିଶ୍ୱ ମାନ୍ୟତାର ୪୭ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ପରାସ୍ତ ହୋଇ ବିଦାୟ ନେଇସାରିଥିଲେ।

**ଆଇପିଏଲ୍ ୧୮ | ଦମ୍ ଦେଖାଇଲେ ଯୁବ ଖେଳାଳି**

# ଶେଷ ମ୍ୟାଚ୍ ଜିତି ଶେଷରେ ରହିଲା ଚେନ୍ନାଇ



ଅହମ୍ମଦାବାଦ୍, ୨୫।୫ (ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୮୩ ରନ୍‌ର ବୃହତ୍ ବ୍ୟବଧାନରେ ଟେବଲ ଟପ୍ପର ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଆଇପିଏଲ୍ ଇତିହାସରେ ସର୍ବବୃହତ୍ ରନ୍ ବ୍ୟବଧାନରେ ପରାଜୟ ସତ୍ତ୍ୱେ ଗୁଜରାଟ ୧୪ଟି ମ୍ୟାଚ ଖେଳି ୯ ବିଜୟ ଓ ୫ ପରାଜୟ ସହ ଅଭିଯାନ ଶେଷ କରିଛି। ଏହା ଫଳରେ ଦଳ ଏବେ ସୁଦ୍ଧା ୧୮ ପଏଣ୍ଟ ପାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପଞ୍ଜାବ କିଙ୍ଗ୍‌ସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସେମାନଙ୍କ ଶେଷ ମ୍ୟାଚ୍ ଜିତିପାରିଲେ ଟେବଲର ଟପ୍ପର ହେବେ। ଅନ୍ୟ ପକ୍ଷରେ ୫ଥରର ଚାମ୍ପିଅନ ଓ ୫ ଥରର ରନର୍ସ ଅପ୍ ଚେନ୍ନାଇ ୧୪ଟି ମ୍ୟାଚ୍‌ରୁ ୪ଟି ବିଜୟ ସହ ୮ ପଏଣ୍ଟ ପାଇଛି। ରାଜସ୍ଥାନ ମଧ୍ୟ ୮ ପଏଣ୍ଟ ପାଇଛି। କିନ୍ତୁ ଚେନ୍ନାଇ ସୁପର କିଙ୍ଗ୍‌ସର ଖରାପ ନେଟ ରନ୍ ରେଟ୍ ଯୋଗୁଁ ୧୦ଟି ଦଳ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ଆଇପିଏଲ୍ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଥିରେ କି ଚେନ୍ନାଇ ପଏଣ୍ଟ ଟେବଲର ଶେଷ ସ୍ଥାନ ସହ ଅଭିଯାନ ଶେଷ କରିଛି। ଏହି ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ମହେନ୍ଦ୍ର ସିଂ ଧୋନି ମଧ୍ୟ ଶାନ୍ତ୍ୱନାମୂଳକ ବିଜୟ ସହ ସିଜନ ଶେଷ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୧୦ଥର ଫାଇନାଲ ଖେଳିଥିଲେ ମଧ୍ୟ ଶେଷରେ ସେ ହାର ମାନି ନକରାତ୍ମକ ରେକର୍ଡ କରି ଚଳିତ ସିଜନ ଶେଷ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ୨୩ଟି ବଲ ଖେଳି ୪ ଚୌକା ଓ ୫ ଛକା ସହ ସର୍ବାଧିକ ୫୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକୀୟ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସମ୍ମାନ ମିଳିଛି।

| ଆଇପିଏଲ୍‌ରେ ଆଜି | |
|---|---|
| ପଞ୍ଜାବ ବନାମ ମୁମ୍ବାଇ | |
| ଜୟପୁର/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର |

### ନୁର, ଅଂଶୁଲଙ୍କ ଚମତ୍କାର ବୋଲିଂ

ଦୁଇ ବିଦେଶୀ ଖେଳାଳି ଡେଭନ କନୱେ (୫୨) ଓ ଡିୱାଲ୍ଡ ବ୍ରେଭିସ (୫୭)ଙ୍କ ଅର୍ଦ୍ଧଶତକ ବଳରେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ୫ ୱିକେଟରେ ୨୩୦ ରନ୍ କରିଥିଲା। ଚଳିତ ସିଜନରେ ଦଳର ଏହା ସର୍ବାଧିକ ଦଳଗତ ସ୍କୋର ହୋଇଥିଲା। ଜବାବରେ ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ପ୍ରତିପକ୍ଷ ନୁର ଅହମ୍ମଦ୍ ଓ ଅଂଶୁଲ କାମ୍ବୋଜଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୯ଟି ବଲ୍ ବାକିଥାଇ ୧୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ପ୍ରଥମଥର ଲାଗି ଦଳର ୩ଜଣ ଯାକ ଟପ୍ ଅର୍ଡର ବ୍ୟାଟର ଅଧିନାୟକ ଶୁବମନ ଗିଲ୍ (୧୩), ଜୋଶ ବଟ୍ଲର (୫) ଓ ସାଇ ସୁଦର୍ଶନ (୪୧) ବ୍ୟାଟିଂରେ ଫେଲ ମାରିଥିଲେ। ସୁଦର୍ଶନ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ ମଧ୍ୟ ଦଳକୁ ସେ ନକରାତ୍ମକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟ କୌଣସି ବ୍ୟାଟର ମଧ୍ୟ ଚେନ୍ନାଇ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ଶାହରୁଖ ଖାନ୍ (୧୯), ରାହୁଲ ତେୱାତିଆ (୧୪), ରାଶିଦ୍ ଖାନ୍ (୧୨) ଓ ଅଲରାଉଣ୍ଡର ଜେରାଲ୍ଡ କୋଏଜି (୫) ରନ୍ କରି ବିଫଳ ହୋଇଥିଲେ। ପୂର୍ବରୁ ଏମାନେ କିଛି ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ମିଳିତ ଭାବେ ଫେଲ୍ ମାରିଥିଲେ। ଚେନ୍ନାଇ ପକ୍ଷରୁ ଆଫଗାନ ସ୍ପିନର ଓ ହରିୟାଣାର ପେସ୍ ବୋଲର ଅଂଶୁଲ କାମ୍ବୋଜ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଏହା ଫଳରେ ନୁରଙ୍କ ୱିକେଟ ସଂଖ୍ୟା ଚଳିତ ସିଜନରେ ୨୪ରେ ପହଞ୍ଚିଛି। ଆଇପିଏଲ୍-୨୦୨୫ରେ ମଧ୍ୟ ସେ ସର୍ବାଧିକ ୨୪ଟି ୱିକେଟ ଅକ୍ତିଆର କରିଛନ୍ତି।



### କନ୍‌ୱେ, ବ୍ରେଭିସ୍‌ଙ୍କ ଅର୍ଦ୍ଧଶତକ

ଏଠାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଟିମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚଳିତ ସିଜନରେ ବଦଳ ଖେଳାଳି ରୂପେ ଖେଳିଥିବା ଯୁବ ଓପନର କରିଥିବା ଆୟୁଷ ମହାତ୍ରେ ୧୭ ବଲ୍‌ରେ ୩୪ ରନ୍, ଉର୍ଭିଲ ପଟେଲ ୧୯ ବଲ୍‌ରେ ୧୯ ବଲ୍‌ରେ ୩୭ ଓ ବ୍ରେଭିସ୍ ୨୩ ବଲ୍‌ରେ ୫୭ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ୩ ବରିଷ୍ଠ ଖେଳାଳି ଡେଭନ କନୱେ ୩୫ ବଲ୍‌ରେ ୫୨, ଶିବମ ଦୁବେ ୮ ବଲ୍‌ରୁ ୧୭ ଓ ରବୀନ୍ଦ୍ର ଜାଡେଜା ୧୮ ବଲ୍‌ରୁ ଅପରାଜିତ ୨୧ ରନ୍ କରିବା ଫଳରେ ଦଳ ୮/୨୩୦ ରନ୍‌ର ଏକ ବିଶାଳ ସ୍କୋର କରିଥିଲା। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଚେନ୍ନାଇ ସୁପର କିଙ୍ଗ୍‌ସ : ୨୩୦/୫, ୨୦ ଓଭର** (ଡିୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୁଷ ମହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨)।

**ଗୁଜରାଟ ଟାଇଟନ୍ସ : ୧୪୭/୧୦, ୧୮.୩ ଓଭର** (ସାଇ ସୁଦର୍ଶନ-୪୧, ଅର୍ଶାଦ୍ ଖାନ୍-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମ୍ମଦ୍-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

**ଆମେର୍ସଫୁର୍ଟ୍‌ରୁ ଜେନିଭା ପର୍ଯ୍ୟନ୍ତ**

# ଟାଇଟଲ ହାସଲରେ ବିରଳ ଶତକ



ସର୍ବିଆର ଅଭିଜ୍ଞ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ଖେଳ ଜାରି ରଖିଥିଲେ ମଧ୍ୟ କିଂବଦନ୍ତୀ ଆଖ୍ୟା ଅର୍ଜନ କରିସାରିଛନ୍ତି। ଓପନ୍ ଏରାରେ ସେ ଆଉ ଏକ ବଡ଼ ଉପଲବ୍ଧି ହାସଲ କରି ବିଶ୍ୱ ଟେନିସରେ ନିଜର ପ୍ରଭୁତ୍ୱ ଜାହିର କରିଛନ୍ତି। ଜେନିଭା ଓପନ୍ ଏଟିପି ଟୁର ୨୫୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ସେ କ୍ୟାରିଅରର ୧୦୦ତମ ଏଟିପି ଟୁର ଟାଇଟଲ ଜିତିଛନ୍ତି। ଫାଇନାଲ ମୁକାବିଲାରେ ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ସେ ପୋଲାଣ୍ଡ ହୁବର୍ଟ ହୁରକାଜଙ୍କୁ ୫-୭, ୭-୬, ୭-୬ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଟେନିସରେ ୧୯୬୮ରେ ଓପନ୍ ଏରାର ପ୍ରାରମ୍ଭ ହୋଇଥିଲା। ଏହାପରେ ସବୁ ଖେଳାଳିଙ୍କୁ ଆମେଚର ଓ ପେସାଦାର ଟେନିଟର ୪ଟି ଗ୍ରାଣ୍ଡସ୍ଲାମରେ ଭାଗ ନେବାକୁ ଅନୁମତି ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ଲମ୍ବା ଯାତ୍ରା ନେଦରଲାଣ୍ଡସର ଆମେରର୍ସଫର୍ଟରୁ ଆରମ୍ଭ ହୋଇ ଏବେ ଜେନିଭାରେ ପହଚିଛି। ଅର୍ଥାତ ୨୦୦୬ରେ ଆମେର୍ସଫୁର୍ଟ୍‌ରେ ହିଁ ସେ ନିଜ କ୍ୟାରିଅରର ପ୍ରଥମ ଏଟପି ଟୁର ଟାଇଟଲ ହାସଲ କରିଥିଲେ ଓ ଇତିମଧ୍ୟରେ ୧୯ ବର୍ଷ ବିତି ଯାଇଛି। ଗତ ଗୁରୁବାର ଜୋକୋଭିଚ୍ ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଶେଷରେ ତାଙ୍କର ଏହି ୧୦୦ତମ ଟାଇଟଲ ସ୍ୱପ୍ନ ସାକାର ହୋଇଛି। ଗତ ମାଦ୍ରିଦ୍ ଓପନ୍‌ରେ ପ୍ରଥମ ରାଉଣ୍ଡ ପରାଜୟ ପରେ ସେ ନିଜ କୋଚ୍ ବ୍ରିଟେନର ଆଣ୍ଡି ମୁରେଙ୍କଠାରୁ ସମ୍ପର୍କ ଛିନ୍ନ କରିଥିଲେ।

**୧୦୦ କ୍ଲବରେ ୭ ଖେଳାଳି**

ତାଙ୍କ ପୂର୍ବରୁ କେବଳ ସ୍ୱିଜରଲାଣ୍ଡର ରୋଜର ଫେଡରର ୧୦୩ ଓ ଆମେରିକାର ଜିମ୍ମି କର୍ଣ୍ଣର୍ସ ୧୦୯ ଟାଇଟଲ ହାସଲ କରି ଏହି ଏଲିଟ କ୍ଲବରେ ସ୍ଥାନ ପାଇଥିଲେ। ଏକଦା ଫେଡରର ମଧ୍ୟ ଜୋକୋଭିଚ୍‌ଙ୍କ କଡ଼ା ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଅନପଟେ ମହିଳା ବିଭାଗରେ ମାର୍ଟିନ ନାଭ୍ରାତିଲୋଭା ୧୬୭, କ୍ରିସ୍ ଏଭେର୍ଟ ୧୫୭ ଓ ଜର୍ମାନୀ ଷ୍ଟେଫି ଗ୍ରାଫ୍ ୧୦୭ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି ଏହି ୧୦୦ କ୍ଲବରେ ସ୍ଥାନ ପାଇଛନ୍ତି। ଉଭୟ ପୁରୁଷ ଓ ମହିଳା ଟେନିସକୁ ବିଚାର କଲେ ମୋଟ୍ ୭ ଜଣ ଖେଳାଳି ୧୦୦ରୁ ଊର୍ଦ୍ଧ୍ୱ ଟାଇଟଲ ଜିତି ଏହି ହଣ୍ଡ୍ରେଡ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି।

### ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତିବାରେ ପ୍ରଥମ

ଜୋକୋଭିଚ୍ ବିଶ୍ୱର ଏକମାତ୍ର ଖେଳାଳି ଭାବେ ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏଥିରେ ଏକ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ବିଶ୍ୱର ପ୍ରାୟ ସବୁ ଟୁର୍ଣ୍ଣାମେନଟ୍‌ରେ ଟାଇଟଲ ଜିତିଛନ୍ତି।

**ସର୍ବାଧିକ ଟାଇଟଲ ହାସଲକାରୀ ଖେଳାଳି**

| ଖେଳାଳି | ଦେଶ | ସଂଖ୍ୟା |
|---|---|---|
| ଜିମ୍ମି କର୍ଣ୍ଣର | ଆମେରିକା | ୧୦୯ |
| ରୋଜର ଫେଡରର | ସ୍ୱିଜରଲାଣ୍ଡ | ୧୦୩ |
| ନୋଭାକ ଜୋକୋଭିଚ୍ | ସର୍ବିଆ | ୧୦୦* |
| ଇଭାନ ଲେଣ୍ଡଲ | ଚେକ ଗଣରାଜ୍ୟ | ୯୪ |
| ରାଫେଲ ନାଦାଲ | ସ୍ପେନ୍ | ୯୨ |

**ଜୋକୋଭିଚ୍‌ଙ୍କ ୧୦୦ଟି ଟାଇଟଲ**

| | |
|---|---|
| ଗ୍ରାଣ୍ଡସ୍ଲାମ | ୨୪ |
| ଏଟିପି ଫାଇନାଲ୍ସ | ୭ |
| ଏଟିପି ୧୦୦୦ ମାଷ୍ଟର୍ସ | ୪୦ |
| ଏଟିପି ୫୦୦ | ୧୫ |
| ଏଟିପି ୨୫୦ | ୧୩ |
| ଅଲିମ୍ପିକ୍ସ | ୧ |

### ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ

ସବୁ ପ୍ରକାର ସଫଳତା ଅର୍ଜନ କରିଥିଲେ ମଧ୍ୟ ଜୋକୋଭିଚ୍ ଅଲିମ୍ପିକ୍ସରେ ସଫଳତା ପାଇ ନଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ଏକକରେ କାଂସ୍ୟ ପଦକ ହାସଲ କରିଥିଲେ ମଧ୍ୟ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ ଓ ଏ ନେଇ ତାଙ୍କର ଏକ ବଡ଼ ଅବଶୋସ ରହିଥିଲା। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ଏକକ ଫାଇନାଲରେ ସ୍ପେନ ଯୁବ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

### ୨୫ତମ ଗ୍ରାଣ୍ଡସ୍ଲାମ ପାଇଁ ଫ୍ରେଞ୍ଚ୍ ଓପନ୍

୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ ଆଉ ଗୋଟିଏ ଟାଇଟଲ ହାସଲ କଲେ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ଇତିହାସ ସୃଷ୍ଟି କରିବେ। ସେ ପୁରୁଷ ବିଭାଗରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତେବେ ଅଷ୍ଟ୍ରେଲିଆ ମହିଳା କିଂବଦନ୍ତୀ ମାର୍ଗାରେଟ୍ କୋଟ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ତେଣୁ ଆଉ ଗୋଟିଏ ଟାଇଟଲ ଜିତିଥିଲେ ସେ କୋର୍ଟଙ୍କୁ ପଛରେ ପକାଇ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିବେ। ସୋମବାର ସେ ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଭେଟି ଅଭିଯାନ ଆରମ୍ଭ କରିବେ।

## ରାମଲାଲାଙ୍କୁ ଦର୍ଶନ କଲେ ବିରୁଷ୍କା



ଅଯୋଧ୍ୟା,୨୫।୫(ସମିସ): ଟେଷ୍ଟରୁ କିଛିଦିନ ଦଳେ ଅବସର ଘୋଷଣା କରିଥିବା ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଅଯୋଧ୍ୟା ଗସ୍ତ କରି ରାମଲାଲାଙ୍କ ଦର୍ଶନ କରିଛନ୍ତି। ରବିବାର ସକାଳ ୭ଟାରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ। କିନ୍ତୁ ରାମ ମନ୍ଦିରରେ ଦୁହିଁଙ୍କ ଫଟୋ ସାମ୍ନାକୁ ଆସିନାହିଁ। ରାମଲାଲାଙ୍କୁ ଦର୍ଶନ କରିବା ପରେ ଦୁହେଁ ହନୁମାନ ଗଡିରେ ପହଞ୍ଚିଥିଲେ। କୋହଲି ୧ କେଜି ୨୫ ଗ୍ରାମ୍‌ର ଲଡୁ ଓ ଫୁଲ ଚଢ଼ାଇଥିଲେ। ପୁଜାରୀ ତାଙ୍କୁ ଧଳା ରଙ୍ଗର ଫୁଲମାଳା ପିନ୍ଧାଇବା ସହ ଆଶୀର୍ବାଦ ଦେଇଥିଲେ। ସେହିପରି ଅନୁଷ୍କାଙ୍କୁ ପୂଜାରୀ ହଳଦିଆ ରଙ୍ଗର ମାଳା ପିନ୍ଧିବାକୁ ଦେଇଥିଲେ। ଅନୁଷ୍କାଙ୍କ ହାତଧରି କୋହଲି ମନ୍ଦିର ପରିକ୍ରମା କରିଥିଲେ। ଦୁହେଁ ସେଠାରେ ୨୦ ମିନିଟ୍ ରହିଥିଲେ। ହନୁମାନ ଗଡିରେ ମହନ୍ତ ହନୁମାନଙ୍କ ପ୍ରତୀମା ଉପହାର ପ୍ରଦାନ କରିଥିଲେ। ଉଲ୍ଲେଖଥାଉ କି, ଟେଷ୍ଟରୁ ସନ୍ୟାସ ନେବା ପରେ କୋହଲି ଓ ଅନୁଷ୍କା ବୃନ୍ଦାବନରେ ଯାଇ ସେଠାରେ ପ୍ରେମାନନ୍ଦ ଜୀ ମହରାଜଙ୍କୁ ସାକ୍ଷାତ କରିଥିଲେ। ପ୍ରେମାନନ୍ଦ ଜୀଙ୍କ ଆଶ୍ରମରେ ଦୁହେଁ ୨ ଘଣ୍ଟା ୨୦ ମିନିଟ୍ ସମୟ ବିତାଇଥିଲେ। ମେ ୧୨ ତାରିଖରେ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେହିପରି ଟି-୨୦ ବିଶ୍ୱକପ୍ ବିଜୟ ପରେ ସେ ଓ ରୋହିତ ଶର୍ମା କ୍ରିକେଟର ଏହି ଛୋଟ ଫର୍ମାଟ୍‌ରୁ ଅବସର ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS